

ଜଗତସିଂହପୁର ଜିଲ୍ଲାର ଗର୍ବ ଓ ଗୌରବ
ଜଳ ସଂପଦ, ସୂଚନା ଓ ଲୋକସଂପର୍କ ବିଭାଗ ମନ୍ତ୍ରୀ
ରଘୁନନ୍ଦନ ଦାସ

ସତ୍ୟ ଓ ତଥ୍ୟ ଭିତ୍ତିକ ସମ୍ବାଦ

RNI Regd No : ODIODI/2016/74122

# ସଂପର୍କବାର୍ତ୍ତା

SAMPARK BARTA ODIA WEEKLY

www.samparkabarta.in

ଜଗତସିଂହପୁର ଜିଲ୍ଲାର ସମ୍ମାନ, ଗର୍ବ ଓ ଗୌରବ

IAS COLLECTOR



PARUL PATAWARI

| Vol.5 | Issue- 37 | February 21 to 27, 2022, | Jagatsinghpur | Page-8 | Rs. 5/- |
|---|---|---|---|---|---|
| ବର୍ଷ-୫ | ସଂଖ୍ୟା- ୩୭ | ଫେବୃୟାରୀ ୨୧ ରୁ ୨୭, ୨୦୨୨, | ଜଗତସିଂହପୁର, | ପୃଷ୍ଠା-୮ | ମୂଲ୍ୟ-୫ଟଙ୍କା |


# ଗୁଜବରେ ବିଜେଡିକୁ ପିଟିଦେଇଗଲେ ଭୋଟ !

**ଜଗତସିଂହପୁର(ରାମଚନ୍ଦ୍ର ମହାନ୍ତି, ରାଜ୍ୟ ପ୍ରତିନିଧି)**

ମୁଖ୍ୟମନ୍ତ୍ରୀଙ୍କ ସ୍ୱାସ୍ଥ୍ୟକୁ ନେଇ ଗୁଜବ କରୁଥିବା କିଛି କୁଚକ୍ରି ଗୋଷ୍ଠୀଙ୍କୁ ଶକ୍ତ ଚାପୁଡା ଲାଗିଛି। ବିରୋଧୀ ଏଭଳି ଚାଲ୍ କରୁଥିବାକୁ ଉଚିତ୍ ଜବାବ ଦେଇଛନ୍ତି ମୁଖ୍ୟମନ୍ତ୍ରୀ ବୋଲି ଆଲୋଚନା ହେଉଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ସନ୍ଧ୍ୟାରେ ଶ୍ରୀ ଲିଙ୍ଗରାଜ ମନ୍ଦିର ପରିଦର୍ଶନ ଓ ଅନ୍ୟାନ୍ୟ କାର୍ଯ୍ୟର ସମୀକ୍ଷା କରିଥିବା ବେଳେ ଏହା ବିରୋଧୀଙ୍କୁ ଶକ୍ତ ଧକ୍କା ଲାଗିଛି। ସୂଚନା ଅନୁସାରେ ଏବେ ରାଜ୍ୟରେ ପଞ୍ଚାୟତ ନିର୍ବାଚନ ଚାଲିଥିବା ବେଳେ କେତେକ ନିନ୍ଦୁକ ମୁଖ୍ୟମନ୍ତ୍ରୀଙ୍କ ସ୍ୱାସ୍ଥ୍ୟକୁ ନେଇ ଅପପ୍ରଚାର କରିଥିଲେ। ଏହି ଅପପ୍ରଚାର ପଛରେ ଜଣେ ପୂର୍ବତନ ଓ ଜଣେ ଏବେକାର ସାଂସଦଙ୍କ ହାତ ଥିବା କୁହାଯାଉଛି। ମୁଖ୍ୟମନ୍ତ୍ରୀଙ୍କ ସ୍ୱାସ୍ଥ୍ୟକୁ ନେଇ ଅପପ୍ରଚାର ହେବା ପରେ ଗତ ଶୁକ୍ରବାର ଦିନ ମୁଖ୍ୟମନ୍ତ୍ରୀ ଶ୍ରୀ ଲିଙ୍ଗରାଜ ପରିଦର୍ଶନରେ ଆସିଥିଲେ। ଏହି ସମୟରେ ଗଣମାଧ୍ୟମ ପ୍ରତିନିଧି ମୁଖ୍ୟମନ୍ତ୍ରୀଙ୍କୁ ତାଙ୍କ ସ୍ୱାସ୍ଥ୍ୟକୁ ନେଇ ପ୍ରଶ୍ନ ପଚାରିବାରୁ ସେ ସିଧାସଳଖ କହିଥିଲେ, ଯେତେବେଳେ ନିର୍ବାଚନ ଆସେ ସେତେବେଳେ ମୋ ସ୍ୱାସ୍ଥ୍ୟକୁ ନେଇ ପ୍ରଶ୍ନ



ଉଠାଯାଏ। ମୁଁ ସଂପୂର୍ଣ୍ଣ ସୁସ୍ଥ ଅଛି ଓ ଓଡ଼ିଶାବାସୀଙ୍କ ସେବା କରୁଛି। ଏହି ଖବର ବିଜୁଳି ବେଗରେ ପ୍ରଚାର ହେବା ପରେ ଭୋଟରମାନେ ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତଥା ବିଜେଡି ଦଳକୁ ଭୋଟ ଦେଇଥିବା କୁହାଯାଉଥିବା ବେଳେ ଅଧିକାଂଶ ଭୋଟର ଶଙ୍ଖ ଚିହ୍ନକୁ ଭୋଟ ପିଟିଥିବା କହୁଛନ୍ତି। ଏହାକୁ ଶୁଣି କିଛି ବିରୋଧୀ ଏପରି ଗୁଜବ ଯୋଗୁଁ ଆମ ଦଳର କ୍ଷତି ହେଲା ବୋଲି ଆଲୋଚନା କରୁଛନ୍ତି। ଉଲ୍ଲେଖ ଥାଉକ ଗତ ଜାନୁଆରୀ ମାସରେ ମଧ୍ୟ ଏଭଳି ଏକ ଅପପ୍ରଚାର କରାଯାଇଥିଲା। ଜାନୁଆରୀ ୨୬ରେ ମୁଖ୍ୟମନ୍ତ୍ରୀ ପ୍ୟାରେଡ୍‌ରେ ଯୋଗଦେବା ପରେ ଶକ୍ତ ଧକ୍କା ଲାଗିଥିଲା। ଏବେ ପୁଣି ଥରେ ବିରୋଧୀଙ୍କୁ ଶକ୍ତ ଚାପୁଡା ଲାଗିଛି ବୋଲି କୁହାଯାଉଛି।

## ନବୀନଙ୍କୁ ଜାତିସଂଘର ପ୍ରଶଂସା

**ଭୁବନେଶ୍ୱର(ରାମଚନ୍ଦ୍ର ମହାନ୍ତି, ରାଜ୍ୟ ପ୍ରତିନିଧି):-** ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଆଲୋଚନା କଲେ ୟୁନାଇଟେଡ୍ ନେସନ୍ ୱାର୍ଲ୍ଡ ଫୁଟ୍ କାର୍ଯ୍ୟକ୍ରମର କଣ୍ଟ୍ରି ଡାଇରେକ୍ଟର ବିଶ୍ୱ ପାରାଜୁଲି। ରାଜ୍ୟରେ ଖାଦ୍ୟକୁ ନେଇ ଚାଲିଥିବା ବିଭିନ୍ନ କାର୍ଯ୍ୟକ୍ରମ ସଂପର୍କରେ ଆଲୋଚନା ହୋଇଛି। ରାଜ୍ୟ ସରକାର ଆପଣାଇଥିବା ବିଭିନ୍ନ କାର୍ଯ୍ୟକ୍ରମକୁ ପ୍ରଶଂସା କରିବା ସହ ରାଜ୍ୟ ସରକାରଙ୍କ ସହଭାଗିତାରେ ଆହୁରି ଅନେକ କାର୍ଯ୍ୟ ହାତକୁ ନିଆଯାଇଛି ବୋଲି କହିଛନ୍ତି ବିଶ୍ୱ ପାରାଜୁଲି। ଆଗାମୀ ଦିନରେ ରାଜ୍ୟକୁ କ୍ଷୁଧା ମୁକ୍ତ କରିବା ପାଇଁ ଲକ୍ଷ୍ୟ




ରଖାଯାଇଛି। ସେହିପରି ରାଜ୍ୟରେ ଶିଶୁଙ୍କ ଅପପୃଷ୍ଟି ରୋକିବା ଦିଗରେ ରାଜ୍ୟ ସରକାରଙ୍କ ଉଦ୍ୟମକୁ ପ୍ରଶଂସା କରିଛନ୍ତି। (ପୃଷ୍ଠା-୨)

# ଭିଜିଲାନ୍ସ ନିର୍ଦ୍ଦେଶକ ଯଶୋବନ୍ତ ଜେଠୱାଙ୍କୁ ପ୍ରଶଂସା

**ଭୁବନେଶ୍ୱର(ରାମଚନ୍ଦ୍ର ମହାନ୍ତି, ରାଜ୍ୟ ପ୍ରତିନିଧି):-** ଓଡ଼ିଶା ଭିଜିଲାନ୍ସ ବିଭାଗକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଉଛି। ବିଶେଷ କରି ଭିଜିଲାନ୍ସ ନିର୍ଦ୍ଦେଶକ ଯଶୋବନ୍ତ ଜେଠୱାଙ୍କୁ ଭୂୟଂଶି ପ୍ରଶଂସା କରାଯାଉଛି। ପୁଣି ବ୍ୟୁରୋକ୍ରାଷ୍ଟ ମହଲରୁ ଏପରି ପ୍ରଶଂସା କରାଯାଉଥିବା ବେଳେ ରାଜ୍ୟର ଜନସାଧାରଣଙ୍କ ଉପରେ ମଧ୍ୟ ଆଶିର୍ବାଦ କରାଯାଉଛି। କାରଣ ସାଧାରଣ ଜନତାଙ୍କ ଅର୍ଥକୁ ବାଟବଣା କରିବା ହେଉ କିମ୍ବା ଚୋରି କରି ହେଉ କୋଟି କୋଟି ଦେଉଥିବା ସରକାରୀ ଅଫିସରମାନଙ୍କୁ ବନ୍ଧାଯାଉଥିବା ନେଇ ଏହି ପ୍ରଶଂସା ଓ ଆଶିର୍ବାଦର କାରଣ



## ଆକ୍ସନ ମୁଡ୍‌ରେ ଭିଜିଲାନ୍ସ

## ପୁଣି ସୁନାବେଡାର ଯନ୍ତ୍ରୀ ଫସିଲେ(ପୃଷ୍ଠା-୨)

ବୋଲି ଜଣାପଡୁଛି। ସୂଚନା ଥାଉକି ଓଡ଼ିଶା ଭିଜିଲାନ୍ସ ଗତ ଦେଢ ମାସରେ ୩୧ଟି ମାମଲା ରୁଜୁ କରିବା ସହ ୨୩ଜଣ ସରକାରୀ ଚାକିରୀଆଙ୍କୁ ଗିରଫ କରିଛି। ସେମାନଙ୍କ ମଧ୍ୟରୁ ୪ଜଣ ପ୍ରଥମ ଶ୍ରେଣୀ(କ୍ଲାସ୍-୧) ଅଧିକାରୀ ଥିବା ସଂପର୍କରେ ଭିଜିଲାନ୍ସ ନିର୍ଦ୍ଦେଶକ ଶ୍ରୀ ଜେଠୱା ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଓଡ଼ିଶା ଭିଜିଲାନ୍ସର କୌଶଳ ସଂପର୍କରେ ଗତ ସପ୍ତାହରେ ନିର୍ଦ୍ଦେଶାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ଜେଠୱା ଏହି ସୂଚନା ଦେଇଥିବାର ପ୍ରଚାର ଓ ପ୍ରସାର ଜୋର୍‌ଦାର ରାଜ୍ୟରେ ହୋଇଛି। ମୋ ସରକାର ଯୋଜନାକୁ ପ୍ରାଧାନ୍ୟ ଦେବା ସହ ତଥ୍ୟ ଓ ସୂଚନାକୁ ଆଧାର କରି ଏବେ ଭିଜିଲାନ୍ସ ତା (ପୃଷ୍ଠା-୨)

## କଟକରେ ପାଣ୍ଡିଆନ୍ ସାର୍‌ଙ୍କୁ କୃତଜ୍ଞତା

**ସରକାର ଆସିବ ଯିବ, ଅଫିସରମାନେ ଆସିବେ ଯିବେ କିନ୍ତୁ କିଛି ଅଫିସରଙ୍କ ମହାନ୍ କାର୍ଯ୍ୟ ସବୁବେଳେ ମନେରହିବ। ଆଜି କଟକ ସହରର ଯେଉଭଳି ସୌନ୍ଦର୍ଯ୍ୟକରଣ କରାଯାଉଛି ଆଉ କିଛି ଦିନ ପରେ ବିରୋଧୀ ବି ପ୍ରଶଂସା କରିବେ। କଟକ ସହରର ସୌନ୍ଦର୍ଯ୍ୟକରଣ ପାଇଁ ଚେଷ୍ଟା ଜାରି ରଖିଥିବାରୁ ଆମ ହୃଦୟରୁ ଆମ ତରଫରୁ ପାଣ୍ଡିଆନ୍ ସାର୍‌ଙ୍କୁ କୃତଜ୍ଞତା ଜଣାଉଛୁ।**

(ସୋସିଆଲ୍ ମିଡିଆରୁ...)



# ଆକ୍ସନ ମୁଡ୍‌ରେ ଜିଲ୍ଲାପାଳ ପାରୁଲ୍ ପଟୱାରୀ





## ଜଗତସିଂହପୁର ଜିଲ୍ଲାରେ ପଞ୍ଚାୟତ ନିର୍ବାଚନ

ଜଗତସିଂହପୁର ଜିଲ୍ଲାରେ ୩ୟ ପର୍ଯ୍ୟାୟ ନିର୍ବାଚନ ଶାନ୍ତି ଶୃଙ୍ଖଳାର ସହ ଶେଷ ହୋଇଛି। ଆଜି(୨୦ ତାରିଖ) ୩ୟ ପର୍ଯ୍ୟାୟ ଭୋଟ୍ ବିରିଡି ବ୍ଲକ୍‌ର ୨ଟି ଜିଲ୍ଲା ପରିଷଦ ଜୋନ୍ ଓ ତିର୍ତ୍ତୋଲ୍ ବ୍ଲକ୍‌ର ୪ଟି ଜିଲ୍ଲା ପରିଷଦ ଜୋନ୍‌ରେ ପଞ୍ଚାୟତ ନିର୍ବାଚନ ଅତି ଶୃଙ୍ଖଳିତ ଭାବେ ଶେଷ ହୋଇଛି। ଜିଲ୍ଲାପାଳ ପାରୁଲ୍ ପଟୱାରୀଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ତୃତୀୟ ପର୍ଯ୍ୟାୟ ନିର୍ବାଚନ ଶୃଙ୍ଖଳିତ ଭାବେ ଶେଷ ହୋଇଥିବାକୁ ବିଭିନ୍ନ ରାଜନୈତିକ ବିଶେଷଜ୍ଞ, ବୁଦ୍ଧିଜୀବୀ ଓ ଜିଲ୍ଲାବାସୀଙ୍କ ମଧ୍ୟରେ ପ୍ରଶଂସା କରାଯାଇଆସୁଛି। ଜିଲ୍ଲାପାଳ ଶ୍ରୀମତୀ ପଟୱାରୀ ଶୃଙ୍ଖଳିତ ଭାବେ ନିର୍ବାଚନ ପରିଚାଳନା ବେସ୍ ପ୍ରଶଂସନୀୟ ହୋଇପଡିଥିବା ଆଲୋଚନା ହେଉଛି।

## ରାଜ୍ୟପାଳଙ୍କ ଦ୍ୱାରା ଖୋର୍ଦ୍ଧା ଜିଲ୍ଲାପାଳ ସଂଗ୍ରାମ କେଶରୀ ମହାପାତ୍ରଙ୍କ ୨ଟି ପୁସ୍ତକ ଉନ୍ମୋଚିତ



**ଭୁବନେଶ୍ୱର(ପରମେଶ୍ୱର ଦାଶ):-** ମାନ୍ୟବର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ସ୍ୱନାମଧନ୍ୟ ଲେଖକ ତଥା ଖୋର୍ଦ୍ଧା ଜିଲ୍ଲାପାଳ ସଂଗ୍ରାମ କେଶରୀ ମହାପାତ୍ର ଲିଖିତ ୨ଟି ପୁସ୍ତକର ଶୁଭ ଉନ୍ମୋଚନ କରିଛନ୍ତି। ଏହି ପୁସ୍ତକ ଦୁଇଟି ହେଉଛି ଆନ୍ତର୍ଜାତିକ ଖ୍ୟାତିସଂପନ୍ନ ସାହିତ୍ୟିକ ତଥା ଜ୍ଞାନପୀଠ ବିଜେତା ପଦ୍ମବିଭୂଷଣ ସୀତାକାନ୍ତ ମହାପାତ୍ରଙ୍କ ଆତ୍ମଜୀବନୀର ଇଂରାଜୀ ଅନୁବାଦ ‘ମାଇଁ ଫାର୍ଷ୍ଟ ଥାର୍ଟି ଫାଇଫ୍ ଇଅର୍ସ’(My First Thirty Five Years) ଏବଂ ଲେଖକଙ୍କ ସ୍ୱରଚିତ ଓଡ଼ିଆ ପୁସ୍ତକ- “ଗାଁରେ ସେହି ସବୁ ଦିନ”। ପ୍ରଥମ ପୁସ୍ତକଟି ନୂଆଦିଲ୍ଲୀର ‘ଅଥର୍ସ ପ୍ରେସ୍’ ଦ୍ୱାରା ଏବଂ ଦ୍ୱିତୀୟଟି କଟକର (ପୃଷ୍ଠା-୨)

# ନିଜ ସୁରକ୍ଷା ପାଇଁ ସାମ୍ବାଦିକ ଏକ ହୁଅନ୍ତୁ

**ଭୁବନେଶ୍ୱର(ରାମଚନ୍ଦ୍ର ମହାନ୍ତି, ରାଜ୍ୟ ପ୍ରତିନିଧି):-** ପଞ୍ଚାୟତ ନିର୍ବାଚନ ସମୟରେ ଯେଉଁପରି ଭାବରେ ବିଭିନ୍ନ ସ୍ଥାନରେ ସାମ୍ବାଦିକମାନଙ୍କୁ ମରଣାନ୍ତକ ଆକ୍ରମଣ କରାଯାଉଛି ଏସବୁ ଚିନ୍ତାର ବିଷୟ ହୋଇପଡିଛି ବୋଲି ବୁଦ୍ଧିଜୀବୀଙ୍କ ମହଲରେ ଚିନ୍ତାର ବିଷୟ ହୋଇଛି। ଗଣତନ୍ତ୍ର ୪ର୍ଥ ସ୍ତମ୍ଭ କୁହାଯାଉଥିବା ଗଣମାଧ୍ୟମ ତଥା ସାମ୍ବାଦିକଙ୍କ ଉପରେ ଏପରି ଆକ୍ରମଣ ଏକ ନିନ୍ଦନୀୟ ଘଟଣା ବୋଲି ଅଭିଯୋଗ ମଧ୍ୟ କରୁଛନ୍ତି ଓ ଦୁଃଖ ପ୍ରକାଶ ମଧ୍ୟ କରୁଛନ୍ତି। ଗତ ଶନିବାର ଦିନ ରାଜ୍ୟ ସାମ୍ବାଦିକ ସଂଘର ଏକ ପ୍ରତିନିଧି ମଣ୍ଡଳୀ ରାଜ୍ୟ ନିର୍ବାଚନ ଆୟୁକ୍ତଙ୍କୁ ଦେଖାକରି ଅଭିଯୋଗ ପତ୍ର ଦେଇ ଆକ୍ରମଣକାରୀଙ୍କ ପ୍ରତି ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଦାବି କରିଥିବା ବେଳେ ରବିବାର ଦିନ ଅନ୍ୟଏକ ସାମ୍ବାଦିକ ପ୍ରତିନିଧି ମଣ୍ଡଳୀ ମାନ୍ୟବର ଆୟୁକ୍ତଙ୍କୁ ଦେଖାକରି ସମାନ ଦାବି କରିଛନ୍ତି। ଯାହାଫଳରେ ପୃଥକ ପୃଥକ ପ୍ରତିନିଧି ମଣ୍ଡଳୀଙ୍କ ଅଭିଯୋଗ ଓ ଦାବିକୁ ଗ୍ରହଣ କରି ମାନ୍ୟବର ଆୟୁକ୍ତଙ୍କ ନିର୍ଦ୍ଦେଶ କ୍ରମେ ଆକ୍ରମଣକାରୀ ୨୨ଜଣଙ୍କୁ ପୋଲିସ୍ ଉଠାଇ ଆଣି ଅଟକ ରଖିଥିବା ଖବର ସାମ୍ବାଦିକମାନଙ୍କ ପାଇଁ ସମ୍ମାନ ବିଷୟ ହୋଇଯାଇଛି। ଆଗକୁ ପୌର ନିର୍ବାଚନ ଆସୁଥିବାରୁ ସେଥିଲାଗି ପ୍ରତିନିଧି ମଣ୍ଡଳୀମାନେ ଏକତ୍ର ହୋଇ ଏକ ସମନ୍ୱୟ କମିଟି ଗଠନ କରି ନିଜ ସୁରକ୍ଷା ପାଇଁ ସାମ୍ବାଦିକ ଏକ ହେବା ଆବଶ୍ୟକ ହୋଇପଡିଛି ବୋଲି ବରିଷ୍ଠ ସାମ୍ବାଦିକ, ବୁଦ୍ଧିଜୀବୀ ଓ ବିଭିନ୍ନ ସମ୍ବାଦପତ୍ରର ମାଲିକମାନେ ଏପରି ମତ ରଖୁଥିବା ଜଣାପଡିଛି।

# କୋଟି କୋଟି ଟଙ୍କା ଲୁଟୁଛନ୍ତି ଇଂଜିନିୟର !

**ଜଗତସିଂହପୁର(ରାମଚନ୍ଦ୍ର ମହାନ୍ତି, ରାଜ୍ୟ ପ୍ରତିନିଧି)**

ଜଗତସିଂହପୁର ଜିଲ୍ଲାରେ କୋଟି କୋଟି ଟଙ୍କାର ସରକାରୀ ଅନୁଦାନ ଅର୍ଥ ବାଟମାରଣା ହେଉଥିବା ବେଳେ ଇଂଜିନିୟରମାନେ ଏଥିରେ ସଂପୃକ୍ତି ନେଇ ନାନା ଅଭିଯୋଗ ହେଉଛି। ଜଣେ ଦୁଇଜଣ ଇଂଜିନିୟର ଜଗତସିଂହପୁର ଜିଲ୍ଲାରେ କୋଟି କୋଟି ଟଙ୍କା ସହକର୍ମୀଙ୍କ ମାଧ୍ୟମରେ ହରିଲୁଟ୍ କରି କୁବେର ପାଲଟିଯାଇଥିବା କୁହାଯାଉଛି। କେତେକ ଗଣମାଧ୍ୟମରେ ବିସ୍ତୃତ ଭାବେ ଖବର ପ୍ରକାଶିତ ହୋଇଆସୁଥିବା ଉପରେ ଜିଲ୍ଲା ପ୍ରଶାସନଠାରୁ ଆରମ୍ଭ କରି ବିଭାଗୀୟ ଅଧିକାରୀ ଗୁରୁତ୍ୱ ନ ଦେବା ଜଗତସିଂହପୁର ଜନସାଧାରଣ ଦୁଃଖିତ ବୋଲି ଅଭିଯୋଗ କରୁଛନ୍ତି। ଯେଉଁ ବିଭାଗର ଇଂଜିନିୟମାନେ ଏପରି ହରିଲୁଟ୍ କରୁଛନ୍ତି ସେମାନଙ୍କ ବିଭାଗୀୟ ଅଧିକାରୀମାନେ ବଡ ଚୋର ବୋଲି କହୁଛନ୍ତି। ନ ହେଲେ ଗଣମାଧ୍ୟମରେ ପ୍ରକାଶିତ ଖବର ଉପରେ ଯଦି ବିଭାଗୀୟ ଅଧିକାରୀମାନେ ତିକ୍ଷ୍ଣ ଦୃଷ୍ଟି ରଖିପାରନ୍ତେ ବହୁ ମାତ୍ରାରେ ସରକାରୀ ଅଞ୍ଚଳରେ ୧୮ କୋଟିର ଘୋଟାଲା ହୋଇଛି। ପୁଣି ମନରେଗା ଦୁର୍ନୀତି ବାବଦରେ ବୋଲି ଅଭିଯୋଗ କୋଟି ଟଙ୍କା ଘୋଟାଲା ବା ଦୁର୍ନୀତି ହେବା ସମଗ୍ର ଜିଲ୍ଲାରେ ଚର୍ଚ୍ଚାର ବିଷୟ ହୋଇଛି। ଯାହା ଖବର ହସ୍ତଗତ

## ଜଗତସିଂହପୁରବାସୀଙ୍କ କ୍ଷୋଭ

ଅନୁଦାନ ଜନସାଧାରଣଙ୍କ କାମରେ ଲାଗିପାରନ୍ତା ବୋଲି କୁହାଯାଉଛି। ନିର୍ଦ୍ଦିଷ୍ଟ ଏକ ବହୁଳ ପ୍ରକାଶିତ ଖବରକାଗଜରେ ଗତ ୨୦ ତାରିଖ ଦିନ ପ୍ରକାଶ ପାଇଛି ଯେ, ଏରସମା ହେଉଛି। ଏ ସଂକ୍ରାନ୍ତରେ ଏକ ରିଫ୍ଲେକ୍ଟ ଗ୍ରାମବାସୀଙ୍କ ତରଫରୁ ବଣ୍ଟା ଯାଉଥିବା ଲକ୍ଷ୍ୟ କରାଯାଉଛି। ମହାତ୍ମାଗାନ୍ଧୀ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା(ମନରେଗା)ରେ ପ୍ରାୟ ୧୮ ହୋଇଛି ସେଥିରେ ଏରସମା ବ୍ଲକ୍‌ର ପଦ୍ମପୁରରେ ୨ କୋଟି ୯୪ ଲକ୍ଷ ୨୯ ହଜାର, ଗଡହରିଶପୁରରେ ୩ କୋଟି ୭୪ ଲକ୍ଷ ୧୮ ହଜାର, ଗୋଡା ୮୮ଲକ୍ଷ (ପୃଷ୍ଠା-୨)

## ଚକାଚକ୍ ରାସ୍ତାରେ ପିଚୁ ହେଉଛି ଢଳା

ଜଗତସିଂହପୁର-ଜୟପୁର ମୁଖ୍ୟ ରାସ୍ତା କାମ ଚାଲିଛି। ନାଲିବର ପାଖରେ ପିଚୁ ରାସ୍ତା ଚକାଚକ୍ ଥିବା ସତ୍ତ୍ୱେ ତା ଉପରେ ପିଚୁ ଓ ବଜୁରିର ଆସ୍ତର ଢଳାଯାଉଛି। କାହା ନିର୍ଦ୍ଦେଶରେ ଚକାଚକ୍ ରାସ୍ତା ଉପରେ ପିଚୁ ଢଳାଯାଇ ରାସ୍ତା କରାଯିବା ରହସ୍ୟ କ’ଣ ବୋଲି ଅଭିଯୋଗ କରାଯାଉଛି। ଅନ୍ୟପକ୍ଷରେ ସହରର ବିଭିନ୍ନ ସ୍ଥାନରେ ଖାଲଖମା ରାସ୍ତା ମରାମତି ହୋଇପାରୁନଥିବା ବେଳେ ଚକାଚକ୍ ରାସ୍ତା ଉପରେ ପିଚୁ ଢଳାଯିବା ମାନେ କ’ଣ ବୋଲି ଅଭିଯୋଗ ହେଉଛି। ଜଗତସିଂହପୁର ସହର ଉପକଣ୍ଠ ଚାରିପୋଲିଆ ଛକରୁ ଉକ୍ତ ରାସ୍ତା ବାହାରି ବାରଙ୍ଗ ପୋଲିସ୍ ବ୍ୟାରେଗ୍ ସହ ମିଶିଛି। ସେଠାରେ ପୋଲିସ୍ ବ୍ୟାରେଗ୍ ପରିସରରେ ଜିଲ୍ଲାର ଅସ୍ତ୍ରାଗାର ରହିଛି। ଶହ ଶହ ସଂଖ୍ୟାରେ ଗାଡି ଠୁଳ କରି ରଖାଯାଇଛି। ଜିଲ୍ଲାରେ କୌଣସି ପ୍ରକାରେ ଜରୁରୀକାଳୀନ ପରିସ୍ଥିତି ସୃଷ୍ଟି ହେଲେ ପୋଲିସ୍ ଫୋର୍ସ ଏଠାରୁ ହିଁ ମୁଖ୍ୟ ରାଜପଥକୁ ବାହାରିବେ ହେଲେ ବ୍ୟାରେଗ୍‌ରୁ ଲମ୍ବିଥିବା କେନାଲ୍ ବନ୍ଧ ରାସ୍ତା ଅତ୍ୟନ୍ତ ଶୋଚନୀୟ। (ପୃଷ୍ଠା-୨)

# ୨ୟ ସ୍ୱାମୀ/ସ୍ତ୍ରୀ ପେନସନ୍‌ର ହକଦାର ନୁହଁନ୍ତି:ହାଇକୋର୍ଟ

**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ବମ୍ବେ ହାଇକୋର୍ଟ ବୁଧବାର ଦିନ କହିଛନ୍ତି ଯେ ଦ୍ୱିତୀୟ ପତ୍ନୀ ନିଜର ମୃତ ସ୍ୱାମୀଙ୍କର ପେନସନ୍‌ର ହକଦାର ନୁହେଁ। ଏହି ନିଷ୍ପତି ପ୍ରଥମେ ବିବାହର ଆଇନଗତ ପୃଥକତା ବିନା ଦ୍ୱିତୀୟ ବିବାହ ଘଟିଥିବା କ୍ଷେତ୍ରରେ ପ୍ରଯୁଜ୍ୟ ହେବ। ଜଷ୍ଟିସ୍ ଏସ୍ ଜେ କଥାଓାଲା ଏବଂ ମିଲିନ୍ଦ ଯାଦବଙ୍କ ଏକ ଡିଭିଜନ୍ ବେଞ୍ଚ ସୋଲାପୁର ବାସିନ୍ଦା ଶ୍ୟାମଲ ଟାଟେଙ୍କ ଆବେଦନକୁ ଖାରଜ କରି ରାଜ୍ୟ ସରକାରଙ୍କ ପେନ୍‌ସନ୍ ସୁବିଧାକୁ ପ୍ରତ୍ୟାଖ୍ୟାନ କରିଛନ୍ତି। ହାଇକୋର୍ଟଙ୍କ କହିବାନୁସାରେ ଶାମଲଙ୍କ ସ୍ୱାମୀ ମହାଦେବ ସୋଲାପୁର ଜିଲ୍ଲା କଲେକ୍ଟର କାର୍ଯ୍ୟାଳୟରେ ଜଣେ ଚପରାସୀ ଥିଲେ ଓ ତାଙ୍କ ମୃତ୍ୟୁ ୧୯୯୬ରେ ହୋଇଯାଇଥିଲା ମହାଦେବ ପୂର୍ବରୁ ହିଁ ଜଣକୁ ବିବାହ କରିଥିଲେ ଓ ତାପରେ ସେ ଦ୍ୱିତୀୟ ବିବାହ କରିଥିଲେ। ତେବେ ମହାଦେବଙ୍କ ମୃତ୍ୟୁପରେ ଶାମଲ ଟାଟେ ଓ ମହାଦେବଙ୍କ ପ୍ରଥମ ପତ୍ନୀ ଏକ ବୁଝାମଣା କରିଥିଲେ। ଉକ୍ତ ବୁଝାମଣା ଏହା ଥିଲା ଯେ, ପ୍ରଥମ ପତ୍ନୀଙ୍କ ମୃତକଙ୍କ ସେବାନିବୃତର ଲାଭ ପାଖପାଖି ୯୦ପ୍ରତିଶତ ମିଳିବ ଓ ଦ୍ୱିତୀୟ ପତ୍ନୀଙ୍କୁ ମାସିକ ପେନସନ୍ ମିଳିବ। ମହାଦେବଙ୍କ ପ୍ରଥମ ପତ୍ନୀ କର୍କଟ ରୋଗରେ ମୃତ୍ୟୁବରଣ କରିବା ପରେ ଶ୍ୟାମଲ ରାଜ୍ୟ ସରକାରଙ୍କୁ ଏକ ପତ୍ର ଲେଖିଥିଲେ ଯେ ତାଙ୍କୁ ମହାଦେବଙ୍କ ପେନସନରେ ବକେୟା ଦିଆଯାଉ। ବହୁ ବିଚାର ବିମର୍ଶ ପରେ ୨୦୦୭ରୁ ୨୦୧୪ମଧ୍ୟରେ ଶ୍ୟାମଲଙ୍କ ଚାରେଟି ଆବେଦନକୁ ଶ୍ୟାମଲ ଙ୍କ ଚାରୋଟି ଆବେଦନକୁ ରାଜ୍ୟ ସରକାର ପ୍ରତ୍ୟାଖ୍ୟାନ କରିଥିଲେ। ଏହା ପରେ ଶ୍ୟାମଲ ୨୦୧୯ରେ ହାଇକୋର୍ଟଙ୍କ ନିକଟକୁ ଯାଇ ଦାବି କରିଥିଲେ ଯେ ଯେହେତୁ ସେ ମହାଦେବଙ୍କ ତିନି ସନ୍ତାନର ମା ଥିଲେ ଏବଂ ସମାଜ ସେମାନଙ୍କୁ ସ୍ୱାମୀ-ସ୍ତ୍ରୀ ଭାବରେ ଜାଣିଥିଲେ ତେଣୁ ସେ ଏହି ପେନସନ ପାଇବାକୁ ଯୋଗ୍ୟ। ବିଶେଷକରି ପ୍ରଥମ ପତ୍ନୀ ଯିଏ ପେନ୍ସନ୍ ଗ୍ରହଣ କରୁଥିଲେ, ବର୍ତ୍ତମାନ ତାଙ୍କର ମୃତ୍ୟୁ ହୋଇଯାଇଛି।

# UPSC ରେ ୫ଥର ଫେଲ୍ ହେବା ପରେ ସଫଳତା ପାଇଲେ ନମିତା

**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ଭାରତୀୟ ପ୍ରଶାସନିକ ସେବାରେ ପ୍ରବେଶ କରିବାକୁ ପ୍ରତିବର୍ଷ ଲକ୍ଷ ଲକ୍ଷ ପ୍ରାର୍ଥୀ ପରୀକ୍ଷା ଦିଅନ୍ତି। ଆଇଏସ୍‌ସି ହେବାର ସ୍ୱପ୍ନ ଦେଖିଥିଲେ। ନିଜର ଏହି ପ୍ରାଶାସନିକ ସ୍ୱପ୍ନକୁ ସାକାର କରିବା ପାଇଁ ସେ ଚାକିରି ମଧ୍ୟ ଛାଡିଥିଲେ। ଙ୍କକ୍ତସ୍ତ୍ରମ ରେ ପରୀକ୍ଷା ଦେଇଥିଲେ କିନ୍ତୁ ପ୍ରାଥମିକ ପରୀକ୍ଷାଏ ପାସ୍ କରିପାରି ନଥିଲେ ସେ ପୁନର୍ବାର ଚେଷ୍ଟା କରିଥିଲେ ମଧ୍ୟ ତାଙ୍କୁ ନିରାଶ ହେବାକୁ ପଡିଥିଲା ସେ କିନ୍ତୁ ହାରି ନଥିଲେ।ତୃତୀୟ ଥର ଆହୁରି ଅଧିକ ପରିଶ୍ରମ କରି ପରୀକ୍ଷା ରେ ହାଜର ହେଲେ, କିନ୍ତୁ ପୁଣି ବିଫଳତାର ସ୍ୱାଦ ଚାଖିବାକୁ ପଡିଲା ଏହି ଯୁବତୀ ଜଣକ ଦୁଇ କି ତିନି ଥର ନୁହେଁ ପାଂଚ ଥର ଚେଷ୍ଟା କରି ମଧ୍ୟ ବିଫଳ ହୋଇଥିଲେ। ବାରମ୍ବାର ବିଫଳତା ପରେ ଯେତେବେଳେ ଲୋକମାନେ ଆଶା ହରାନ୍ତି, ଏହି ଯୁବତୀ ଜଣଙ୍କ କିନ୍ତୁ ଓଇଝ ନମିତା ଶର୍ମାଙ୍କର ତେବେ ଆସନ୍ତୁ ଜାଣିବା ତାଙ୍କ ବିଷୟରେ ଯିଏ ପାଂଚ ବିଷୟରେ ଯିଏ ପାଂଚ ଥର ବିଫଳ ହେବା ପରେ ସଫଳତାର ସିଡି ଚଢିପାରିଛନ୍ତି।




# ବଚ୍ଚନଙ୍କ ବଡିଗାର୍ଡଙ୍କ କୋଟି କୋଟି ଟଙ୍କା, ବିଦେଶ ବୁଲୁଥିଲେ ଅଏସ୍ କରୁଥିଲେ

**ମୁମ୍ବାଇ(ସଂପର୍କବାର୍ତ୍ତା):-** କନଷ୍ଟେବଲ ଚାକିରି କିନ୍ତୁ କୋଟି କୋଟି ଟଙ୍କା ସମ୍ପତ୍ତି। ଆୟ ବହିର୍ଭୁତ ସମ୍ପତ୍ତି ଠୁଳ କରି ବିଦେଶ ବୁଲିଥିଲେ। ବଲିଉଡ ଅଭିନେତା ଅମିତାଭ ବଚ୍ଚନଙ୍କ ସୁରକ୍ଷା ଦାୟିତ୍ୱରେ ବି ଥିଲେ ଏହା ସହିତ ତାଙ୍କ ବିରୁଦ୍ଧରେ ତଦନ୍ତ ମଧ୍ୟ ଆରମ୍ଭ ହୋଇଛି। ସୂଚନାଯୋଗ୍ୟ, ଜିତେନ୍ଦ୍ର ପୂର୍ବରୁ ବଲିଉଡ ଅଭିନେତା ଅମିତାଭ ବଚ୍ଚନଙ୍କ ସୁରକ୍ଷା ଦାୟିତ୍ୱରେ ଥିଲେ। ୨୦୧୫ରୁ ୨୦୨୧ ଅଗଷ୍ଟ ଯାଏଁ ସେ ସୁରକ୍ଷାକର୍ମୀ ଭାବେ କାର୍ଯ୍ୟ କରୁଥିଲେ। ଏହା ପରେ ତାଙ୍କୁ ମୁମ୍ବାଇର ଡିବି ମାର୍ ପୋଲିସ୍ ଷ୍ଟେସନରେ କାର୍ଯ୍ୟରତ ଥିଲେ। ପୋଷ୍ଟ କରାଯାଇଥିଲା ଜିତେନ୍ଦ୍ର ନାଁ ରେ ଅସଦାଚରଣ ତଥା ସେବା ନିୟନ ଉଲ୍ଲଂଘନ ଅଭିଯୋଗ ମଧ୍ୟ ରହିଛି । ସିନ୍ଦେ ପୂର୍ବରୁ ମୁମ୍ବାଇ ପୋଲିସର ସୁରକ୍ଷା ଏବଂ ସୁରକ୍ଷା ଶାଖା ସହିତ ପୋଷ୍ଟ କରାଯାଇଥିଲେ। ଜିତେନ୍ଦ୍ର ସିନ୍ଦେଙ୍କ ବାର୍ଷିକ ରୋଜଗାର ୧.୫ କୋଟି ଟଙ୍କା ଏ ନେଇ ଜଣାପଡିବା ପରେ ମୁମ୍ବାଇ ପୋଲିସ କମିଶନର ହେମନ୍ତ ନାଗ୍ରାଲେ। ସିନ୍ଦେଙ୍କ ନିଲମ୍ବନର ପ୍ରକୃତ କାରଣ ବିଷୟରେ ପଚରାଯିବାରୁ ମୁମ୍ବାଇ ପୋଲିସର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ, କନଷ୍ଟବକ ଜିତେନ୍ଦ୍ର ତାଙ୍କ ଉଚ୍ଚ ଅଧିକାରୀଙ୍କୁ ନ ଜଣାଇ ଅତି କମରେ ୪ଥର ଦୁବାଇ ଏବଂ ସୁଙ୍ଗାପୁର ଯାଇଥିଲେ। ସେବା ନିୟମ ଅନୁଯାୟୀ ସେ ତାଙ୍କ ବରିଷ୍ଠ ଅଧିକାରୀଙ୍କୁ ବିଦେଶ ଭ୍ରମଣ ପାଇଁ ଅନୁମତି ମାଗିବା କଥା ପତ୍ନୀଙ୍କ ନାମରେ ସିନ୍ଦେ ଏକ ସିକ୍ୟୁରିଟି ଏଜେନ୍ସି ମଧ୍ୟ ଖୋଲିଛନ୍ତି। ତାଙ୍କର ସଂସ୍ଥା ବଚ୍ଚନ ପରିବାରକୁ ସୁରକ୍ଷା ଯୋଗାଉଥିଲା କିନ୍ତୁ ତାଙ୍କ ବ୍ୟାଙ୍କ ଆକାଉଣ୍ଟରୁ ଜଣାପଡିଥିବା ତଥ୍ୟ ଅନୁଯାୟୀ ତାହା ତାଙ୍କ ପତ୍ନୀଙ୍କ ଆକାଉଣ୍ଟ ନୁହେଁ। ମିଥ୍ୟା ପ୍ରମାଣପତ୍ର ଦେଇ ଜାଲ ବ୍ୟାଙ୍କ ଆକାଉଣ୍ଟ ଖୋଲି ଟଙ୍କାର କାରବାର କରୁଥିଲେ ଜିତେନ୍ଦ୍ର । ସିନ୍ଦେଙ୍କୁ ନିଲମ୍ବନ କରିବା ପରେ ମୁମ୍ବାଇ ପୋଲିସର ଅତିରକ୍ତ ପୋଲିସ କମିଶନର ଦିଲୀପ ସାଓାନ୍ତ ଙ୍କ ସାଓାନ୍ତିଙ୍କ ନେତୃତ୍ୱରେ ଏକ କମିଟି ଗଠନ କରାଯାଇ ତଦନ୍ତ ଆରମ୍ଭ ହୋଇଛି।



# ଦକ୍ଷତା ଓ ପ୍ରତିବଧତାଙ୍କୁ ନେଇ କାର୍ଯ୍ୟକରନ୍ତି ଶ୍ରୀ ପବିତ୍ର କୁମାର ଭୂୟାଁ

**କଟକ(ତପନ ମହାନ୍ତି):-** କଟକ ମହାନଗର ନିଗମ ଅନ୍ତର୍ଗତ ୩୫୦ ୱାର୍ଡ଼, ରାଣୀହାଟ ମୋତି ସାହି, ମଙ୍ଗଳାବାଗ, କାଠଗୋଲା ଫାଣ୍ଡି, ମହ୍ଲାସାହି, ମେଡ଼ିକାରହତୀ, ନଦୀକୂଳ, ଜୟମଙ୍ଗଳା ସାହି, ସୁଇପର କଲୋନୀ, ବେହେରା କଲୋନୀ, ପେଷ କଲୋନି ସମେତ ଅନେକ ସାହି, ବସ୍ତି, କଲୋନୀ ଅବସ୍ଥିତ। ୱାର୍ଡ଼ରେ ମୋଟ ଭୋଟର ୬୭୩୭ ପୁରୁଷ ୩୫୧୧ ମହିଳା ୩୨୨୪ ତୃତୀୟ ଲିଙ୍ଗ-୨ କୁ ନେଇ ପୌର ନିର୍ବାଚନ ଅନୁଷ୍ଠିତ ହେବ। ବର୍ତ୍ତମାନ ମେଡ଼ିକାଲ ସଂପ୍ରସାରଣଙ୍କୁ ନେଇ ୱାର୍ଡ଼ରୁ ବିଭିନ୍ନ ସାହି, ବସ୍ତି, ସରକାରୀ କ୍ୱାଟରକୁ ପ୍ରାୟ ଦୀର୍ଘ ୨ ବର୍ଷ ହେବ ଉଚ୍ଛେଦ କରାଯାଇଅଛି ଅନୁମାନ ୧୦୦୦ରୁ ଉର୍ଦ୍ଧ୍ୱ ସରକାରୀ କର୍ମଚ୍ଚରୀଙ୍କର କ୍ୱାଟର ଭାଙ୍ଗି ଗଲାପରେ କଟକ ସହରର ବିଭିନ୍ନ ସ୍ଥାନରେ ବାସ କରୁଅଛନ୍ତି ଓ କିଛି ବସ୍ତି ଜଗତପୁରଠାରେ ଅବସ୍ଥିତ ୱାର୍ଡ଼ର ସମସ୍ତଙ୍କର ନିକଟରେ ଦୀର୍ଘଦିନର ଶ୍ରୀ ପବିତ୍ର କୁମାର ଭୂୟାଁ ଓ ଶ୍ରୀମତି ଦୀପାଳୀ ଭୂୟାଁ ଅଛନ୍ତି। ଦୀର୍ଘ ୨୦ ବର୍ଷ ହେବ ପ୍ରତ୍ୟେକ୍ଷ ଭାବେ ରାଜନୀତିରେ ଶ୍ରୀ ପବିତ୍ର ଭୂୟାଁ ପ୍ରତିଦ୍ୱନ୍ଦ୍ୱିତା କରି ନିଜର ଦକ୍ଷତା ଓ ପ୍ରତିଦକ୍ଷତା ବଳରେ ବିଜୟୀ ହୋଇ ବିରୋଧୀଙ୍କୁ ମାତ୍ ଦିଅନ୍ତି। ଶ୍ରୀ ଭୂୟାଁ ରାଜନୈତିକ ଗୋଟି ଚ୍ଚଳନା କରିବାରେ ମାହିରି ଗତ ପୌର ନିର୍ବାଚନରେ ନିଜର ଧର୍ମପତ୍ନୀ ଶ୍ରୀମତି ଦୀପାଳୀବାଳାଙ୍କ ସ୍ୱାଧିନ ପ୍ରାର୍ଥିନି ଭାବେ ଅବର୍ତ୍ତିନ କରାଇ ନିର୍ବାଚନ ବୈତରଣୀ ପାର କରାଇଥିଲେ। ସେତେବେଳେ ଶ୍ରୀ ଭୂୟାଁଙ୍କର ୱାର୍ଡ଼ର ବହୁ ବିରୋଧି ଥିଲେ ବିଶେଷ କରି କଂଗ୍ରେସ ଦଳର ପ୍ରାୟ ସମସ୍ତେ, ସମସ୍ତଙ୍କୁ ଚକମା ଦେଇ ବିଜେଡ଼ି, ବିଜେପି, କଂଗ୍ରେସ ଓ ସାଧୀନ ୨ ପ୍ରାର୍ଥୀନୀଙ୍କୁ ମାତ ଦେଇ ନିଜର ଦକ୍ଷତା ବଳରେ ନିଜ ଗଡ଼ ରକ୍ଷା କରିପାରିଥିଲେ। ବର୍ତ୍ତମାନ ସେ କିମ୍ବା ତାଙ୍କ ପତ୍ନୀଙ୍କର ବିଜୁ ଜନତା ଦଳରୁ ୩୫ନଂ ୱାର୍ଡ଼ରୁ ପ୍ରାର୍ଥୀ ହେବା ପ୍ରାୟ ନିଶ୍ଚିତ ବୋଲି ଧରି ନେବାକୁ ହେବ। ବିଜେଡ଼ି ରୁ ଟିକେଟ୍ ପାଇ ବିକାଶ ପୁରୁଷ ମାନବ୍ୟର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କର ବିକାଶ ଧାରାରେ ନିଜକୁ ସାମିଲ କରି ପ୍ରାକ୍ତନ ବିଧାୟକ ଡଃ ପ୍ରଭାତ ରଞ୍ଜନ ବିଶ୍ୱାଳଙ୍କର ଲୋକ ପ୍ରିୟତାଙ୍କୁ ପାଥେୟ କରି ବର୍ତ୍ତମାନର ବିଧାୟକ ସୌଭିକ୍ ବିଶ୍ୱାଳଙ୍କର ଶାଣିତ ରାଜନୀତିରେ ରହିନିର୍ବାଚନ ଲଢ଼ିବାକୁ ଭୂୟାଁ ଦମ୍ପତି ଅଣ୍ଟାଭିଡ଼ି ସାରିଲେଣି। ବିଜେଡ଼ି ବିଶ୍ୱାଳ ବର୍ତ୍ତମାନ ଚୌଦ୍ୱାର କଟକର ଅନେକ ପଞ୍ଚାୟତ ଦାୟିତ୍ୱ ଶ୍ରୀ ପବିତ୍ର ଭୂୟାଁଙ୍କୁ ଦେଇଛନ୍ତି, ଶ୍ରୀ ଭୂୟାଁ ପ୍ରତିଦିନ ପଞ୍ଚାୟତ ଗଣ କରି ସଭା, ସମିତି, ପଦଯାତ୍ରା ଓ ଘର ଘର ବୁଲି କିଭଳି ବିଜେଡ଼ି ଦଳ ପ୍ରାର୍ଥୀ ପ୍ରାର୍ଥୀନତି ମାନେ ବିପୁଳ ସଂଖ୍ୟାରେ ବିଜୟୀ ହେବେ ସେଥିପାଇଁ ଅହରହ ଉଦ୍ୟମ ଯାରି ରଖିଛନ୍ତି। ଶ୍ରୀଯୁକ୍ତ ପ୍ରଭାତ ବିଶ୍ୱାଳଙ୍କର ଅପା ଓ ବିଶ୍ୱାସକୁ ଭୂୟାଁ ଦମ୍ପତି ଦୀର୍ଘ ୮ ବର୍ଷ ହେବ କାର୍ଯ୍ୟରେ ସମ୍ପାଦନ କରିଚ୍ଛିଲେଛନ୍ତି ୨୦୧୫ ଓ ୨୦୧୯ ବିଧାନସଭା ନିର୍ବାଚନରେ ୱାର୍ଡ଼ରେ ଅଗ୍ରଣି ଭୂମିକା ତୁଲାଇଛନ୍ତି। ୱାର୍ଡ଼ର ପ୍ରତ୍ୟେକ ଲୋକଙ୍କ ସହିତ ପାରିବାରିକ ଓ ସ୍ୱତନ୍ତ୍ର ପରିଚୟ ରକ୍ଷା କରିଛନ୍ତି। ରାଜନୀତିରେ କାହାକୁ ଶତ୍ରୁର ପରିଚୟ ଦେବାପାଇଁ କୁଣ୍ଠାବୋଧ କରନ୍ତି। ବର୍ତ୍ତମାନ ପର୍ଯ୍ୟନ୍ତ କୌଣସି ଠକାମିର ସ୍ୱର୍ଶ କରିପାରିନାହିଁ। ସବୁବେଳେ ଲୋକଙ୍କ ସାଙ୍ଗରେ ରହିବାକୁ ଚ୍ଚହାନ୍ତି ସବୁ ବର୍ଗ ସବୁ ଧର୍ମର ଲୋକମାନଙ୍କୁ ନେଇ କାର୍ଯ୍ୟ କରନ୍ତି। ପ୍ରତ୍ୟେକ ଲୋକଙ୍କ ସମସ୍ୟାରେ ରହିବାକୁ ଭଲ ପାଆନ୍ତି। ୱାର୍ଡ଼ର ଲୋକମାନେ ମଧ୍ୟ ଭୂୟାଁ ଦମ୍ପତିକୁ ଭଲ ପାଆନ୍ତି। କିଛି ମନ ମାଳିନ ଥାଏ କିନ୍ତୁ ରାନୀତିରେ କୌଣସି ସମସ୍ୟା ନ ଥାଏ ସମସ୍ତ କାର୍ଯ୍ୟକୁ ସମୀକ୍ଷଣ କରି ଶ୍ରୀ ପବିତ୍ର ଭୂୟାଁଙ୍କର ଦକ୍ଷତା ଓ ପ୍ରତିବଦ୍ଧତା ନିଜର ମୂଳ ଲକ୍ଷ୍ୟ ବୋଲି ଧରି ନେବାକୁ ହେବ।



# କିଏ ନେବ ବାପି ଦାଙ୍କ ସବୁ ସୁନା ?

**ମୁମ୍ବାଇ(ସଂପର୍କବାର୍ତ୍ତା):-** ସଙ୍ଗୀତ ଆଉ ସୁନା ବାପି ଲାହିରିଙ୍କ ଏ ଦୁଇଟି ଜିନିଷ ପ୍ରତି ଥିବା ଅହେତୁକ ଦୁର୍ବଳତା ସେ ତାଙ୍କ ସୁନା ପାଇଁ ମଧ୍ୟ ଥିଲେ ପ୍ରସିଦ୍ଧ ସେ ବେକରେ ପିନ୍ଧୁଥିଲେ ପୁଳାପୁଳି ସୁନା କେବଳ ବେକ ନୁହେଁ ହାତରେ ମଧ୍ୟ ଥିଲା ତାଙ୍କର ସୁନାର ମୋଟା ମୋଟା ବ୍ରେସଲେଟ୍। ସର୍ବଦା ସୁନାରେ ଲଦି ହୋଇ ରହୁଥିବା ବାପି ଦା ସୁନାକୁ ନିଜର ଲକି ଚାର୍ମ ବୋଲି ମାନୁଥିଲେ। ଏବେ ଲାହିରିଙ୍କ ଅବର୍ତ୍ତମାନରେ ତାଙ୍କର ଥିବା ପୁଳାସୁନା କଣ ହେବ, କାହାକୁ ସୁନାରେ କାହାକୁ ମିଳିବ ଏହି ସୁନା ? ଇଣ୍ଡିଆ ଟୁଡେର ରିପୋର୍ଟ ମୁତାବକ ସୂତ୍ରରୁ ଜଣାପଡିଛି ଯେବାପି ଦା ନିଜ ସୁନାକୁ ବେଶ୍ ସୁରକ୍ଷିତ ଭାବେ ରଖୁଥିଲେ। ସେ ଏଗୁଡିକୁ ଏକ ସୁରକ୍ଷିତ ଲକର୍‌ରେ ସମ୍ଭାଳି ରଖିବା ସହ ପ୍ରତିଦିନ ଅଳଙ୍କର ଗୁଡିକର ସଫାସୁତୁରା ମଧ୍ୟ କରୁଥିଲେ। ବାପି ଦା ଙ୍କ ଜଣେ ନିକଟ ସମ୍ପର୍କୀୟଙ୍କ କହିବା ମୁତାବକ, ସୁନା ସହ ତାଙ୍କର ଥିଲା ଏବଂ ବ୍ୟକ୍ତିଗତ ସମ୍ପର୍କ ଥିଲା ଏହା ତାଙ୍କ ପାଇଁ କେବଳ ଅଳଙ୍କାର ନଥିଲା ଏହାଥିଲା ତାଙ୍କର ସିଗ୍ ନେଚର ଲୁକ ସେ ଏହି କଥାକୁ ଭଲଭାବେ ହୃଦୟଙ୍ଗମ ମଧ୍ୟ କରିଥିଲେ। ସେ ନିଜ ପିନ୍ଧି ରଖୁଥିବା ସୁନା ପାଇଁ ନିଜର ଏକ ଆଇକନିକ୍ ଲୁକ୍ ତିଆରି କରିଥିବା ଲାଗି ବେଶ୍ ଖୁସିଥିଲେ। ବାପି ଦାଙ୍କୁ ପାଶ୍ଚାତ୍ୟର ହିପ୍ -ହପ୍ ଏବଂ ଆର୍ ଆଣ୍ଡ ବି ମ୍ୟୁଜିକ ବେଶ୍ ପ୍ରଭାବତି କରିଥିଲେ। ସେ ନିଜକୁ ହଲିଉଡ ମ୍ୟୁଜିକ କମ୍ପୋଜିକ ଏବଂ ଲିଜେଣ୍ଡ୍ରି ପ୍ରଡ୍ୟୁସରଙ୍କ ଭଳି ଓ ଅନ୍ୟ ହିପ୍ ହପ କଳାକାରଙ୍କ ଲିଗ୍ ରେ ସାମିଲ କରିଥିଲେ। ସେ ନିଜ ପିନ୍ଧିଥିବା ସୁନା ଓ ହୀରା ଅଳଙ୍କାରଗୁଡିକି ଆଇସିଇ କହୁଥିଲେ। ବାପି ଲାହିରିଙ୍କ ଜଣେ ଆସିଷ୍ଟାଣ୍ଟ ଓ ହେଲପର୍ ଥିଲେ। ଯିଏ ସୁନା ଅଳକଙ୍କାରଗୁଡିକୁ ଜଗୁଥିଲେ। ସେ ଏହି ସମସ୍ତ ସୁନା ଅଳଙ୍କାରର ଏକ ବ୍ୟକ୍ତିଗତ ତାଲିକା ମଧ୍ୟ ରଖୁଥିଲେ। ଖବର ଅନୁଯାୟୀ ଦା ତାଙ୍କ ରୋଜଗାରରୁ ସୁନା କିଣୁଥିଲେ। ସୁନା ସହିତ ତାଙ୍କର ସମ୍ପର୍କ ଆଧାତ୍ମିକ ଥିଲା ବାପି ଦା କାହାକୁ ତାଙ୍କ ସୁନା ଛୁଇଁବାକୁ ଦେଇନଥିଲେ। ତାଙ୍କ ଦେହାନ୍ତ ପରେ ଏବେ ତାଙ୍କର ଏହି ସୁନା ଅଳଙ୍କାର ଗୁଡିକ କଣ ହେବ କିଏ ନେବ ? ସୂତ୍ର ଅନୁଯାୟୀ, ବାପି ଦାଙ୍କ ପାଖରେ ଏତେ ବର୍ଷ ଭିତରେ ସୁନା ଚେନ୍ ସୁନାର ବଡ ବଡ ଲକେଟ୍ ରିଙ୍ଗ୍ ବ୍ରେସଲେଟ୍ ସୁନାର ଗଣେଶଙ୍କ ପ୍ରତିମା, ହୀରା ଖଚିତ ଲକି ଚାର୍ମ ବ୍ରେସଲେଟ୍ ସୁନାର ଫ୍ରେମ୍ ଏବଂ ସୁନା କଫଲିଙ୍କ ରହିଛି। ଏହି ସମସ୍ତ ସୁନା ଅଳଙ୍କାରଗୁଡିକ ଲକ୍ ଥିବା ଆଲମାରୀ ଓ ଲକର ରେ ଭିତରେ ଟ୍ରାନ୍ସପରେଟ୍ ବାକ୍ସ ଏବଂ ଡବାରେ ରଖାଯାଇଛି। ଏ ସବୁ ସୁନା ଏବେ ବାପି ଲାହିରିଙ୍କ ସମ୍ପତ୍ତି ରେ ମିଶିବ। ବାପି ଦାଙ୍କ ପୁଅ ବପ୍ପ ଏବଂ ଝିଅ ରିମା ନିଜ ବାପାଙ୍କ ସମସ୍ତ ସୁନା ଅଳଙ୍କାରକୁ ସଂରକ୍ଷିତ ରଖିବା ପାଇଁ ନିଷ୍ପତ୍ତି ନେଇଛନ୍ତ। ସେ ନିଜ ବାପାଙ୍କ ସ୍ମୃତିକୁ ସର୍ବଦା ସାଇତି ରଖିବେ ବୋଲି ପ୍ଲାନିଂ କରିଛନ୍ତି।



## ପ୍ରଥମ ପୃଷ୍ଠାରୁ...

### ଚକାଚକ୍...

ଏ ନେଇ ନିର୍ଦ୍ଦିଷ୍ଟ ଗଣମାଧ୍ୟମରେ ବାରମ୍ବାର ସତ୍ତ୍ୱେ ରାସ୍ତାର ନବୀକରଣ କରାଯାଇପାରୁନାହିଁ। ଏଣେ ଜଗତସିଂହପୁର-ଜୟପୁର ରାସ୍ତା ଚକାଚକ୍ ଥିବା ବେଳେ ପିଚୁ କାହିଁକି ଢଳାଯାଉଛି ବୋଲି ସହରବାସୀଙ୍କ ମନରେ ପ୍ରଶ୍ନ ଉଠୁଛି। ସେହିପରି ସ୍ଥାନୀୟ କଲେଜ୍ ଛକ ଗଣେଶ ମନ୍ଦିର ଅଳ୍ପ ଦୂରରୁ ବଡବାଗ ଗଡା ପର୍ଯ୍ୟନ୍ତ କେନାଲ୍ ବନ୍ଧ ରାସ୍ତା ଏବଂ ବଡବାଗ ଗଡାରୁ ଆର୍‌ଡବ୍ଲୁଏସ୍‌ଏସ୍ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ରାସ୍ତା ଅବସ୍ଥା ଶୋଚନୀୟ ହୋଇ ପଡିରହିଛି। ଜଗତସିଂହପୁର ଜିଲ୍ଲାରେ ଇଂଜିନିୟରମାନଙ୍କ ଏପରି ମନମାନି ଓ କୋଟି କୋଟି ଟଙ୍କା ଲୁଟ୍ ଘଟଣାକୁ ଆଉ ବରଦାସ୍ତ କରାଯିବ ନାହିଁ ବୋଲି ସହରବାସୀ ଖୋଲାଖୋଲି ଭାବେ ପ୍ରକାଶ କରି ଆଇନ୍‌ର ଆଶ୍ରୟ ନେବେ ବୋଲି ପ୍ରକାଶ କରୁଛନ୍ତି। ଜଣେ ଜଣେ ଯନ୍ତ୍ରୀ କୁବେର ପାଲଟି ଯାଇଥିବା ବେଳେ କୋଠା ଉପରେ କୋଠା, ଜାଗା, ବ୍ୟାଙ୍କ ବାଲାନ୍ସ ଠୁଳ କରିବାରେ କୁଆଡେ ଲାଗିଛନ୍ତି। ହେଲେ ରାଜ୍ୟ ସରକାରଙ୍କ କୌଣସି ତଦନ୍ତକାରୀ ସଂସ୍ଥା ଏସବୁ ଦିଗରେ ବିନା ଅଭିଯୋଗରେ ହସ୍ତକ୍ଷେପ ନ କରିବା ଦୁଃଖର ବିଷୟ ବୋଲି କୁହାଯାଉଛି।

### କୋଟି...

୭୬ ହଜାର, ଆମ୍ବିକିରେ ୧ କୋଟି ୫ଲକ୍ଷ ୪୩ ହଜାର। ଗଡବିଶୁନପୁରରେ ୧ କୋଟି ୧୦ ଲକ୍ଷ ୮୭ ହଜାର, ସୋମପୁରରେ ୧ କୋଟି ୫୨ ଲକ୍ଷ ୯୩ ହଜାର ଓ ଏରସମା ପଞ୍ଚାୟତରେ ୭୭ଲକ୍ଷ ୯୪ ହଜାର ଟଙ୍କା ବ୍ୟୟ କରାଯାଇଥିବା ଦର୍ଶାଯାଇଥିଲେ ସୁଦ୍ଧା ପ୍ରକୃତ ମଜୁରୀ ପ୍ରତ୍ୟାଶୀ ଜବକାର୍ଡଧାରୀଙ୍କୁ ଆଦୌ କର୍ମନିଯୁକ୍ତି ମିଳିନଥିବା ବଣ୍ଟନ ହେଉଥିବା ରିପୋର୍ଟରେ ଉଲ୍ଲେଖ ରହିଛି। ଯାହାଫଳର ସରକାରଙ୍କ ଏହି ଯୋଜନାରେ ପୁଳା ପୁଳା ଟଙ୍କା ବିନିଯୋଗ କରାଯାଇଥିଲେ ସୁଦ୍ଧା ଏବେ ବି ବ୍ଲକ୍ ଏବଂ ପଞ୍ଚାୟତ ସ୍ତରରେ ଗରିବମାନଙ୍କ ଅବସ୍ଥା ଶୋଚନୀୟ ରହିଥିବା ଅଭିଯୋଗ ହେଉଛି।

### ନବୀନଙ୍କୁ...

ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲାରେ ଓଡ଼ିଶା ଏକ ଉଦାହରଣ ପାଲଟିଥିବାରୁ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଶଂସା କରିଛନ୍ତି ବିଶ୍ୱ ପାରାଜୁଲି। ଏହାସହ ରାଜ୍ୟର ପ୍ରତ୍ୟେକ ଶିଶୁଙ୍କ ପାଖରେ କିଭଳି ପୃଷ୍ଟିକର ଖାଦ୍ୟ ପହଞ୍ଚିବ ସେ ନେଇ ରାଜ୍ୟ ସରକାରଙ୍କ ସହ ମିଳିତ ଭାବରେ କାର୍ଯ୍ୟ କରାଯିବ ବୋଲି କହିଛନ୍ତି। ମିଶନଶକ୍ତି ରାଜ୍ୟର ମହିଳାମାନଙ୍କୁ ସ୍ୱାବଲମ୍ବି କରିବା ସହ ନୂଆ ଦିଶା ଦେଖାଇଛି। ୱାର୍ଲ୍ଡ ଫୁଟ୍ ପ୍ରୋଗ୍ରାମ ରାଜ୍ୟ କୃଷି ବିଭାଗ ଅନେକ ପ୍ରକଳ୍ପ କାର୍ଯ୍ୟ କରୁଛି। ୧୯୭୨ ମସିହାରେ ବିଶ୍ୱରେ ଆରମ୍ଭ ହୋଇଥିବା ୱାର୍ଲ୍ଡ ଫୁଟ୍ ପ୍ରୋଗ୍ରାମ୍ ଚଳିତ ବର୍ଷ ୫୦ତମ ଜୟନ୍ତୀ ପାଳନ କରିବାକୁ ଥିବା ବେଳେ ରୋମ୍‌ରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯୋଗଦେବା ପାଇଁ ଆମନ୍ତ୍ରିତ କରିଛନ୍ତି ୱାର୍ଲ୍ଡ ଫୁଟ୍ କାର୍ଯ୍ୟକ୍ରମର କଣ୍ଟ୍ରି ନିର୍ଦ୍ଦେଶକ।

### ରାଜ୍ୟପାଳଙ୍କ...

'ବିଜୟ ବାର୍ତ୍ତା' ପ୍ରକାଶନ ସଂସ୍ଥା ତରଫରୁ ପ୍ରକାଶିତ ହୋଇଛି। ପୁସ୍ତକ ଦୁଇଟିର ଉନ୍ମୋଚନ କାର୍ଯ୍ୟାକ୍ରମରେ ଲେଖକଙ୍କ ଧର୍ମପତ୍ନୀ ଧରିତ୍ରୀ ମହାପାତ୍ର ମଧ୍ୟ ଉପସ୍ଥିତ ଥିଲେ।

ପ୍ରକାଶ ଥାଉକି ଲେଖକ ଶ୍ରୀ ମହାପାତ୍ର, ଜଗତସିଂହପୁର ଜିଲ୍ଲାପାଳ ଥିବାବେଳେ ତାଙ୍କ ଲିଖିତ ଅନ୍ୟ ଏକ ପୁସ୍ତକ 'ସୁନ୍ଦରଗଡ ଡାଏରୀ' ମଧ୍ୟ ଗତବର୍ଷ ମାନ୍ୟବର ରାଜ୍ୟପାଳଙ୍କ କରକମଳରେ ଉନ୍ମୋଚିତ ହୋଇଥିଲା। ଉଲ୍ଲେଖଯୋଗ୍ୟ ଯେ, ପୂର୍ବରୁ ଶ୍ରୀ ମହାପାତ୍ରଙ୍କ ଲିଖିତ ୫ଟି କ୍ଷୁଦ୍ର ଗଳ୍ପ ସଂକଳନ, ଗୋଟିଏ ଉପନ୍ୟାସ, ୨ଟି ଜନଜାତି କବିତା ସଂକଳନ, ୨ଟି ଅନୁବାଦ ଓ ୨ଟି ଅନ୍ୟାନ୍ୟ ରଚନା ପ୍ରକାଶ ପାଇ ପାଠକୀୟ ଆଦୃତି ଲାଭ କରିଛି। ଉପରୋକ୍ତ ପୁସ୍ତକ ଦୁଇଟିର ପ୍ରକାଶନ ଅବସରରେ ଲେଖକ ଶ୍ରୀ ମହାପାତ୍ରଙ୍କୁ ବୁଦ୍ଧିଜୀବୀ ତଥା ସାହିତ୍ୟିକମାନଙ୍କ ମହଲରୁ ଶୁଭେଚ୍ଛା ଜ୍ଞାପନ ପୂର୍ବକ ତାଙ୍କର ଲେଖକୀୟ ଜୀବନର ଉତ୍ତରୋତ୍ତର ଉନ୍ନତି କାମନା କରାଯାଇଛି।

### ଭିଜିଲାନ୍ସ...

କୌଶଳକୁ ସହଜ କରିଛି। ବିଭିନ୍ନ ସରକାରୀ ଅଫିସ୍‌କୁ ଯାଇ ନିରାଶ ହେବା, ଲାଞ୍ଚ ଦେଉଥିବା ନେଇ ତଥ୍ୟ ମୋ ସରକାର ଯୋଜନାରୁ ମିଳିପାରିଛି। ସେ କହିଛନ୍ତି ଯେ, ସୂଚନାକୁ ଆଧାର କରି ଭିଜିଲାନ୍ସ କାର୍ଯ୍ୟ କରୁଛି। ଲାଞ୍ଚ ନେବା ପୂର୍ବରୁ ସୂଚନା ମିଳିବା ପରେ ଭିଜିଲାନ୍ସ ଚଢାଉ କରୁଥିବା ବେଳେ ଅନେକ କ୍ଷେତ୍ରରେ ଦୁର୍ନୀତି ନେଇ ସୂଚନା ପାଇ ଭିଜିଲାନ୍ସ ଚଢାଉ କରିଛି। ଲାଞ୍ଚ ଦାବି କରିବା ଓ ଗ୍ରହଣ କରିବା ବେଳେ ଭିଜିଲାନ୍ସ ଦ୍ୱାରା ଟ୍ରାପ୍ ହେଉଥିବା ବେଳେ ଆୟବର୍ହିଭୁତ ସମ୍ପତ୍ତି ଠୂଳ ମାମଲାରେ ମଧ୍ୟ ଭିଜିଲାନ୍ସ ଗିରଫ କରୁଛି। ମୋ ସରକାର ଏବେ ଏହାକୁ ସହଜ କରିଛି ବୋଲି ସେ କହିଛନ୍ତି।

ସୂଚନା ଥାଉକି, ଆୟ ବର୍ହିଭୁତ ସମ୍ପତ୍ତି ଠୁଳ କରି ଅମାପ ଧନ ଆହାରୋଣ କରିଥିବା ତୁଳସୀପୁର ସିଗ୍ନାଲ୍‌ର ଅତିରିକ୍ତ ଏସ୍‌ପି ତ୍ରିନାଥ ମିଶ୍ରଙ୍କୁ ରାଜ୍ୟ ଭିଜିଲାନ୍ସ ଗିରଫ କରିବା ଖବର ପୋଲିସ୍ ବିଭାଗର ସ୍ୱଚ୍ଛତାକୁ ପ୍ରମାଣ କରିପାରିଥିବା କୁହାଯାଉଛି। ସେହିପରି ନଗଦ କୋଟିଏ ଟଙ୍କାରୁ ଅଧିକ ନିଜ ବାସ ଭବନରେ ଗଚ୍ଛିତ ରଖିଥିବା ପୁରୀ ଜିଲ୍ଲା ଚାରିଛକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସ୍ତ୍ରୀ ଓ ପ୍ରସୂତୀ ବିଭାଗର ଡାକ୍ତର ସୁକାନ୍ତ ଜେନାଙ୍କୁ ଭିଜିଲାନ୍ସ ଅଫିସର କାବୁ କରିନେଇଥିବା ଖବର ପ୍ରକାଶ ପାଇଛି। ତାଙ୍କ ଭୁବନେଶ୍ୱରସ୍ଥିତ ଘରୁ ଜବତ ହୋଇଛି ବିଡା ବିଡା ଟଙ୍କା। ନଗଦ କୋଟିଏ ୧୨ଲକ୍ଷ ଟଙ୍କା ଦେଖି ଭିଜିଲାନ୍ସ ଅଧିକାରୀମାନେ ତାଜୁବ ହୋଇଯାଇଛନ୍ତି। ଏପରିକି ଟଙ୍କା ଗଣି ଗଣି ହାଲିଆ ହୋଇଯାଇଛନ୍ତି। ଦୁଇଟି ଟଙ୍କା ଗଣା ମେସିନ୍‌ରେ ଏ ସବୁର ପରିମାଣ ଆକଳନ କରାଯାଇଛି।

# ସୁନାବେଡାର ଯନ୍ତ୍ରୀ ଫସିଲେ

**କୋରାପୁଟ(ସଂପର୍କବାର୍ତ୍ତା):-** ଗତ କିଛି ଦିନ ହେବ ଆକ୍ସନ୍ ମୁଡ୍‌ରେ ଭିଜିଲାନ୍ସ। ନିକଟରେ ଅନେକ ସରକାରୀ ବାବୁ ଭିଜିଲାନ୍ସ ଜାଲରେ ଫସିଥିବା ବେଳେ ଗତ ୧୮ ତାରିଖ ଦିନ ସୁନାବେଡା ପୌର ପରିହଦର ସହକାରୀ ଯନ୍ତ୍ରୀ ଭିଜିଲାନ୍ସ କବଳରେ ପଡିଛନ୍ତି। ସକାଳୁ ସକାଳୁ ସୁନାବେଡା ପୌର ପରିଷଦର ସହକାରୀ ଯନ୍ତ୍ରୀ ମନୋଜ ପାତ୍ରଙ୍କ ଘରେ ଭିଜିଲାନ୍ସ ରେଡ୍ କରିଛି। ଆୟ ବର୍ହିଭୁତ ସଂପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ପକ୍ଷରୁ ଏହି ଚଢଉ କରାଯାଉଛି। ଏକକାଳୀନ ୬ଟି ସ୍ଥାନରେ ଚଢାଉ ଜାରି ରହିଛି। ବ୍ରହ୍ମପୁର ସୁନାବେଡା, ଗଜପତି ଓ ଭୁବନେଶ୍ୱରରେ ଚାଲିଛି ଚଢାଉ। ଏହି ଚଢାଉରେ ୫ଜଣ ଡିଏସ୍‌ପି, ୮ଜଣ ଇଂନିସ୍ପେକ୍ଟରଙ୍କ ସହ ଅନେକ ଭିଜିଲାନ୍ସ କର୍ମଚାରୀ ଚଢାଉରେ ସାମିଲ୍ ଅଛନ୍ତି। ଗତ କିଛି ଦିନ ହେବ ମନୋଜ ପାତ୍ର ଭିଜିଲାନ୍ସ ସ୍କାନରରେ ରହିଥିଲେ।

# ସମସ୍ୟାରେ ୱାର୍ଡ଼ ନଂ ୫୫ କହ୍ନେଇପୁର ରାସ୍ତା କାମ ନ ସାରି ଠିକାଦାର ଛୁ'

**କଟକ(ସଂପର୍କବାର୍ତ୍ତା):-** କଟକ ମହାନଗର ନିଗମ ୱାର୍ଡ଼ ନଂ ୫୫ କହ୍ନେଇପୁରରେ ନନ୍ଦ ସେଠୀଙ୍କ ଘରଠାରୁ ଭୋଇସାହି ଦେଇ ମହାନଦୀବନ୍ଧ ଗଡ଼ା ପର୍ଯ୍ୟନ୍ କଂକ୍ରିଟ୍ ରାସ୍ତା ହେବାପାଇଁ ୨୦୨୦ ମସିହା ନଭେମ୍ବର ୨୭ରେ ଟେଣ୍ଡଭ୍ ହୋଇଥିଲା। ରାସ୍ତା ସମ୍ପୂର୍ଣ୍ଣ କରିବାକୁ ୧୦ ଲକ୍ଷ ଟଙ୍କାର ଏଣ୍ଟିମେଟ୍ କରାଯାଉଥିଲା। ଟେଣ୍ଡର୍‌ରେ କାମ ପାଇଥିବା ଠିକାଦାର ଉକ୍ତ କାମକୁ ଗତ ଜାନୁଆରି ମାସରେ ଆରମ୍ଭ କରିଥିଲେ। ହେଲେ କାମ ସମ୍ପୂର୍ଣ୍ଣ ନ କରି ସେ ପକାଇ ଯାଇଛନ୍ତି।

ସେହପିର କହ୍ନେଇପୁର ରାଧାକୃଷ୍ଣ ମନ୍ଦିରଠାରୁ ୫ଘରିଆ ବ୍ରାହ୍ମଣମାନି ଦେଇ ମହାପାତ୍ରଙ୍କ ଘର ପର୍ଯ୍ୟନ୍ତ କ୍ଲେନ୍ କାର୍ଯ୍ୟପାଇଁ ମଧ୍ୟ ୨୦୨୦ ନଭେମ୍ବର ୨୭ରେ ଟେଣ୍ଡର ହୋଇଥିଲା। ୧୫ ଲକ୍ଷ ଟଙ୍କାର ଏହି କାମ ଠିକା ଦିଆଯିବାକୁ ଏଥି ମଧ୍ୟରେ ୧୫ ମାସ ଜିତିବା ସତ୍ତ୍ୱେ କାମ ଆରମ୍ଭ ହୋଇପାରିନାହିଁ। ଫଳରେ ଗ୍ରାମବାସୀମାନେ ନର୍ଦ୍ଦମା ପାଣିରେ ପଶି ରାସ୍ତାରେ ଯିବା ଆସିବା କରୁଛନ୍ତି। ଗ୍ରାମର ସିଦ୍ଧାର୍ଥ ପାଣି, କିଶେର ପାଣି, ଶିଶର ପାଣି, ଶ୍ରୀଧର ପଣ୍ଡା, ଦେବପ୍ରସାଦ ପଣ୍ଡା, ଇନ୍ଦ୍ରଜିତ ପଣ୍ଡା, ସତ୍ୟଜିତ ପଣ୍ଡା, କେଦାର ପଣ୍ଡା, ଅଶୋକ ପଣ୍ଡା ପ୍ରମୁଖ ଅଭିଯୋଗ କରିଛନ୍ତି ଯେ, ଆମ୍ଭେ ୧୦୦ ଘର ବାସିନ୍ଦା ରାସ୍ତାରେ ଯିବାଆସିବା କରିବାବେଳେ ଅସୁବିଧା ଭୋଗଛୁ। ରାସ୍ତାରେ ନର୍ଦ୍ଦମା ପାଣି ସୁଅ ଢାଳୁଛି। ନର୍ଦ୍ଦମା ପାଣି ଯିବାକୁ ବାଟ ନ ଥିବାରୁ ରାସ୍ତାରେ ଜମା ହୋଇ ରହୁଛି। ଏ ନେଇ ଆମେ ସିଏମ୍‌ସିରେ ବାରମ୍ବାର ଅଭିଯୋଗ କରିବାପରେ ୩ମାସ ତଳେ ସିଏମ୍‌ସି କର୍ମଚ୍ଚରୀ ଓ ଠିକାଦାର ଆସି ମାପକୂପ କରି ଖୁବ୍ ଶୀଘ୍ର ଟ୍ରେନ୍ କାର୍ଯ୍ୟ ଆରମ୍ଭ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ଆଜି ପର୍ଯ୍ୟନ୍ତ କାମର ନାଁ ଗନ୍ଧ ନାହିଁ ବୋଲି ସେମାନେ ଯୋଗର ସହିତ କରିଛନ୍ତି। ଏ ସଂକ୍ରାନ୍ତରେ ସିଏମ୍‌ସି ସହକାରୀଯନ୍ତ୍ରୀ ଆଦିତ୍ୟ ମିଶ୍ରଙ୍କୁ ପଚ୍ଚରିବାରେ, ଭୋଇସାହି ରାସ୍ତା ଅଧାପର୍ଯ୍ୟନ୍ତ କରିବାକୁ ଆଦେଶ ଦିଆଯାଇଥିଲା। ପୁନର୍ବାର ବକଳା ଅଧାରାସ୍ତା ପାଇଁ ଏଷ୍ଟିମେଟ୍ ହେବ ବୋଲି କହିଛନ୍ତି।

ଏଠାରୁ ଉଲ୍ଲେଖଯୋଗ୍ୟ, ୫୦୦ ମିଟର ରାସ୍ତାପାଇଁ ସିଏମ୍‌ସି କ'ଣ ଦୁଇଥର ଟେଣ୍ଡର କରେ? ପ୍ରଥମେ ସମ୍ପୂର୍ଣ୍ଣ ରାସ୍ତାପାଇଁ ୧୦ ଲକ୍ଷର ଟେଣ୍ଡର ପ୍ରସ୍ତୁତ ହେଲା। ଏବେ କର୍ତ୍ତୃପକ୍ଷ କହୁଛନ୍ତି, ଆଉଥରେ ଟେଣ୍ଡର ହେବ। ସେପଟେ, ଡ୍ରେନ୍ ସମ୍ବନ୍ଧରେ ପଚାରିବାରୁ ଶ୍ରୀ ମିଶ୍ର କହିଛନ୍ତି, ଆମେ ଠିକାଦାରଙ୍କୁ ବାରମ୍ବାର ନୋଟିସ୍ ଜାରି କରି ତାଗିଦ୍ କରୁଛୁ। ତାଙ୍କୁ କଳା ତାଲିକାପଞ୍ଜି ବି କରାଯାଇଛି। ସେ ଏହି ଟ୍ରେନ୍ କାର୍ଯ୍ୟ ପରେ ୩ବର୍ଷ ପର୍ଯ୍ୟନ୍ତ ସିଏମ୍‌ସିର କୌଣସି ଟେଣ୍ଡର୍‌ରେ ଭାଗ ନେଇପାରିବେ ନାହିଁ। ସୂଚନାଯୋଗ୍ୟ, ସିଏମ୍‌ସିର ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇଗଲାଣି। ଆଉ କିଛିଦିନ ଭିତରେ ନିର୍ବାଚନ ପାଇଁ ଆଚରଣବିଧି ଲାଗୁ ହେବ। ତେଣୁ କୌଣସି କାମ ହୋଇପାରିବ ନାହିଁ। ସରକାରୀ ନିୟମ କହୁଛି, ଟେଣ୍ଡର୍ କାର୍ଯ୍ୟାବେଶ ପାଇବାର ଛୋଟ କାମ ପାଇଁ ୨ମାସ ଓ ବଡ଼କାମପାଇଁ ୬ମାସ ମଧ୍ୟରେ ଶେଷ କରିବାର ଅବଧି ରହୁଛି। ସିଏମ୍‌ସି ଇଞ୍ଜିନିୟରଙ୍କ ଠିକାଦାର ପ୍ରୀତି ଯୋଗୁଁ ଟେଣ୍ଡର୍ ପାଇବା ପରେ ମଧ୍ୟ ବର୍ଷ ବର୍ଷ ଧରି ଠିକାଦାର କାମ କରୁନାହାନ୍ତି ହେଲେ, ଉକ୍ତ ଠିକାଦାରଙ୍କ ପ୍ରତି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ଏପରିକି ଟେଣ୍ଡରର ଦ୍ୱିତୀୟ କ୍ରମରେ ଥିବା ଠିକାଦାରଙ୍କୁ କାମ କରିବାକୁ ମଧ୍ୟ ସୁଯୋଗ ଦିଆଯାଉ ନାହିଁ। ତୁରନ୍ତ ଉକ୍ତ କର୍ତ୍ତୃପକ୍ଷ ଏହା ଉପରେ ଦୃଷ୍ଟି ଦେଇ କାର୍ଯ୍ୟ ସମାପ୍ତ କରିବାକୁ ଦାବି ହେଉଛି।



RNI Regd No : ODIODI/2016/74122

ସତ୍ୟ ଓ ତଥ୍ୟ ଭିତ୍ତିକ ସମ୍ବାଦ

# ସଂପର୍କବାର୍ତ୍ତା

SAMPARK BARTA    ODIA WEEKLY

ଫେବୃୟାରୀ ୨୧ ରୁ ୨୭, ୨୦୨୨, ଜଗତସିଂହପୁର

February 21 to 27, 2022, Jagatsinghpur

www.samparkabarta.in




## ସର୍ବକନିଷ୍ଠ ମେୟରଙ୍କୁ ବିବାହ କରିବେ ସବୁଠୁ ସାନ ବିଧାୟକ



**ଥିରୁଅନନ୍ତପୁରମ୍(ସଂପର୍କବାର୍ତ୍ତା):-** ଦେଶ ଦେଖିବାକୁ ଯାଉଛି ଏକ ନିଆରା ବିବାହ। ସବୁଠାରୁ ସାନ ବିଧାୟକଙ୍କୁ ବାହାହେବେ ଭାରତର ସବୁଠୁ ସାନ ମେୟର । କେରଳର ବାଲୁସେରୀ ବିଧାୟକ ସଚିନ୍ ଦେବ ଯିଏକି ରାଜ୍ୟର ବୟସରେ ସବୁଠାରୁ ସାନ ବିଧାୟକ, ଦେଶର ସବୁଠୁ ସାନ ମେୟର ଆରିୟା ରାଜେନ୍ଦ୍ରନଙ୍କୁ ବିବାହ କରିବାକୁ ଯାଉଛନ୍ତି। ଆସନ୍ତା ମାସରେ ଉଭୟଙ୍କ ବିବାହ ଅନୁଷ୍ଠିତ ହେବ। ମାର୍କ୍ସିଷ୍ଟ ପାର୍ଟିର ଏହି ଦୁଇ ଯୁବ ନେତୃତ୍ୱ ବିବାହକୁ ନେଇ ଏବେ ସାରା ଦେଶରେ ଚର୍ଚ୍ଚା କେରଳର କୋଜିକୋଡେର ସଚିନ୍ ଦେବ। କଲେଜ ଅଫ୍ ଆର୍ଟରୁ ସେ ଇଂରାଜୀ ଲିଟରେରରେ ଡିଗ୍ରୀ ହାସଲ କରିଛନ୍ତି। କୋଜିକୋଡେ ଲ କ ଲେ ଜ ରୁ ଆଇନରେସ୍ନାତକ ମଧ୍ୟ ହାସଲ କରିଛନ୍ତି ସଚିନ୍। ଏହା ସହିତ ସେ ଏସଏଫଆଇ ର ସର୍ବଭାରତୀୟ ଯୁଗ୍ମ ସଚିବ ମଧ୍ୟ ଅଛନ୍ତି। ସଚିନ୍ ବିବାହ କରିବାକୁ ଯାଉଥିବା ଆର୍ଯ୍ୟ ରାଜେନ୍ଦ୍ରନ ଥିରୁବନନ୍ତପୁରମର ଅଲ୍ ସେଣ୍ଟମ ମହାବିଦ୍ୟାଳୟରେ ପଢୁଥିଲେ। କଲେଜରେ ପଢୁଥିବା ସମୟରେ ହିଁ ଆର୍ଯ୍ୟ ଭାରତର ସର୍ବ କନିଷ୍ଠ ମେୟର ହୋଇପାରିଥିଲେ। ଗତ ବିଧାନସଭା ନିର୍ବାଚନ ସମୟରେ ଆର୍ଯ୍ୟ ତାଙ୍କ ନିର୍ବାଚନମଣ୍ଡଳୀରେ ସଚିନଙ୍କୁ ଭୋଟ୍ ଦେବାକୁ କହି ଷ୍ଟାର ପ୍ରଚାରକ ଭାବେ ସାମିଲ ଥିଲେ। ଦଳୀୟ କର୍ମୀଙ୍କ ମଧ୍ୟରେ ବିବାହ କରିବାରେ ଏହା ହେଉଛି ନିକଟ ଅତୀତରେ ଦ୍ୱିତୀୟ ଘଟଣା .. ର ତତ୍କାଳୀନ ରାଜ୍ୟ ସଭାପତି ମହମ୍ମଦ ରିୟାସଙ୍କ କେରଳ ମୁଖ୍ୟମନ୍ତ୍ରୀଙ୍କ ସହ ବିହାହ ହୋଇଥିଲ। ରାଜ୍ୟରେ ମାର୍କ୍ସବାଦୀ ପାର୍ଟିର ଏହା ଥିଲା ସବୁଠାରୁ ବଡ ବିବାହ। ପିନାରାୟୀ ବିଜୟନ୍ ଙ୍କ ସରକାରରେ ଜଣେ ହେଭିଓ୍ୱେଟ୍ ମନ୍ତ୍ରୀ ଭାବେ ରିୟାସଙ୍କର ବେଶ୍ ଖାତିର ରହିଛି। ଆଜି ସବୁଠାରୁ ଶକ୍ତିଶାଳୀ ମନ୍ତ୍ରୀଙ୍କ ମଧ୍ୟରେ ଅଛନ୍ତି। କେରଳର ବର୍ତ୍ତମାନ ଶିକ୍ଷା ମନ୍ତ୍ରୀ ଭି ଏମି ସିଭାନ୍‌କୁ ଟି ମଧ୍ୟ କେରଳ ଜନସେବା ଆୟୋଗର ସଦସ୍ୟ ତଥା ପୂର୍ବତନ ରାଜ୍ୟସଭା ସଦସ୍ୟ ପାର୍ବତୀ ଆର୍ ଦେବୀଙ୍କୁ ବିବାହ କରିଥିଲେ। ସେହିଭଳି ଉଚ୍ଚଶିକ୍ଷା ମନ୍ତ୍ରୀ ଆର ବିନ୍ଦ ଦଳର ବରିଷ୍ଠ ନେତା ତଥା ପୂର୍ବତନ ସିପିଏମ୍ ସଚିବ ଏ ବିଜୟ ରାଘବନ୍‌ଙ୍କୁ ବିବାହ କରିଛନ୍ତି।

**ନିଆରା ବାହାଘରକୁ ନେଇ ଦେଶବ୍ୟାପୀ ଚର୍ଚ୍ଚା**


## ଭାରତରେ କେବେ ପୁରୁଷ କମିଶନ ଗଠନ ?-ସାଂସଦ ଅନୁଭବ

**ଭୁବନେଶ୍ୱର(ପରମେଶ୍ୱର ଦାଶ):-** ଏହି ଭଳି ପ୍ରଶ୍ନ ନିଜ ସୋସିଆଲ ମିଡିଆ ଆକାଉଣ୍ଟରେ ପୋଷ୍ଟ କରିଛନ୍ତି ସାଂସଦ ଅନୁଭବ ମହାନ୍ତି। ଅନୁଭବଙ୍କ ଏହି ପୋଷ୍ଟକୁ ନେଇ ରାଜନୈତିକ ମହଲରେ ଏବେ ହଟଚମଟ ସୃଷ୍ଟି ହୋଇଛି ଭାରତରେ କେବେ ଗଠନ ହେବ ପୁରୁଷ କମିଶନ ? ପୁରୁଷ ହୁଅନ୍ତୁ କିମ୍ବା ନାରୀ ପାଇବାର ସମାନ ଅଧିକାର ରହିଛି। ଏହି ଭଳି କିଛି ନିଜ ଟ୍ୱିଟର ଆକାଉଣ୍ଟରେ ପୋଷ୍ଟ କରିଛନ୍ତି ଅଭିନେତା ତଥା କେନ୍ଦ୍ରାପଡା ସାଂସଦ ଅନୁଭବ ମହାନ୍ତି। ଜଣେ ସାଂସଦ କାହିଁକି ଏଭିଳି ପ୍ରଶ୍ନ ନିଜ ବ୍ୟକ୍ତିଗତ ଆକାଉଣ୍ଟରେ ପୋଷ୍ଟ କରିଛନ୍ତି ତାହାକୁ ନେଇ ଏବେ ଚାରି ଆଡେ ଚର୍ଚ୍ଚା ଚାଲିଛି। ଏବେ ସମସ୍ତଙ୍କ ମନରେ ଗୋଟିଏ ପ୍ରଶ୍ନ କାହିଁକି ଅଭିନେତା ତଥା ସାଂସଦ ଅନୁଭବ ମହାନ୍ତି ଉଠାଇଛନ୍ତି ପୁରୁଷ କମିଶନ କଥା କେଉଁ ସମସ୍ୟାର ସମାଧାନ ପାଇଁ ପୁରୁଷ କମିଶନ ଆବଶ୍ୟକତା ଅନୁଭବର ପଡିଲା ? ଏ କଥଆମେ କହୁନୁ ଅନୁଭବ ମହାନ୍ତି ନିଜ ଟ୍ୱିଟର ଆକାଉଣ୍ଟରେ ଏକ ପୋଷ୍ଟ କରି ଭାରତରେ କେବେ ପୁରୁଷ କମିଶନ ଗଠନ ହେବ ବୋଲି ପ୍ରଶ୍ନ କରିଛନ୍ତି କରିବା ପରେ ଏବେ ଏହାକୁ ନେଇ ସବୁଠି ଚର୍ଚ୍ଚ ଚାଲିଛି। ଏହି ପୋଷ୍ଟ ପରେ ଲୋକଙ୍କ ମନରେ ଅନେକ ପ୍ରଶ୍ନ ଉଠିଛି। ସାଂସଦ ଅନୁଭବ ମହାନ୍ତି ନିଜକୁ ଅସୁରକ୍ଷିତ ହୋଇପଡିଛନ୍ତି କି ? ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀ ।ଏବଂ ସାଂସଦ ଅନୁଭବ ମହାନ୍ତି ବୈବାହିକ ସମ୍ପର୍କରେ ଝଡ ଉଠିବା ପରେ ମାମଲା ଏବେ କୋର୍ଟରେ ବିଚାରାଧୀନ ରହିଛି। ବାରମ୍ୱାର ବର୍ଷାଙ୍କ ସପକ୍ଷରେରାୟ ଯାଉଛି। ଏହି କାରଣରୁ ଭାରତର ନ୍ୟାୟ ବ୍ୟବସ୍ଥା ଉପରେ ଆସ୍ଥା ହରାଇ ଅନୁଭବ ମହାନ୍ତି ପୁରୁଷ କମିଶନ କଥା ଉଠାଇ ଥିବା କହୁାଯାଉଛି। ଅନୁଭବଙ୍କର ଏ ଭଳି ପୋଷ୍ଟ କେଉଁ ଦିଗକୁ ଇଙ୍ଗିତ କରୁଛି ତାହା ସ୍ପଷ୍ଟ ହୋଇପାରି ନାହିଁ। କିନ୍ତୁ ଅନୁଭବ ଭାରତରେ ସମାନତା ଏବଂ ସବୁ ବର୍ଗଙ୍କର ସମାନ ଅଧିକାର କଥା କହୁଛନ୍ତି। ଭାରତରେ ପୁରୁଷ କମିଶନ କେବେ ଗଠନ ହେବ ବୋଲି ଅନୁଭଙ୍କ ପ୍ରଶ୍ନ ପାରିବାରିକ ନାପୁରୁଷମାନଙ୍କ ଅଧିକାର ଏବଂ ସୁରକ୍ଷା ପାଇଁ ତାହା ସେ ସ୍ପଷ୍ଟ କରିନାହାନ୍ତି। ନିଜେ ଜଣେ ସାଂସଦ ହୋଇ ବର୍ତ୍ତମାନର ନ୍ୟାୟିକ ବ୍ୟବସ୍ଥା ଉପରେ ଭରସା ହରାଇଛନ୍ତି କି ବୋଲି ଲୋକଙ୍କ ମନରେ ପ୍ରଶ୍ନ ଉଠିଛି। କେନ୍ଦ୍ରାପଡା ସାଂସଦ ଅନୁଭବ ମହାନ୍ତି ପୁରୁଷ କମିଶନ ପ୍ରସଂଗ ଲୋକସଭା କିମ୍ବା ରାଜ୍ୟ ସଭାରେ ଉଠାଇଛନ୍ତି କି ବୋଲି ଏବେ ଚାରି ଆଡେ ପ୍ରଶ୍ନ ଉଠିଛି। ଅନୁଭବଙ୍କର ଏହି ଟ୍ୱିଟକୁ ନେଇ ଦ୍ୱନ୍ଦ୍ୱରେ ପଡିଛନ୍ତି ପ୍ରଶଂସକ। ବର୍ଷା-ଅନୁଭବଙ୍କ ବିବାହ ବିବାଦ ଚାଲିଥିଲେ ମଧ୍ୟ ସାଂସଦଙ୍କ ପତ୍ନୀ ହିସାବରେ ବର୍ଷାଙ୍କର ସମସ୍ତ ସୁବିଧା ପାଇବାର ଅଧିକାର ଅଛି ବୋଲି ନ୍ୟାୟାଳୟ କହିଛନ୍ତି। ଏହାପରେ ଅନୁଭବରେ ଜଣେ ବାନ୍ଧବୀ ବର୍ଷାଙ୍କ ନାଁ ନନେଇ କାହିଁକ ତାଙ୍କୁ ସବୁ ସୁବିଧା ମିଳିବ ବୋଲି ପ୍ରଶ୍ନ କରିଥିଲେ। ଏହା ସହ ତାଙ୍କ ପ୍ରମାଣ ପତ୍ରକୁ ନେଇ ବିବାଦୀୟ ମନ୍ତବ୍ୟ ଦେଇଥିଲେ। ଏହି ଘଟଣା ପରେ ବର୍ଷା ଅନୁଭବଙ୍କ ବାନ୍ଧବୀଙ୍କ ବିରୋଧରେ ଥାନାରେ ଅଭିଯୋଗ ମଧ୍ୟ କରିଥିଲେ। ଏହି ଘଟଣାକୁ ସପ୍ତାହେ ନପୁରୁଣୁ ଅନୁଭବ ଭାରତରେ ପୁରୁଷ କମିଶନ କେବେ ଗଠନ ହେବା ନେଇ କରିଥିବା ଟ୍ୱିଟର ପୋଷ୍ଟ ବିଭିନ୍ନ ଦିଗକୁ ଇଙ୍ଗିତ କରୁଥିବା ଅନୁମାନ କରାଯାଉଛି। ତେବେ କାହିଁକି ସାଂସଦ ଅନୁଭବ ମହାନ୍ତି ଏହିଭଳି ପୋଷ୍ଟ କରିଛନ୍ତି ? ଏ ନେଇ ଅନୁଭବ ନିଜେ ସ୍ପଷ୍ଟ କରିବା ପରେ ହିଁ ସବୁ ପ୍ରଶ୍ନର ଉତ୍ତର ମିଳିଯିବ ବୋଲି କୁହାଯାଉଛି।



## ପତ୍ନୀ ଜିଦ୍ କରନ୍ତି, ତେବେ ସ୍ୱାମୀ ତାଙ୍କ ସହ ଶୁଅନ୍ତୁ ନାହିଁ

**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ବିବାହିତ ପୁରୁଷଙ୍କୁ ପରାମର୍ଶ ଦେଇ ଏବେ ଅଡୁଆରେ ମହିଳା ମନ୍ତ୍ରୀ। ତାଙ୍କ ଉପରେଏବେ ଘରୋଇ ହିଂସାକୁ ପ୍ରଶୟ ଦେବାର ଅଭିଯୋଗ ଅଣାଯାଇଛି। ନିଜର ଅଜବ ପରାମର୍ଶକୁ ନେଇ ଏବେ ସେ ବିବାଦରେ ଛନ୍ଦି ହୋଇପାରିଛନ୍ତି। ଅସଲରେ ସେ କହିଥିଲେ ଯେ, ଯଦି ପତ୍ନୀ ଜିଦ୍ କରେ କିମ୍ବା ଜିଦ୍ ରେ ଅଡି ବସେ ତାହେଲେ ସ୍ୱାମୀ ତାଙ୍କ ସହ ୩ଦିନ ଯାଏଁ ଶୁଅନ୍ତୁ ନାହିଁ। ଖାଲି ସେତିକି ନୁହେଁ ସେ ଆହୁରି ବି କହିଛନ୍ତି ଯେ, ଏପରି ଜିଦ୍ କଲେ ପତ୍ନୀଙ୍କୁ ମାଡ ମାରିବା ଦରକାର , ଯାହାଫଳରେ ପତ୍ନୀ ମାନଙ୍କୁ ତାଗିଦ୍ କରାଯାଇପାରିବ। ଡେଲି ମେଲ୍ ର ଏକ ରିପୋର୍ଟ ମୁତାବକ ମହିଳା , ପରିବାର ଓ ସାମ୍ପ୍ରଦାୟିକ ବିକାଶର ଉପମନ୍ତ୍ରୀ ସିତୀ ଜୈଲା ମହମ୍ମଦ୍ ୟୁସୋଫ୍ ଏବେ ବିବାଦରେ ଫସିଛନ୍ତି। ଲୋକମାନେ ଏବେ ତାଙ୍କୁ ଜୋରଦାର୍ ବିରୋଧ କରିବାରେ ଲାଗିଛନ୍ତି। ଲୋକଙ୍କ କହିବା କଥା ଯେ ମନ୍ତ୍ରୀ ପୁରୁଷ ମାନଙ୍କ ନିଜ ପତ୍ନୀଙ୍କୁ ମାଡ ମାରିବା କଥା କହି ଘରୋଇ ହିଂସାକୁ ପ୍ରଶୟ ଦେଉଛନ୍ତି। ଲୋକମାନେ ଏବେ ତାଙ୍କୁ ଜୋରଦାର୍ ବିରୋଧ କରିବାରେ ଏକ ଭିଡିଓ ପୋଷ୍ଟ କରିଛନ୍ତି, ଯାହାକୁ ସେ ମଦର୍ ଟିପ୍ସ ବୋଲି ନାମ ଦେଇଛନ୍ତି। ଏହି ଭିଡିଓରେ ସେ ସ୍ୱାମୀ ମାନଙ୍କୁ ପରାମର୍ଶ ଦେଇଛନ୍ତି ଯେ, ନିଜର ଜିଦିଆ ପତ୍ନୀଙ୍କ ସହିତ କଥା ହୋଇ ତାଙ୍କୁ ତାଗିଦ୍ କରନ୍ତୁ ତାପରେ ଯଦି ପତ୍ନୀ ନିଜ ବ୍ୟବହାରରେ ପରିବର୍ତ୍ତନ ଆଣୁନାହାନ୍ତି ତାହେଲେ ସ୍ୱାମୀ ତିନି ଦିନ ପର୍ଯ୍ୟନ୍ତ ତାଙ୍କ ପାଖରେ ଶୁଅନ୍ତୁ ନାହିଁ। ଆଉ ଏହା ପରେ ଯଦି ପତ୍ନୀ ବଦଳୁନାହାନ୍ତି ତାହେଲେ କଡା ପଦକ୍ଷେପ ଗ୍ରହଣ କରନ୍ତୁ। ସ୍ତ୍ରୀ ମାନଙ୍କୁ ମାଡ ମାରନ୍ତୁ।



### ଦଳ ନୁହେଁ ଦକ୍ଷତା ହିଁ ବିଜୟର ମାନଦଣ୍ଡ

## ୫୨ନଂ ୱାର୍ଡ଼ର ସର୍ବାଙ୍ଗୀନ ଉନ୍ନତି ମୋର ମୂଳ ଲକ୍ଷ୍ୟ:ରଶ୍ମିତା ସାହୁ



**କଟକ(ସଂପର୍କବାର୍ତ୍ତା):-** କଟକ ମହାନଗର ନିଗମ (ସିଏମସି) ଅଞ୍ଚଳରେ ପୌର ନିର୍ବାଚନପାଇଁ ପ୍ରାର୍ଥୀମାନେ ମଇଦାନକୁ ଓହ୍ଲାଇବାପାଇଁ ହେଲେଣି ସଜବାଜ। ୱାର୍ଡ଼ରେ ରହିଛି ଅନେକ ସମସ୍ୟା। ଆଉ ସମାଧାନର ନା ଧରୁନାହିଁ। ଚାପରେ ରହିଛନ୍ତି ଶାସକ ଦଳର ନେତୃମଣ୍ଡଳୀ। କେଉଁ ପ୍ରସଙ୍ଗକୁ ଆଧାର କରି ୱାର୍ଡ଼ବାସୀଙ୍କ ପାଖକୁ ଯିବେ? ଆଉ ଏହରି ଭିତରେ ଘରୁ ଗୋଡ଼ କାଢ଼ି ୫୨ନଂ ୱାର୍ଡ଼ବାସୀଙ୍କ ସମସ୍ୟାକୁ ସମାଧାନ କରିବା ସହିତ ସେମାନଙ୍କ ସୁଖ ଦୁଃଖରେ ଭାଗିଦାରୀ ହେବାପାଇଁ ଆଗେଇ ଆସିଛନ୍ତି ସମାଜସେବୀ ରଶ୍ମିତା ସାହୁ।

ସୂଚନାଯୋଗ୍ୟ, କେନ୍ଦ୍ରାପଡ଼ା ଜିଲ୍ଲା ରାଜକନିକା ବ୍ଲକର ଓଳାଭର ଗ୍ରାମ ପଞ୍ଚାୟତର ବିଶିଷ୍ଟ ଶିଳ୍ପପତି ତଥା ସମାଜସେବୀ ସୁଶୀଲ ନାଥଙ୍କର ଜ୍ୟେଷ୍ଠ କନ୍ୟା ରଶ୍ମିତା ସାହୁ ଗ୍ରାଜୁଏସନ ସମାପ୍ତ ପରେ ସପରିବାର କଟକ ସହରକୁ ଚାଲିଆସିଥିଲେ। ରଶ୍ମିତା କଟକ ସହରର ୫୨ନଂ ୱାର୍ଡ଼ରେ ସପରିବାର ସହ ଦୀର୍ଘ ୧୫ବର୍ଷରୁ ଉର୍ଦ୍ଧ୍ୱକାଳ ରହି ଏକ ସିଲେଇ କେନ୍ଦ୍ର ଖୋଲି ମହିଳାମାନଙ୍କୁ ସିଲେଇ ପ୍ରଶିକ୍ଷଣ ଦେବାସହ ବିନା ସରକାରୀ ସହୟତାରେ ମହିଳାଙ୍କ ସ୍ୱାବଲମ୍ବୀ କରାଇ ରୋଜଗାରକ୍ଷମ କରିପାରିଛନ୍ତି ଏବଂ ନିଜେ ମଧ୍ୟ ରୋଜଗାରକ୍ଷମ ହୋଇ ସମାଜସେବା କ୍ଷେତ୍ରରେ ନିଜକୁ ନିୟୋଜିତ କରିଛନ୍ତି। ଏଥିସହ ଓଡ଼ିଶା ସୂଚନା ଅଧିକାର ଅଭିଯାନରେ ଜଣେ ସକ୍ରିୟ ସଦସ୍ୟଭାବେ ଦୁର୍ନୀତି ବିରୁଦ୍ଧରେ ସରୋଉଳନ କରିବା ସହ ରଶ୍ମିତା 'ମୋ କଟକ ସୁରକ୍ଷା ମଞ୍ଚର ଉପ-ସଭାନେତ୍ରୀ ପଦ ଅଳଙ୍କୃତ କରି ୱାର୍ଡ଼ରେ ଜନସାଧାରଣଙ୍କ ମୌଳିକ ସମସ୍ୟା ସହ ସରକାରୀ ଯୋଜନାରୁ ବଞ୍ଚିତ ଲୋକମାନଙ୍କପାଇଁ କାର୍ଯ୍ୟକରି ଆସୁଛନ୍ତି। ଆଗକୁ ପୌର ନିର୍ବାଚନକୁ ଆଖି ଆଗରେ ରଖି କଟକ ୫୨ନଂ ୱାର୍ଡ଼କୁ ଏକ ଆଦର୍ଶ, ଦୁର୍ନୀତିମୁକ୍ତ ୱାର୍ଡ଼ ଗଠନ କରିବାସହ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଯୋଜନାରେ ଜନସାଧାରଣଙ୍କୁ ସାମିଲ କରାଇ ସ୍ୱାବଲମ୍ବୀ କରାଇବା ସହ ରୋଜଗାରକ୍ଷମ କରିବାର ଲକ୍ଷ ରଖି ପୌର ନିର୍ବାଚନରେ କର୍ପୋରେଟର ପ୍ରାର୍ଥୀଭାବେ ଲଢ଼ିବାପାଇଁ ରଶ୍ମିତା ତାଙ୍କର ପ୍ରଚେଷ୍ଟା ଜାରି ରଖିଛନ୍ତି। ରଶ୍ମିତାଙ୍କ ପରିବାର କହିଲେ ସ୍ୱାମୀ ଜିତେନ୍ଦ୍ର ସାହୁ ଓ ଏକମାତ୍ର ଝିଅ ସମୀକ୍ଷା। ଜିତେନ୍ଦ୍ର ହେଉଛନ୍ତି ଏକାଧାରରେ ଜଣେ ସାମ୍ବାଦିକ, ଯୁବ ସମାଜସେବୀ ଓ ସୂଚନା ଅଧିକାର କର୍ମୀଭାବେ ଓଡ଼ିଶାର କୋଣ ଅନୁକୋଣରେ ବେଶ୍ ପରିଚିତ ଅଟନ୍ତି। କଟକ ମହାନଗର ନିଗମ ତଥା ସରକାରଙ୍କ ଅନେକ ଦୁର୍ନୀତିକୁ ଲୋକଲୋଚନକୁ ଆଣିବା ସହ ଜନସାଧାରଣଙ୍କ ମୌଳିକ ସମସ୍ୟା ତଥା ସରକାରୀ ଯୋଜନାରୁ ବଞ୍ଚିତ ହୋଇଥିବା ପ୍ରକୃତ ହିତାଧିକାରୀଙ୍କପାଇଁ ସଦାସର୍ବଦା କାର୍ଯ୍ୟକରି ଆସୁଛନ୍ତି। ଆଗାମୀ ପୌର ନିର୍ବାଚନରେ ସମସ୍ତ ଦୁର୍ନୀତିର ତଥ୍ୟ ନେଇ ୱାର୍ଡ଼ବାସୀଙ୍କ ନିକଟରେ ପହଞ୍ଚାଇବା ସହ ୱାର୍ଡ଼ର ଯୁବପିଢ଼ି, ଶିକ୍ଷିତ ଓ ସଚେତନ ନାଗରିକମାନେ ଦଳ ନୁହେଁ ଦକ୍ଷତାକୁ ମାନଦଣ୍ଡଭାବେ ଗ୍ରହଣ କରିବାପାଇଁ ୫୨ ନମ୍ବର ୱାର୍ଡ଼ର କର୍ପୋରେଟ ପାର୍ଥିନି ରଶ୍ମିତା ନିବେଦନ କରିଛନ୍ତି।

## ହାଇକୋର୍ଟଙ୍କ ପ୍ରତିନିଧି ଦଳ ଓ ପୋଲିସ ସାମ୍ନାରେ ଦୁଇ ଗୋଷ୍ଠୀ ମୁହାଁମୁହିଁ



**ଜଗତସିଂହପୁର(ପବିତ୍ର କୁମାର ଦାଶ):-** ଜଗତସିଂହପୁର ଜିଲ୍ଲା ଢିଙ୍କିଆ ଗାଁରେ ହାଇକୋର୍ଟଙ୍କ ୫ଜଣିଆ କମିଟି ଓ ପୋଲିସ ଉପସ୍ଥିତିରେ ଗାଁର ଦୁଇ ଗୋଷ୍ଠୀ ମୁହାଁମୁହିଁ ହୋଇଛନ୍ତି । ଯାହାକୁ ନେଇ ପୁଣି ଢିଙ୍କିଆ ଅଶାନ୍ତ ହୋଇଛି । ଗାଁ ଲୋକଙ୍କ ସହ ହାଇକୋର୍ଟ କମିଟି ଆଲୋଚନାବେଳେ ଗଣ୍ଡଗୋଳ ଆରମ୍ଭ ହୋଇଥିଲା । ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁଯାୟୀ ହାଇକୋର୍ଟଙ୍କ ନିର୍ଦ୍ଦେଶରେ ହାଇକୋଟଙ୍କ ଦ୍ୱାରା ଗଠିତ ୫ ଜଣିଆ କମିଟି ଢିଙ୍କିଆରେ ପହଞ୍ଚିଥିଲା । ୩ ଜଣ ଆବେଦନକାରୀଙ୍କ ଓକିଲ ଓ ୨ ଜଣ ସରକାରୀ ଓକିଲ ଢିଙ୍କିଆରେ ପହଞ୍ଚିଥିଲେ । ସେଠାରେ ପହଞ୍ଚି ଫୁଲଖାଇ ମନ୍ଦିର ନିକଟରେ ଗାଁ ଲୋକଙ୍କ ସହିତ ଆଲୋଚନା କରିବା ସମୟରେ ଉତ୍ତେଜନା ଦେଖାଦେଇଥିଲା । ଏବେ ବି ଗାଁରେ ଉତ୍ତେଜନା ଲାଗିରହିଛି । ଢିଙ୍କିଆ ମାମଲାର ଶୁଣାଣି କରି ୫ ଜଣିଆ କମିଟି ଗଠନ କରିଥିଲେ ହାଇକୋର୍ଟ । ହାଇକୋର୍ଟଙ୍କ ପ୍ରତିନିଧି ଦଳ ଢିଙ୍କିଆ ଗ୍ରାଉଣ୍ଡ ସ୍ଥିତି ସମୀକ୍ଷା କରି ହାଇକୋର୍ଟରେ ରିପୋର୍ଟ ଦାଖଲ କରିବେ ବୋଲି ନିର୍ଦ୍ଦେଶ ରହିଛି । ଏହାପରେ ଆସନ୍ତା ୨୩ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ । ଘଟଣା ନେଇ ହାଇକୋର୍ଟରେ ଦାଏର ୩ଟି ମାମଲାରେ ରାଜ୍ୟ ସରକାର ଷ୍ଟାଟସ ରିପୋର୍ଟ ଦାଖଲ କରିଛନ୍ତି । ଜଗତସିଂହପୁର ଜିଲ୍ଲାପାଳ ମଧ୍ୟ କୋର୍ଟରେ ଷ୍ଟାଟସ ରିପୋର୍ଟ ଦାଖଲ କରିଛନ୍ତି । ଜେଏସଡବ୍ଲ୍ୟୁ ପ୍ରସ୍ତାବିତ ଇସ୍ପାତ ପ୍ରକଳ୍ପକୁ ବିରୋଧରେ ପୋଲିସ ଓ ଜନତା ମୁହାଁମୁହିଁ ହୋଇଥିଲେ । କଂଗ୍ରେସ ଦଳର ପ୍ରାର୍ଥୀଙ୍କ ପ୍ରଚାର ଶୋଭାଯାତ୍ରାରେ କିଛି ବାହାର ଗାଁ ଲୋକ ଆସି ଜୋରଜବରଦସ୍ତ କମିଟି ନିକଟରେ ଅଭିଯୋଗ କରିବାକୁ ଆସୁଥିଲା ବେଳେ ସ୍ଥାନୀୟ ଢ଼ିଙ୍କିଆ ଲୋକେ ବୀରୋଧ କରିଥିଲେ। ଏହି ମୁହାଁମୁହିଁ ଘଟଣାରେ କିଛି ପୋଲିସ କର୍ମଚାରୀଙ୍କ ସହ ଲୋକମାନେ ଆହତ ମଧ୍ୟ ହୋଇଥିଲେ। ଢିଙ୍କିଆ ଗଣ୍ଡଗୋଳ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ରୁଜୁ ହେବା ପରେ କୋର୍ଟ ଏହାର ବିଚାର କରୁଛନ୍ତି।

## ମା' ବୈଷ୍ଣବଦେବୀ ନିଶ୍ଚୟ ସହାୟ ହେବେ



**କଟକ(ସଂପର୍କବାର୍ତ୍ତା):-** ଯାହା ଶୁଣାଯାଏ ଆଶାୟୀ ପ୍ରାର୍ଥୀ ଶ୍ରୀ ଲୋକନାଥ ଲେଙ୍କା ନିକଟ ଅତୀତରେ ମା' ବୈଷ୍ଣବଦେବୀ ନିକଟକୁ ଯାଇ ମା'ଙ୍କ ପାଖରେ ପୂଜାର୍ଚ୍ଚନା କରି ମାନସିକ କରିଆସିଛନ୍ତି ଏଣୁ ମା' ନିଶ୍ଚୟ ସହାୟ ହେବ ବୋଲି ଆଶା ବାନ୍ଧି ରଖିଛନ୍ତି। କଟକ ମହନଗର ନିଗମ ଅନ୍ତର୍ଗତ ୩୯ନଂ ୱାର୍ଡ଼ର ୱାର୍ଡ଼ବାସୀଙ୍କ ବିଭିନ୍ନ ସମସ୍ୟାକୁ ସମାଧାନ କରିବାରେ ୱାର୍ଡ଼ବାସୀଙ୍କ ଏକମାତ୍ର ଭରସା ଓ ବିଶ୍ୱାସଯୋଗ୍ୟ ଅପରାଜେୟ ପ୍ରାର୍ଥୀଭାବେ ଉଭାହୋଇଛନ୍ତି ସମାଜସେବୀ ଲୋକନାଥ ଲେଙ୍କା। ରାଜନୈତିକ ଗୁରୁଭାବେ ସେ ପଞ୍ଚାୟତରାଜ ଓ ଆଇନ ମନ୍ତ୍ରୀ ତଥା ମାହାଙ୍ଗା ମାଟିର ଗର୍ବ ଓ ଗୌରବ ପ୍ରତାପ ଜେନା ଓ ଚୌଦ୍ୱାର-କଟକ ମାଟିର ଅପ୍ରତିଦ୍ୱନ୍ଦି ନାୟକ ଡଃ ପ୍ରଭାତ ରଞ୍ଜନ ବିଶ୍ୱାଳଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ରାଜନୀତିରେ ପାଦ ଥାପିଥିଲେ ଶ୍ରୀ ଲେଙ୍କା ୨୦୦୯ ମସିହାରେ ଜନତା ଦଳରୁ କର୍ପୋରେଟର ପ୍ରାର୍ଥୀଭାବେ ମଇଦାନକୁ ଓହ୍ଲାଇଥିଲେ। କିନ୍ତୁ ମାର୍ଗଦର୍ଶକଙ୍କ ନିଷ୍ପତ୍ତିଙ୍କୁ ସମ୍ମାନ ଜଣାଇ ପ୍ରାର୍ଥୀପତ୍ର ଅପସାରଣ କରିନେଇଥିଲେ। ସେ ଜଣେ ଶୃଙ୍ଖଳିତ କର୍ମୀଭାବେ ସଦାସର୍ବଦା ଦଳର ନିଷ୍ପତ୍ତିକୁ ସମ୍ମାନ ଜଣାଇବା ସହିତ ଦଳ ଯେତେବେଳେ ଯେଉଁ ଦାୟିତ୍ୱ ହସ୍ତାନ୍ତର କରିଛି ସେ ସମସ୍ତ କାର୍ଯ୍ୟକୁ ସୂଚାରୁରୂପେ ତୁଲାଇ ଆସିଛନ୍ତି। ୱାର୍ଡ଼ବାସୀଙ୍କ ନିଷ୍ପତ୍ତିକୁ ସମ୍ମାନ ଜଣାଇ ଆସନ୍ତା ମହାନଗର ମ୍ୟୁନିସିପାଲଟି ନିର୍ବାଚନରେ ବିଜୁ ଜନତା ଦଳ ପକ୍ଷରୁ ରଣାଙ୍ଗନକୁ ଓହ୍ଲାଇବାପାଇଁ ମନସ୍ଥ କରିଛନ୍ତି ଶ୍ରୀ ଲେଙ୍କା।

ଶ୍ରୀ ଲେଙ୍କା ଜାନୁୟାରୀ ୨୦୨୧ରେ ବିଜୁ ଯୁବଜନତା ଦଳ କଟକ ଜିଲ୍ଲାର ଉପସଭାପତି ଦାୟିତ୍ୱ ଅଳଙ୍କୃତ କରିବାପରେ କଟକ ସହରରେ ଏକ ରକ୍ତଦାନ ଶିବରର ଆୟୋଜନ କରି ରେକର୍ଡ଼ ସଂଖ୍ୟକ ମୋଟ ୨ ଶହ ୬୬ ୟୁନିଟ ରକ୍ତ ସଂଗ୍ରହ କରି ଏକ ନୂତନ ଅଧ୍ୟାୟ ସୃଷ୍ଟି କରିଥିଲେ। ପରେ ପରେ ବିଜେଡ଼ି ପକ୍ଷରୁ ପ୍ରତ୍ୟେକ ବର୍ଷ ଭଳି ଚଳିତ ଅକ୍ଟୋବର ମାସ ୨ ତାରିଖରୁ ପବିତ୍ର ଗାନ୍ଧୀ ଜୟନ୍ତୀରୁ ଆରମ୍ଭ ହୋଇ ନଭେମ୍ବର ମାସ ୨ ତାରିଖ ପର୍ଯ୍ୟନ୍ତ ଦୀର୍ଘ ଏକ ମାସ ଧରି ପାଳନ କରାଯାଉଥିବା ସାମାଜିକ କାର୍ଯ୍ୟରେ ଶ୍ରୀ ଲେଙ୍କାଙ୍କ ଅବଦାନ ଅତୁଳନୀୟ ଅଟେ। ଏହି ପରିପ୍ରେକ୍ଷୀରେ ସମଗ୍ର ଓଡ଼ିଶା ଭିତରେ କଟକ ଜିଲ୍ଲାକୁ ସାମାଜିକ କାର୍ଯ୍ୟକ୍ରମ ପାଇଁ ଏକନମ୍ବର ସ୍ଥାନର ଆଖ୍ୟା ମିଳିଥିଲ। ଏହି ଏକମାସ ମଧ୍ୟରେ ୱାର୍ଡ଼ରେ ବିଭିନ୍ନ ପ୍ରକାରର ଜନହିତକାର କାର୍ଯ୍ୟକ୍ରମ କରାଯିବା ସହିତ ଦାତବ୍ୟ ଶିବିରର ଆୟୋଜନ ମଧ୍ୟ କରାଯାଇଥିଲା। ୱାର୍ଡ଼ର ଅସହାୟ ବ୍ୟକ୍ତିଙ୍କୁ ଅସମୟରେ ସଦା ସର୍ବଦା ସହାୟତାର ହାତ ବଢ଼ାଇ ନିଜର ମାନବିକତାର ପରିଚୟ ଦେଇଥାନ୍ତି ଶ୍ରୀଲେଙ୍କା। ଏଥିସହ ସରକାରଙ୍କ ଦ୍ୱାରା ଲାଗୁ କରାଯାଇଥିବା ବିଭିନ୍ନ ଯୋଜନାରୁ ପାଇବାକୁ ଥିବା ହିତାଧିକାରୀମାନ ପ୍ରଥମେ ଅନଲାଇନ ମାଧ୍ୟମରେ ଆବେଦନ କରିବାକୁ ପଡ଼ିଥାଏ। ଏହି ସେବା ୱାର୍ଡ଼ଠାରୁ ବହୁ ଦୂରରେ ଥିବାରୁ ସମାଜସେବୀ ଶ୍ରୀଲେଙ୍କା ନିଜ ପାଟରାସାହିସ୍ଥିତ ବାସଭବନରେ ୱାର୍ଡ଼ବାସୀଙ୍କ ପାଇଁ ବିନା ମୂଲ୍ୟରେ 'ଆପଣଙ୍କ ସେବାରେ କାର୍ଯ୍ୟାଳୟ' ର ସ୍ଥାପନା କରି ରାସନ କାର୍ଡ଼, ଭୋଟର, ଜନ୍ମ-ମୃତ୍ୟୁ ପଞ୍ଜୀକରଣ, ବିଧବା, ଭିନ୍ନକ୍ଷମ, ବରିଷ୍ଠ ନାଗରିକ ପରିଚୟ ପତ୍ର, ଡ୍ରାଇଭିଂ ଲାଇସେନ୍ସ, ପ୍ୟାନ, ଇ-ଶ୍ରମକାର୍ଡ଼ ଏବଂ ସ୍ୱାସ୍ଥ୍ୟ କାର୍ଡ଼ ଆଦି ବହୁ ଯୋଜନାର ଆବେଦନ ଏଠାରେ କରାଯାଇଥାଏ। ଏହି ସମସ୍ତ ସୁବିଧାକୁ ପାଇବା ନିମନ୍ତେ ନୂତନ ବର୍ଷ ଅବସରରେ କ୍ୟାଲେଣ୍ଡର ମାଧ୍ୟମରେ ୱାର୍ଡ଼ର ପ୍ରତ୍ୟେକ ଘରେ ଘରେ ବାର୍ତ୍ତା ପହଞ୍ଚାଇଥିଲେ ଶ୍ରୀ ଲେଙ୍କା।

୩୯ନଂ ୱାର୍ଡ଼ବାସୀଙ୍କ ମତରେ ୱାର୍ଡ଼ରେ ଯେତେସବୁ ପ୍ରାର୍ଥୀମାନେ ଅଛନ୍ତି ସେମାନେ ସମସ୍ତେ ଦଳୀୟ ସ୍ୱାର୍ଥକୁ ପଛରେ ପକାଇ ନିଜ ସ୍ୱାର୍ଥକୁ ପଛରେ ପକାଇ ନିଜ ସ୍ୱାର୍ଥକୁ ପ୍ରାଧାନ୍ୟ ଦେଇଥାନ୍ତି। ସମୂହ ୱାର୍ଡ଼ବାସୀ ନିଷ୍ପତ୍ତି ନେଇଛନତି ଯେ, ଆସନ୍ତା ମହାନଗର ନିର୍ବାଚନରେ ଆମ ୱାର୍ଡ଼ରୁ ଲୋକନାଥ ପ୍ରତିଦ୍ୱନ୍ଦ୍ୱିତା କରୁ। ଏଥିସହିତ ସମଗ୍ର ମହାନଗର ନିଗମରେ ଅଧିନରେ ଯେତେଗୋଟି ୱାର୍ଡ଼ ଅଛି ସମସ୍ତ ୱାର୍ଡ଼କୁ ପଛରେ ପକାଇ ଆମ ୩୯ନଂ ୱାର୍ଡ଼କୁ ଏକ ଆର୍ଦଶ ୱାର୍ଡ଼ରେ ପରିଣତ କରୁ ବୋଲି ବୁଦ୍ଧିଜୀବିବୃନ୍ଦ ମତବ୍ୟକ୍ତ କରିଛନ୍ତି। ଅପରପକ୍ଷେ ୱାର୍ଡ଼ର ସମସ୍ତ ଗୁରୁଜନ, ମୁରବୀ ଓ ଯୁବବନ୍ଧୁଙ୍କ ନିଷ୍ପତିକୁ ସମ୍ମାନ ଜଣାଇ ମୁଁ ମୋର କର୍ତ୍ତବ୍ୟରେ କେବେ ମଧ୍ୟ ହେଳା କରିବି ନାହିଁ ଏବଂ ଏଥିସହ ୩୯ନଂ ୱାର୍ଡ଼କୁ ଏକ ଆଦର୍ଶ ୱାର୍ଡ଼ଭାବେ ପରିଗଣିତ କରିବାପାଇଁ ମୋର ଚେଷ୍ଟା ସଦାସର୍ବଦା କରି ରହିବ ବୋଲି ସମାଜସେବୀ ଶ୍ରୀ ଲେଙ୍କା ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି।

## କିଡ୍‌ନୀ ଦାନ କଲେ, ତାଙ୍କ ନାଁରେ ୧୦ଲକ୍ଷ ବିଲ୍

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ଆପଣ ନିଶ୍ଚୟ ଅନେକ ଥର ଶୁଣିଥିବେ ଯେ ଭଲ କାମ କରୁଥିବା ଲୋକଙ୍କ ସହିତ ସବୁବେଳେ ଭଲ ହିଁ ହୋଇଥାଏ । କିନ୍ତୁ ଆଜି ଆମେ ଆପଣଙ୍କୁ କହିବାକୁ ଯାଉଥିବା କାହାଣୀ ଟିକିଏ ଅଲଗା ଜଣେ ବ୍ୟକ୍ତିଙ୍କ କ୍ଷେତ୍ରରେ ଏହି କଥାଟି ଆଦୌ ଠିକ୍ ହୋଇନି। ଜଣେ ବ୍ୟକ୍ତି ବିପଦରେ ପଡିଥିବା ବେଳେ ସେ ଖୁବ ବଡ ସାହାଯ୍ୟ କରିଥିଲେ। ସେ ତାଙ୍କ ଜୀବନକୁ ରକ୍ଷା କରିବା ନେଇ ନିଜ କିଡ୍‌ନୀ ଦେଇଥିଲେ। ଏହା ଶୁଣିଲା ପରେ ଆପଣ ନିଶ୍ଚୟ ଭାବୁଥିବେ ଯେ ଏହାତ ଭଲ କଥା କିନ୍ତୁ ଏହା କରିବା ପରେ ମଧ୍ୟ ତାଙ୍କ ସହିତ ଏମିତି କିଛି ଭୁଲ୍ ହୋଇଛି, ଯାହାକୁ ଶୁଣିବା ପରେ ଆପଣ ମଧ୍ୟ ରାଗରେ ଜଳିବେ। ଆମେରିକାରେ ରହୁଥିବା ଜଣେ ବ୍ୟକ୍ତି ତାଙ୍କର ଜଣେ ସମ୍ପର୍କୀୟଙ୍କୁ କିଡ୍‌ନୀ ଦାନ କରିଥିଲେ କିନ୍ତୁ ଅପରେସନ୍ ପରେ ଏହି ବ୍ୟକ୍ତିଙ୍କୁ ୧୦ଲକ୍ଷ ଟଙ୍କାର ବିଲ୍ ମିଳିଥିଲା ପ୍ରଥମେ ସେ ଏହାକୁ ବୁଝିପାରିଲେ ନାହିଁ, କିନ୍ତୁ ଯେତେବେଳେ ସେ ଏହାକୁ ବୁଝିଲେ ସେ ଚକିତ ହୋଇଗଲେ ଏହି ବ୍ୟକ୍ତିର ନାମ ହେଉଛି ଏଲିଅଟ୍ ମଲିନ୍ ତାଙ୍କର ଜଣେ ସମ୍ପର୍କୀୟଙ୍କ ଅବସ୍ଥା ଖରାପ ଥିଲା ତାଙ୍କୁ କିଡନୀ ମିଳୁ ନଥିଲେ। ତେଣୁ ଏଲିଅଟ୍ ତାଙ୍କୁ କିଡ୍‌ନୀ ଦେବା ପାଇଁ ନିଷ୍ପତ୍ତିନେଇଥିଲେ। କିଡ୍‌ନୀ ଦେଇ ଡାକ୍ତରଖାନାରୁ ଡିସ୍‌ଚାର୍ଜ ହେବା ପରେ ମିଲିନଙ୍କୁ ପରେ ମଲିନଙ୍କୁ ୧୩,୦୬୪ ଡଲାର ଅର୍ଥାତ ଭାରତୀୟ ମୁଦ୍ରାରେ ପ୍ରାୟ ୧୦ଲକ୍ଷ ଟଙ୍କାର ଏକ ବିଲ୍ ଦିଆଯାଇଥିଲା।

# ସମ୍ପାଦକୀୟ

## ଅପୂର୍ବ

ପୂର୍ବରୁ ଦେଖାନଥିଲା ନାଁ ଶୁଣାନଥିଲା, ନା ସ୍ୱାଦରେ ଆସିନଥିଲା ନାମ ଗନ୍ଧ ରୂପ ଅନୁଭବରେ ନଥିବା ଦ୍ରବ୍ୟ ବ୍ୟକ୍ତି ଘଟଣା ହିଁ ଅପୂର୍ବ। ଥରେ ମୋର ବାଲ୍ୟକାଳ ପାଠପଢ଼ା କଥା ମନେଅଛି। ତତ୍କାଳ ଏକ ପାଠଶାଳାର କ୍ଲାସର ପ୍ରଥମ ପରିଅଡ଼ର ଶ୍ରେଣୀ ଶିକ୍ଷକ ପିଲାଙ୍କର ହାଜିରା ପକାଉଥାନ୍ତି। ବହୁଦିନ ଧରି ଜଣେ ଛାତ୍ର ଅନୁପସ୍ଥିତ ଥିଲେ ସେହି ଦିନ ସେ ଆସି ପ୍ରେଜେଣ୍ଟ ସାର ବା ଉପସ୍ଥିତ ମହାଶୟ କହି ଦେବାମାତ୍ରେ ଶ୍ରେଣୀର ଭାରପ୍ରାପ୍ତ ତତ୍କାଳର ଶିକ୍ଷକ ହାଜିରାର ପି, ଏନ ଲେଖାରେ ଟିକେ ବିରାମ କରି ପିଲାଟିକୁ ଚାହିଁ ତାକୁ ପଚାରିଲେ 'ଅପୂର୍ବ' ଏତେ ଦିନ ପରେ? ପିଲାଟି ଦୁଃଷ୍ଟ ବୋଲି ଶିକ୍ଷକ ଅନୁମାନ କରୁଥିଲେ ହେଲେ ସେ ଯାହା ବୟାନ କଲା ତାକୁ ତତ୍କାଳ ଧନ୍ୟ ଧନ୍ୟ କରିବାକୁ ବାଧ ହେଲେ। ତାର ଘରପାଖ କେନାଲରେ ସେ ଗାଧୋଇବା ବେଳେ ତା ସହିତ ଘାଟରେ ଗାଧୋଉଥିବା ଗୋଟିଏ କମ ବର୍ଷର ଝିଅଟିଏ ତାର ମାଆ ସହିତ ଗାଧୋଇ ଥିବାବେଳେ ହଠାତ ଉପର ମୁଣ୍ଡରୁ ଛଡ଼ାଯିବା ଜଳ ଧାର ଅଧିକ ହୋଇ ସ୍ରୋତରେ ପିଲାଟି ତଡି ହୋଇ ତଳକୁ ଭାସି ଯାଉଥିଲା। ତାକୁ ଏ ପିଲାଟି ବଞ୍ଚାଇବା ପାଇଁ ଅଳ୍ପ ପହଁରା ଜାଣିବି ପିଛା କରି ଭାସି ଭାସି ଯାଉଥିବା ପିଲାଟିକୁ ଧରି ପାଖକୁ କୂଳକୁ ଲଗାଇ ଉଠାଇ ଦେଇ ନିଜେ ପାଦ ଦେଇ ଉପରକୁ ଉଠିବାବେଳେ ଏକ ଶକ୍ତ ମାଟି ଅତଡ଼ା ଖସିଲା ପିଲା ତା ମଧ୍ୟରେ ପୋତି ହୋଇପଡ଼ିବା ସହିତ ଜଳ ଗଭୀରତାରେ ଉତ୍ତରୀରେ ପଡ଼ିଯାଇଥିଲା ଓ ଶେଷରେ ଶିଶୁ ବାଳିକାର ପ୍ରିୟଜନ ଶିଶୁଟିକୁ ଉଦ୍ଧାର ବନ୍ଧର କରିବା ପରେ ଏ ପିଲାର ଅବସ୍ଥା ଜାଣି ତାକୁ ମାଟି ଭିତରୁ ଉଦ୍ଧାର କରି ଡାକ୍ତରଖାନା ନେଇ ଚିକିତ୍ସା କରିବା ପରେ ସେ ଦୁଇ ଦିନ ପରେ ସୁସ୍ଥ ହୋଇଥିଲା। ଏ ମଧ୍ୟରେ ଆଠ ଦିନ। ଏ ମଧ୍ୟରେ ଛୁଟିଦିନ ଥିବାରୁ ଆସିପାରି ନଥିଲା। ଏ ପାଇଁ କ୍ଷମା କରନ୍ତୁ କହିଥିଲା। ହେଲେ ଏ ପିଲାଟିର କାର୍ଯ୍ୟ ଥିଲା ଅପୂର୍ବ, ତାର ଅନୁପସ୍ଥିତିଟିର ପରିସମାପ୍ତି ଅପୂର୍ବ ନଥିଲା।

ପୁରୀ ସହରର ଏକ ବିଦ୍ୟାଳୟର ଶିକ୍ଷକ ନିଯୁକ୍ତି ପାଇଁ ଏକ ସାକ୍ଷାତକାର ଥାଏ। ଏ ପାଇଁ ସମୟ ଧାର୍ଯ୍ୟ ତାରିଖ ଧାର୍ଯ୍ୟର ବିବରଣୀରେ ପାର୍ଥୀ ମାନଙ୍କୁ ଦର୍ଶାଯାଇଥାଏ। ଏ ପାଇଁ ପାର୍ଥୀ ମଧ୍ୟରୁ ଯୋଗ୍ୟ ପାର୍ଥୀ ବଛା ଯିବା କଥା। ଏମିତି ଜଣେ ପାର୍ଥୀ ଥିଲେ ତତ୍କାଳ, କିଶୋରୀ ଚରଣ ମହାନ୍ତି। ସେ, ସମୟାନୁବର୍ତ୍ତୀତାରେ ସର୍ବଦା ତତ୍ପର। ଏ ଦିନ ଠିକ ବେଳରେ ପୁରୀ ରେଲଷ୍ଟେସନରୁ ଗାଡ଼ିରୁ ଓହ୍ଲାଇ ଧାର୍ଯ୍ୟ ସାକ୍ଷାତକାର ସ୍ଥାନକୁ ପାଦରେ ଚାଲି ଚାଲି ଯାଉଥାନ୍ତି। ହଠାତ୍ ସେ ରାସ୍ତାରେ



ଉତ୍କଳାନନ୍ଦ ଅଜୟ କୁମାର ବେହେରା
ଅରୁଣୋଦୟ ନଗର, କଟକ
ଦୂରଭାଷ : ୯୪୩୭୦୩୧୨୫୩

ଜଣେ ଖ୍ରୀଷ୍ଟିଆନ ନନ୍ ବାଟରେ ଯାଉଥିବାବେଳେ ପଡ଼ିଗଲେ। ନନ୍ ଜଣଙ୍କ ବୟସାଧିକ ଯୋଗୁଁ ଟଳ ଟଳ ହୋଇ ଯାଉଥିଲେ। କିଶୋରୀ ବାବୁ ତାଙ୍କୁ ରାସ୍ତା ଉଠାଇ ସାଥିରେ ଧରିଥିବା ଜଳମୁଖରେ ଦେଲେ ହାତରେ ଧରି ଉଠାଇଲେ କେଉଁଠି ତାଙ୍କର ଘର? କେଉଁଠି ତାଙ୍କର ଲୋକ ଅଛନ୍ତି? ତାଙ୍କୁ ଡାକ୍ତରଖାନା ନେବା ପାଇଁ ସେ ଚାହୁଁଛନ୍ତିକି? ଏମିତି କିଛି ପଚାରିବାରେ ସେ କହିଲେ ମୋର ଘର ଆଉକିଛି ଆଗ ଗଳିରେ ମୁଁ ଏବେ ଚାଲି ଚାଲି ଯାଇ ପାରିବି ମୋତେ ଟିକେ ମୋର ଘରେ ଛାଡ଼ି ଆସିଲେ ଭଲ ହୁଅନ୍ତା। ଏଣେ ସମୟ ଅତିକ୍ରାନ୍ତ ହୋଇଯିବା ଉପରେ ତଥାପି ଉପସ୍ଥିତ କର୍ତ୍ତବ୍ୟ ତାଡ଼ନାରେ ଦୁଃସ୍ତ ଅସହାୟ ମହିଳାଙ୍କୁ ତାଙ୍କ ଘରେ ଥିର ଥିର ନେଇ ଛାଡ଼ିବା ପରେ ସେ ମହିଳା କହିଲେ ପୁଅ ଟିକେ ବସ ତୁମର ସେବାର ପଟ୍ଟାନ୍ତ୍ର ନାହିଁ ଟିକେ ସରବତ ଆଣୁଛି ମୋ ଲୋକ ପିଇ କରି ଯିବ। କିଶୋର ବାବୁଙ୍କ ସମୟ ଧାର୍ଯ୍ୟ ସମୟ ଅତିକ୍ରାନ୍ତ ଏ ମଧ୍ୟରେ ପ୍ରାୟ ୧୦ ମିନିଟ ହୋଇଗଲାଣି। ସେ ମହିଳାଙ୍କୁ କହିଲେ ମାଆ ଆପଣ ରହନ୍ତୁ ମୋର ସାକ୍ଷାତକାର ସମୟ ଥିଲା ଏବେ ବହୁ ବିଳମ୍ବ ହୋଇଗଲାଣି, ଆପଣଙ୍କର ଘରେ ପ୍ରିୟଜନଙ୍କ ସହିତ ରହିଗଲେଣି ମୋର ସରବତ ପିଇବା ପରେ ହେବ ଏବେ ମୋ ଚାକିରୀ କଥା ପାଇଁ ମୋତେ ଯିବାକୁ ଦିଅନ୍ତୁ। ନନ୍ ଆଶୀର୍ବାଦ କଲେ ବାବୁ ତୁମର ମଙ୍ଗଳ ହେବ, ଯଦି ଚାକିରୀ ଗୋଟିଏ ବି ଥିବ ତାହା ବି ତୁମକୁ ପ୍ରାପ୍ତି ହେଉ। କିଶୋରୀ ବାବୁ ନମସ୍କାର କରି ଫେରିଥିଲେ।

ସାକ୍ଷାତକାର କେନ୍ଦ୍ରରେ ପାର୍ଥୀମାନେ ଏ ମଧ୍ୟରେ ସାକ୍ଷାତକାର ସାରି ଚାଲି ଯାଇଥିଲେ କେବଳ ସାକ୍ଷାତକାରର କର୍ତ୍ତାମାନେ ବସି ନିଜ ମଧ୍ୟରେ କଥାବାର୍ତ୍ତା ଓ ପାର୍ଥୀଙ୍କୁ ପଚାରିଥିବା ପ୍ରଶ୍ନର ଉତ୍ତର ସମୀକ୍ଷା କରୁଥିଲେ। ଏ ସମୟରେ କିଶୋରୀ ବାବୁ ସେଠାରେ ପହଞ୍ଚିଥିଲେ। ନିଜର ପରିଚୟ ଚିଠି ଦେଖାଇବା ପରେ ଏକ ହାସ୍ୟ ବିଦ୍ରୁତ ସ୍ୱର ପାଇଥିଲେ, ମାତ୍ର ଏତେ ବିଳମ୍ବରେ କାହିଁକି ଆସିଛ ପ୍ରଶ୍ନରେ ଘଟିଥିବା ଘଟଣା ଶୁଣି ତତ୍କାଳ କର୍ତ୍ତାମାନେ ତାଙ୍କୁ ଯୋଗ୍ୟ ପାର୍ଥୀ ରୂପେ ବାଛି ଚାକିରୀ ଦେଇଥିଲେ। ସେହି କିଶୋରୀ ବାବୁ ଆଠଗଡ଼, ତିର୍ତ୍ତୋଲ, ଆସ୍କା, ଭୁବନେଶ୍ୱର, କଟକ କଲେଜିଏଟ ସ୍କୁଲ, ରାଣୀହାଟ ସ୍କୁଲ, ଦାମନଯୋଡ଼ି, ଅନୁଗୁଳ ପରି ନାମୀଦାମୀ ସ୍ଥାନରେ ପ୍ରଧାନ ଶିକ୍ଷକ ଥିଲେ। ସରକାରଙ୍କ ଦ୍ୱାରା ସମ୍ମାନିତ ହୋଇଥିଲେ। ତାଙ୍କ ଜୀବନ କାଳରେ ସେ ଅନେକ ଗଣିତ, ବୀଜଗଣିତ, ଜ୍ୟାମିତି ପରି ବହି ଲେଖିଥିଲେ। ତାଙ୍କର ଚାକିରୀ ଜୀବନ ଆରମ୍ଭର ଏପରି ଅପୂର୍ବ ଗାଥା ସଂଯୋଗ ଅଛି।

ସମୟ ଥିଲା ଇଂରାଜୀ ଶିକ୍ଷା ପାଇଁ ଲୋକେ ନାକ ଟେକୁଥିଲେ, 'ପଣ୍ଡିତ ପଣିଆ' ବିଦ୍ୟା ସଂସ୍କୃତ ବିଷୟ, ଏଥିରେ ସମ୍ମାନ ଯେତେ ଥିଲା ସମୟ ଏପରି ହେଲା, ଇଂରାଜୀ ପାଠକୁ କମ୍ପ୍ୟୁଟର ପାଠ ଏବେ କାମଧେନୁ ବିଦ୍ୟାରେ ପହଞ୍ଚି ଗଲାଣି। ଏହା ହେଲେ ହର, ଗୁଣ, ଫେଡ଼, ମଶା, ବ୍ୟାକରଣ ବିନା କୌଣସି ଯୁଗ କେବେ ମୁକ୍ତ ରହି ପାଠପଢ଼ା ହୋଇନପାରେ। ସମୟ ଅନୁସାରେ ସବୁବେଳେ ଦ୍ରଷ୍ଟା ବାହାରନ୍ତି ଏହି ଦ୍ରଷ୍ଟା ବେଦରେ ଅଛନ୍ତି। ସବୁ ବିଦ୍ୟାରେ ବି ଅଛନ୍ତି। ଏହି ଦ୍ରଷ୍ଟାମାନେ ଅପୂର୍ବ। କରୋନା ଆଶଙ୍କା ଟାଳିବା ବୁଦ୍ଧି ବାହାର କରିବା ବ୍ୟକ୍ତି ହିଁ ଧନ୍ୟ ସେହି ରସାୟନ ଦ୍ରଷ୍ଟା ହିଁ ଅପୂର୍ବ। ଏ ପାଇଁ ଆମ ପ୍ରଧାନମନ୍ତ୍ରୀ ଏ ଚେଷ୍ଟାରେ ଅବଶ୍ୟ ଅପୂର୍ବ। ଯାହାଙ୍କର ପ୍ରେରଣାରେ ସ୍ୱଦେଶୀ ଜ୍ଞାନକୌଶଳ ଆଜି ବିଶ୍ୱରେ ଅପୂର୍ବ।

ଏବେ "ସଂପର୍କବାର୍ତ୍ତା" ଆପଣଙ୍କ ହାତପାହାନ୍ତାରେ
ପଢିବା ପାଇଁ ଭିଜିଟ୍ କରନ୍ତୁ
www. samparkabarta.in

# ମାଆ, ବାପା, ଗୁରୁ



ଦେବଦତ୍ତ ବିଶ୍ୱାଳ
ରାମନିଗମେଶ୍ୱର ମନ୍ଦିର, ଚହଟା, କଟକ,
ଦୂରଭାଷ : ୯୮୬୧୯୪୪୫୯୪

ଆଜିର ସମୟକୁ ଟିକିଏ ଦେଖନ୍ତୁ। ପ୍ରାୟତଃ ଆମ୍ଭେମାନେ ଅଧିକାଂଶ ଜାଣୁ ଯେ ଗୁରୁ ଅର୍ଥ ମୁନିଋଷି କିମ୍ବା ଆମ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ କିନ୍ତୁ ଆମେ ଅନେକ ଜାଣିନାହୁଁ ଯେ ବାସ୍ତବରେ ମାଆ, ବାପାଙ୍କ ଠାରୁ ବଡ଼ ଗୁରୁ ଆଉ କେହି ନାହାଁନ୍ତି। ମାଆ ହିଁ ମଣିଷର ପ୍ରଥମ ଗୁରୁ। ମାଆ ଆମକୁ ଏହି ଶରୀର ଦେଇଛି। ଏହା ସଙ୍ଗେ ସଙ୍ଗେ ସେ ମଣିଷକୁ ତା'ର ବାପାକୁ ମଧ୍ୟ ଦେଇଛି। ମାଆ ହିଁ ଶିଶୁକୁ ପ୍ରଥମେ ତା'ର ପିତାଙ୍କୁ ଚିହ୍ନାଇ ଥାଏ ଏବଂ ପିତୃ ସ୍ନେହ ଓ ଯତ୍ନ ପାଇବାରେ ସାହାଯ୍ୟ କରେ। ମାଆ ଶିଶୁକୁ ମଣିଷ କରିବା ପାଇଁ କ'ଣ ନକରେ? ସେ ଯତ୍ନ କରେ, ପାଳନ କରେ, ଗଠନ କରେ, ତେଣୁ ଆମର କୃତଜ୍ଞତା ମାଆ ଆଡକୁ ସର୍ବପ୍ରଥମେ ଯିବା ଉଚିତ। ମାଆ ପରେ ବାପା। ବାପା, ଖାଦ୍ୟ, ବସ୍ତ୍ର ଓ ସମସ୍ତ ପ୍ରକାରର ସାହାଯ୍ୟ ଦେଇ ମଣିଷକୁ ବଢ଼ାନ୍ତି ଏବଂ ଜୀବନକୁ ସାର୍ଥକ କରିବା ପାଇଁ ଗୁରୁଙ୍କ ପାଖକୁ ବାଟ କଢ଼ାଇ ନିଅନ୍ତି। ତେଣୁ ତାଙ୍କ ପ୍ରତି ଆମେ କୃତଜ୍ଞ ହେବା ନିହାତି ଦରକାର। ଶିକ୍ଷକ ଆମ୍ଭମାନଙ୍କର ବୁଦ୍ଧିକୁ ତୀକ୍ଷ୍ଣ କରନ୍ତି, ଆମର ଦୃଷ୍ଟିକୋଣକୁ ପ୍ରସାରିତ କରନ୍ତି, ଆମକୁ ବିଚାର ଶକ୍ତି ଦିଅନ୍ତି, ଚିନ୍ତାର ସୁଉଚ୍ଚ ସୋପାନକୁ ଉଠାଇ ଆମ ଭିତରେ ଲୁଚି ରହିଥିବା ସ୍ନେହ ଓ ପ୍ରେମକୁ ଦୂର ଦିଗବଳୟ ପର୍ଯ୍ୟନ୍ତ ବୃଦ୍ଧି କରାନ୍ତି। ତେଣୁ ସେ ମଧ୍ୟ ଆମର ପୂଜ୍ୟ।

ମାଆ, ବାପାଙ୍କ ପର୍ଯ୍ୟନ୍ତ ଆମକୁ ନିଅନ୍ତି, ବାପା, ଗୁରୁଙ୍କ ପର୍ଯ୍ୟନ୍ତ, ଗୁରୁ ଆମକୁ ଭଗବାନଙ୍କ ପର୍ଯ୍ୟନ୍ତ ନେଇଯାଆନ୍ତି। ଆଜିକାଲି ମାଆମାନେ ପିତୃ ଯତ୍ନ ପର୍ଯ୍ୟନ୍ତ ପିଲାମାନଙ୍କୁ ନେଇ ଯାଉଛନ୍ତି ଏବଂ କେତେକ ପିତା ମଧ୍ୟ ସନ୍ତାନ ମାନଙ୍କୁ ଗୁରୁଙ୍କ ପାଖ ପର୍ଯ୍ୟନ୍ତ ଘେନି ଯାଉଛନ୍ତି। କିନ୍ତୁ ବହୁତ କମ ଗୁରୁ ଅଛନ୍ତି ଯିଏ ଶିଷ୍ୟକୁ ଭଗବାନଙ୍କ ପର୍ଯ୍ୟନ୍ତ ବାଟ ବତାନ୍ତି। ବାପା ମାଆ ଦେହରେ ଶକ୍ତି ସୃଷ୍ଟି କରାନ୍ତି। ଦେହରେ ବାସ କରୁଥିବା ପ୍ରକୃତ ସତ୍ତା ବିଷୟରେ ଜ୍ଞାନ, ଗୁରୁଙ୍କ ଠାରୁ ମିଳେ।

ଶ୍ରୀ ସାଇବାବା ଏକ ଆଧାତ୍ମିକ ଲେଖନୀରେ ଲେଖିଛନ୍ତି 'ମୋ ଜୀବନ ହିଁ ମୋର ବାଣୀ। ତେଣୁ ମୁଁ ମାତୃଭକ୍ତିର ଗୋଟିଏ ଉଦାହରଣ ଦେଖାଉଛି। ପ୍ରକୃତି ଗୋଟିଏ ମାଆ ଯାହାର କୋଳରେ ମଣିଷ ବଞ୍ଚେ ଓ ବଢ଼େ। ପ୍ରକୃତି ମଧ୍ୟ ନିଜ କୋଳରେ ତୁମକୁ ଧରି ଗେହ୍ଲା କରୁ କରୁ କହେ 'ବାବୁରେ, ଦେଖ 'ସେ' ତୋର ବାପା'। ପ୍ରକୃତି ମାଆ ମାଧ୍ୟମରେ ଭଗବାନଙ୍କ ଆଡ଼କୁ ତୁମ ଦୃଷ୍ଟି ଆକର୍ଷିତ ହୁଏ। କିନ୍ତୁ ପିଲାମାନେ ଏଥିପ୍ରତି ଏତେ ନଜର ଦିଅନ୍ତି ନାହିଁ। କେମିତି ବା ଦିଅନ୍ତେ? ଯୋଉ ମାଆ ଆମକୁ କୋଳରେ ଧରି ଲାଳନ ପାଳନ କରୁଛି ତାକୁ ଭଲ ନପାଇ, ତାର ପ୍ରଭୁଙ୍କୁ ଆମେ କେମିତି ଭଲ ପାଆନ୍ତେ'?

ଆମ୍ଭେମାନେ ଆମ ମାନଙ୍କ ପାଇଁ ନିର୍ଦ୍ଧାରିତ ହୋଇଥିବା ଭଲ ପାଠ ପଢ଼ିବା ସଙ୍ଗେ ସଙ୍ଗେ ଆମ ବାପା ମାଆଙ୍କ ଇଛା ଅନୁସାରେ ଜୀବନ ଯାପନ କରିବା ଉଚିତ। ତାଙ୍କ ଆନନ୍ଦ ପାଇଁ ଆମକୁ ସୁଖ୍ୟାତି ଅର୍ଜନ କରିବାକୁ ପଡ଼ିବ। ସେମାନେ ଲୋକମାନଙ୍କ ଠାରୁ ଯେଉଁ ଭକ୍ତି ଓ ସମ୍ମାନ ପାଉଛନ୍ତି ତାଙ୍କର ସେ ସମ୍ମାନ ଆମକୁ ରକ୍ଷା କରିବାକୁ ପଡ଼ିବ। ଆମର କାମ ଦ୍ୱାରା ତାଙ୍କୁ ସନ୍ତୁଷ୍ଟ କର ଓ ତାଙ୍କର ସୁଖ ଶାନ୍ତି ବଢ଼ାଇବା ଉଚିତ ଏହା ହିଁ ମାଆ-ବାପାଙ୍କ ପାଇଁ ଆମର ଶ୍ରେଷ୍ଠ କୃତଜ୍ଞତାଭରା ଭଲ ପାଇବା ହୋଇପାରିବ।

# ସତ୍ କର୍ମ, ସତ୍ ଫଳ

ଭବାଶିଷ ଦାସ
ଆଡ଼ଭୋକେଟ, ଓଡ଼ିଶା ହାଇକୋର୍ଟ, କଟକ
ଦୂରଭାଷ : ୯୮୬୧୧୧୮୬୭୩

ଖରାପ କାମ କରି କେହି ଭଲ ଫଳ ଆଶା କରିପାରିବେ ନାହିଁ କିମ୍ବା ଭଲ କାମ କରି କେହି ଖରାପ ଫଳ ପାଇ ପାରିବେ ନାହିଁ। ଆମେ ଯଦି ଲେମ୍ବୁ ମଞ୍ଜିଟିଏ ପୋତିବା, ସେଥିରୁ ଯେଉଁ ଗଛ ହେବ ସେଥିରେ ଆମ୍ବ ଫଳିବ ନାହିଁ। ଠିକ୍ ସେହିପରି ଆମ୍ବ ଟାକୁଆଟିଏ ପୋତିଲେ ସେଥିରୁ ଲେମ୍ବୁ ଗଛ ଉଠିବ ନାହିଁ। ତେଣୁ ମଣିଷ ଯାହା ସବୁ କରେ ତାହାରି ଫଳାଫଳର ମାଳା ଧରି ଜନ୍ମ ହୋଇଥାଏ। ଏ ସଂସାରରେ ଭଲ ଓ ମନ୍ଦ ପାଇଁ ମଣିଷ ନିଜେ ହିଁ ଦାୟୀ। କାମ ଯଦି ଭଲ ହୁଏ ଜନ୍ମ ଭଲ ହୁଏ। କାମ ମନ୍ଦ ହେଲେ ଜନ୍ମ ମଧ୍ୟ ମନ୍ଦ ହୁଏ। କର୍ମ ଯଦି ମଣିଷ ଜନ୍ମର କାରଣ ହୁଏ ତେବେ ଭଗବାନ ଯେତେବେଳେ ମଣିଷ ଜନ୍ମ ଗ୍ରହଣ କରନ୍ତି ତାର କାରଣ ମଧ୍ୟ କ'ଣ କର୍ମ? ହଁ, ମଣିଷର ଜନ୍ମ ପାଇଁ ଯେପରି ଭଲ କର୍ମ ଓ ମନ୍ଦ କର୍ମ ଦାୟୀ ଭଗବାନଙ୍କ ଅବତାର ପାଇଁ ଭଲ ଓ ମନ୍ଦ କର୍ମ ଦାୟୀ। ମାତ୍ର ଏ ଉଭୟ କର୍ମ ଫଳରେ ଟିକିଏ ତଫାତ୍ ଅଛି। ମଣିଷର ଜନ୍ମ ପାଇଁ ତା' ନିଜର ଭଲ ଓ ମନ୍ଦ କର୍ମ ଦାୟୀ। ମାତ୍ର ସାଧୁ ଲୋକମାନଙ୍କର ସତ୍ ଓ ଦୁଷ୍ଟ ଲୋକମାନଙ୍କର ଦୁଷ୍କର୍ମ ଭଗବାନଙ୍କର ଅବତାର ପାଇଁ ଦାୟୀ। ଉଦାହରଣ ସ୍ୱରୂପ ପ୍ରହ୍ଲାଦର ସତ୍ କର୍ମ ଓ ହିରଣ୍ୟକଶିପୁର ମନ୍ଦ କର୍ମ ଫଳରେ ନରସିଂହ ଅବତାର ଆବିର୍ଭୁତ ହୋଇଥିଲେ। ଏହି ନିୟମ ପ୍ରତ୍ୟେକ ଅବତାରଙ୍କ ଠାରେ ସତ୍ୟ।

ଦେବତା ଓ ରାକ୍ଷାସ ମାନଙ୍କ ମଧ୍ୟରେ ଯୁଦ୍ଧ ଲାଗିଥିବା ବେଳେ ରାକ୍ଷାସମାନେ ଭୃଗୁ ମୁନିଙ୍କର ଶରଣ ନେଲେ। ଭୃଗୁଋଷିଙ୍କ ସ୍ତ୍ରୀ ମଧ୍ୟ ରାକ୍ଷସ ମାନଙ୍କୁ ସାହାଯ୍ୟ କରିବାକୁ ବାହାରିଲେ। ଏହା ଦେଖି ନାରାୟଣ ଭୃଗୁଙ୍କ ପତ୍ନୀଙ୍କ ପାଖକୁ ଗଲେ ଓ ତାଙ୍କୁ ଏ କାର୍ଯ୍ୟ ନ କରିବାକୁ କହିଲେ। ସେ ଏଥିରେ ରାଜି ନ ହେବାରୁ ନାରାୟଣ ତାଙ୍କ ମୁଣ୍ଡ କାଟିଦେଲେ। ଏହା ଦେଖି ଭୃଗୁ ନାରାୟଣଙ୍କୁ ଅଭିଶାପ ଦେଇ କହିଲେ ନାରାୟଣ ମାନବ ରୂପରେ ଜନ୍ମ ହେବେ ଓ ସେ ଯେପରି ସ୍ତ୍ରୀ ବିନା ରହିଛନ୍ତି ନାରାୟଣ ମଧ୍ୟ ସେହିପରି ସ୍ତ୍ରୀଙ୍କୁ ହରାଇ କଷ୍ଟ ଭୋଗିବେ। ଭଗବାନ ତାହା ଗ୍ରହଣ କରି ରାମ ଅବତାର ଧାରଣ କରିଥିଲେ।

ଆମର ଜୀବନ ଗୋଟିଏ ଲମ୍ବା ଯାତ୍ରା। ଏହି ଯାତ୍ରା ବେଳେ ପାଖରେ କମ ବୋଝ ଥିଲେ ଯାତ୍ରା ସୁଖକର ହୁଏ। ଜିନିଷ ବେଶି ଥିଲେ ବହୁତ ଅସୁବିଧା ହୁଏ। ଜୀବନ ଯାତ୍ରାରେ ମଧ୍ୟ ଏହି ନିୟମ ମାନିବା ଦରକାର। ମନରେ ଉଠୁଥିବା କାମନା ଗୁଡ଼ିକ ହେଉଛି ବୋଝ। କାମନା ଯୋଗୁଁ ଆମେ ବିଭିନ୍ନ ପଦାର୍ଥ ବା ବସ୍ତୁମାନଙ୍କ ସହିତ ମନେ ମନେ ବାନ୍ଧି ହୋଇପଡୁ। ଏହି ବାନ୍ଧି ହୋଇ ପଡ଼ିବା ଯୋଗୁଁ ଆମେ ଦୁଃଖ ଭୋଗୁ। ସୀତା, ସବୁ ଛାଡ଼ି, ରାମଙ୍କ ପାଖେ ପାଖେ ରହିଥିଲେ ବୋଲି, ଆନନ୍ଦରେ ଥିଲେ। ମାତ୍ର ପଞ୍ଚବଟିରେ ସୁନା ମୃଗ ଦେଖି ତାଙ୍କ ମନରେ ଲୋଭଜାତ ହେବାରୁ ସେ ଶେଷକୁ ରାମଙ୍କ ପାଖରୁ ଦୂରେଇ ଗଲେ। କାମନା ବା କାମ ଯେଉଁଠି ଥାଏ ଭଗବାନ ବା ରାମ ସେଠାରେ ରହିପାରନ୍ତି ନାହିଁ। ରାମ ଯେଉଁଠିଥାନ୍ତି, କାମ ସେଠାରେ ରହି ପାରେନାହିଁ। ଆଲୋକ ଓ ଅନ୍ଧକାର ଏକାଠି କୌଣସିଠାରେ ରହିପାରନ୍ତି ନାହିଁ।

କାମନା ବାସନା ମନରୁ ଆସେ। କିନ୍ତୁ ଟିକିଏ ବିଚାର କଲେ ଦେଖିବ ମନ ବୋଲି କିଛି ଜିନିଷ ନାହିଁ। ମନ ଗୋଟିଏ ମାୟା। ଗୋଟିଏ ରୁମାଲକୁ ଦେଖ। ଏହା କେତେ ଗୁଡ଼ିଏ ସୂତାରେ ତିଆରି ଗୋଟି ଗୋଟି କରି ସୂତା ଗୁଡ଼ିକୁ କାଢ଼ି ନେଲେ ରୁମାଲକୁ ଆଉ ରୁମାଲ କହି ହେବନାହିଁ। ଏହା କେବଳ ଗୁଡ଼ିଏ ସୂତା। ତାକୁ ପୁଣି ଛିଣ୍ଡାଇ ପକାଇଲେ ଦେଖିବ ସେ କେତେକ ତୁଳାରେ ପରିଣତ ହୋଇଯିବ। ଠିକ୍ ସେହିପରି କେତେକ କାମନା ମିଶି ମନ ଗଠନ କରନ୍ତି। କାମନା ଗୁଡ଼ିକୁ କାଢ଼ି ନେଲେ ମନ ମଧ୍ୟ ରହିବ ନାହିଁ।

ଆମେ ଯଦି କାମନାକୁ ସଂଯତ କରି ପାରିବା ତେବେ ଏ ସାରା ସଂସାର ଆମ ହାତ ମୁଠାରେ ରହିବ। ମାତ୍ର ଆମେ ଯଦି କାମନାର ଚାକର ହୋଇଯିବା ତେବେ ଏ ସଂସାରର ଚାକର ପାଲଟିଯିବା। ମନରେ ଶୁଭ ଚିନ୍ତା, ଈଶ୍ୱର ଭାବନା ପୋଷଣ କଲେ ଏହି କାମନା ଗୁଡ଼ିକ ଆପେ ଆପେ ପଳାଇ ଯିବେ। ଆମେମାନେ ଆମର ଏଇ ପବିତ୍ର ବୟସରୁ ଏହି ପ୍ରକାର ସଦଗୁଣ ଅଭ୍ୟାସ କଲେ ଭବିଷ୍ୟତରେ ଅନେକ ଲୋକ କଲ୍ୟାଣ କାର୍ଯ୍ୟ କରିପାରିବା।

# ବନ୍ଦନା ପାଦପଦ୍ମକୁ....



ଅଲେଖ ଚନ୍ଦ୍ର ସାମଲ
ଓଏଫଏସ୍-୧ (ଏସ୍‌ବି)
ପୂର୍ବତନ ଡିଏଫଓ (କେନ୍ଦୁଲିଫ୍), ପଲାଇ,
ବାଲିଚନ୍ଦ୍ରପୁର, ଯାଜପୁର
ଦୂରଭାଷ : ୯୪୩୭୨୫୭୧୨୩

ମହିମା ଧର୍ମ ଆଜି ସମଗ୍ର ବିଶ୍ୱରେ ନିଜର ସ୍ୱତନ୍ତ୍ରତା ରକ୍ଷା କରିବାର ସମର୍ଥ ହୋଇଛି । ସମାଜରେ ସମସ୍ତଙ୍କ ଭିତରେ ଭଲ ପାଇବାର ମହନୀୟତାକୁ ପ୍ରତିପାଦିତା କରିବା ସହ ସମାଜରେ ସେବାମୂଳକ ଦାୟିତ୍ୱବୋଧତା ସମ୍ପର୍କରେ ସମସ୍ତଙ୍କୁ ଦିବ୍ୟ ଜୀବନର ଆଲୋକ ଦେଖାଇବାକୁ ସମର୍ଥ ହୋଇଛି । ତିନିଦିନ ବ୍ୟାପୀ ଏହି କାର୍ଯ୍ୟକ୍ରମରେ ରାଜ୍ୟର ବିଭିନ୍ନ ସ୍ଥାନରୁ ସାଧୁସନ୍ଥଙ୍କ ସମେତ ମହିମା ଆଶ୍ରିତ ପରିବାରଙ୍କ ବିଶାଳ ସମାବେଶ ହୋଇଥାଏ । ସମାଜରେ ପବିତ୍ର ଜୀବନଯାପନ କରି ସମସ୍ତଙ୍କ ଭିତରେ ଦୈବତ୍ୱର ଉନ୍ମୀଳନ ପାଇଁ ମାନବ ସେବା ହିଁ ମାଧବ ସେବା ପବିତ୍ର ମନ୍ତ୍ରକୁ କାର୍ଯ୍ୟରେ ପରିଣତ କରି ସମସ୍ତଙ୍କ ପାଇଁ ପ୍ରେରଣାର ଉତ୍ସ ହେବା ପାଇଁ ଏହି ସମାବେଶ ସମସ୍ତଙ୍କୁ ସ୍ମରଣ କରିଥାଏ । ତ୍ୟାଗପୂତ ଜୀବନ, ନିଃସ୍ୱାର୍ଥପର ବଳୀଦାନ ଓ ସର୍ବୋପରି ସମସ୍ତଙ୍କ ଭିତରେ ଦୈବତ୍ୱର ମହକକୁ ପରିସ୍ଫୁଟିତ କରୁଥିବା ମହିମା ଧର୍ମ ନିଜ ସ୍ୱତନ୍ତ୍ରତା ବଜାୟ ରଖିଛି । ଏହି ଧର୍ମର ମାର୍ଗ ଦର୍ଶକ ଭାବରେ ଜନକଲ୍ୟାଣରେ ନିଜ ଜୀବନକୁ ଉତ୍ସର୍ଗ କରିଥିବା ସାଧୁସନ୍ଥମାନେ ତ୍ୟାଗପୂତ ଜୀବନ ନିର୍ବାହ କରିଥାନ୍ତି । ପ୍ରଚଣ୍ଡ ବାଗ୍ମୀତା, ତତ୍ତ୍ୱଦର୍ଶୀ ଜ୍ଞାନ ଓ ପ୍ରଚଣ୍ଡ ମେଧାଶକ୍ତି ସମ୍ପନ୍ନ ଏହି ଧର୍ମର ସାଧୁ ଓ ବାବାମାନେ ସଦାସର୍ବଦା ଜନକଲ୍ୟାଣ ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିଛନ୍ତି । ସମ୍ପ୍ରତି ଆମ ସମୟର ବିଶିଷ୍ଟ ମାର୍ଗଦର୍ଶକ ଭାବରେ ନିତ୍ୟାନନ୍ଦ ଦାସ ଯେ କି ପାଗଳ ବାବା ଭାବରେ ସମସ୍ତଙ୍କ ପାଖରେ ପରିଚିତ । ସମାଜର କଲ୍ୟାଣ ପାଇଁ ସେ ନିଜକୁ ନିୟୋଜିତ କରିଛନ୍ତି ତିନିଦିନ ବ୍ୟାପୀ ଏହି ବିଶାଳ ଆଧାତ୍ମିକ ଜାଗରଣ ମହାସଭା ସମସ୍ତଙ୍କ ଭିତରେ ଦୈବତ୍ୱର ଜୀବନ ପାଇଁ ପ୍ରେରଣା ଯୋଗାଇଥାଏ ।

ଭକ୍ତମାନେ ବରିଷ୍ଠ ବାବାଙ୍କ ସହ ଖଞ୍ଜଣି, ଗିନି, କରତାଳି ଆଦି ଧରି ସାଧୁସନ୍ଥଙ୍କ ରଚିତ ମହିମା ଭଜନ ଗାନ କରନ୍ତି । କେଉଁଠୁ କେଉଁଠୁ ଭାସିଆସେ ସନ୍ଥ ଭୀମଭୋଇଙ୍କ ଭଜନ - 'ବନ୍ଦନା ପାଦ ପଦ୍ମକୁ ଧ୍ୟାୟୀ ଗୁରୁ ପୟରକୁ....'

ସନ୍ଧ୍ୟାରେ ମନ୍ଦିରର ଚାରିଦ୍ୱାର ଭିତରେ ମୁଖଶାଳା ସାମନାରେ ଉଚ୍ଚ ଉଚ୍ଚ ପିତଳ ଝାଡ଼ମାନଙ୍କରେ 'ଅଲେଖ ମହିମା' ମହାମନ୍ତ୍ର ଉଚ୍ଚାରଣ କରି ଝାଡ଼ ଜଳାନ୍ତି । ଭକ୍ତମାନେ ପ୍ରଭୁଙ୍କ ହସ୍ତ ପ୍ରସାରଣ କରି ଉଚ୍ଚସ୍ୱରରେ ଡାକ ଦିଅନ୍ତି - 'ଗୁରୁ ଅଲେଖ ମହିମା ରଖ ତିନି ଭୁବନରୁ ଅନାଦି ମହିମା ଗାଦି, ତିନିପୁର ଯାକ ଯାଉଛି ଭେଦି' । ମହିମା ମେଳାର ମହଣ ମହଣ ଘିଅ ପୋଡ଼ାଯାଏ । ରାତି ସାରା ସାଧୁ ସନ୍ନ୍ୟାସୀ, ଭକ୍ତ ଓ ସାଧାରଣ ଦର୍ଶକମାନଙ୍କର ପ୍ରବେଶ ପ୍ରସ୍ଥାନ ଚାଲିଥାଏ । ଭକ୍ତମାନେ ମହିମା ଗାଦି ମନ୍ଦିରରେ ଅଲେଖ ଜ୍ୟୋତି ଦର୍ଶନ କରିଥାନ୍ତି । ସାଧୁ ସନ୍ନ୍ୟାସୀ ଓ ଭକ୍ତମାନେ ଏକତ୍ର ବସି ମହିମା ପ୍ରସାଦ ସେବନ କରନ୍ତି । ଗୋଷ୍ଠୀ ଉତ୍ସବ ପରେ ସନ୍ନ୍ୟାସୀମାନେ ଦେଶ ଭ୍ରମଣରେ ବାହାରି ଯାଆନ୍ତି । କୌପିନୀଧାରୀ ମହିମା ସମାଜ ମଧ୍ୟ ସାଧୁ, ସନ୍ନ୍ୟାସୀ ଓ ଭକ୍ତମାନଙ୍କୁ ନେଇ ଗୋଷ୍ଠୀ ଉତ୍ସବ ପାଳନ କରନ୍ତି ।

ଜଗତକଲ୍ୟାଣ ପାଇଁ ଏହି ବିରଳ ଆଧାତ୍ମିକ ସମାବେଶରେ ସାମିଲ ହୋଇ ନିଜକୁ ଭାଗ୍ୟବାନ ମନେ କରିଥାନ୍ତି ବିଭିନ୍ନ ଧର୍ମର ପ୍ରବକ୍ତା ଓ ଦିବ୍ୟଜନମାନେ । ନିଃସ୍ୱାର୍ଥପର ସେବା ଦ୍ୱାରା ଦିବ୍ୟ ଜୀବନ ଓ ଭଗବତପ୍ରାପ୍ତି ଏହି ଅନୁଚିନ୍ତନ ସମସ୍ତଙ୍କ ଜୀବନକୁ ଅନୁପ୍ରେରିତ କରିବା ଲକ୍ଷରେ ସମସ୍ତେ ମହିମା ସ୍ୱାମୀଙ୍କ ଶରଣାପନ୍ନ ହୋଇଥାନ୍ତି । ପିଲା ଦିନରୁ ଏହି ଲେଖକ ତାଙ୍କ ପୂଜ୍ୟମାତା ଯିଏ କି ମହିମା ଧର୍ମର ନିରଳସ ସାଧିକା ଓ ପ୍ରଚାର ପ୍ରସାର ଠାରୁ ଦୂରରେ ରହି ପବିତ୍ର ମହିମା ଧର୍ମ ପାଇଁ ନିଜ ଜୀବନକୁ ନିୟୋଜିତ କରିଥିବା ମାତାଙ୍କ ଠାରୁ ମହିମା ଧର୍ମର ଦିବ୍ୟ ଚିନ୍ତନକୁ ଗ୍ରହଣ କରିବାରେ ସମର୍ଥ ହୋଇଛି । ଆଜି ସବୁଠି ସବୁ କ୍ଷେତ୍ରରେ ଭାଇଚାରା ଓ ମଣିଷ ପଣିଆର ଅବକ୍ଷୟ ଦେଖାଦେଇଥିଲା ବେଳେ ଏହି ମହିମା ଧର୍ମର କ୍ଷେତ୍ରବାସୀ ବାବାଙ୍କ ସ୍ମୃତି ଚାରଣର ପବିତ୍ର ମହୋତ୍ସବ ସମସ୍ତଙ୍କ ଭିତରେ ଦିବ୍ୟ ଜୀବନ ପାଇଁ ଅନୁପ୍ରେରିତ କରୁ ଏହା ହିଁ କାମନା ।

# ଅସ୍ତ ଗଲେ 'ଅଥୟ ସୂର୍ଯ୍ୟ'-ସରିଗଲା 'ଆୟୁଷ୍ମାନ ସମୟ'



ବାଦଲ ଭୂୟାଁ
ପ୍ରତିଷ୍ଠାତା ସମ୍ପାଦକ 'ସିଂହଭୂମ'
ଦୂରଭାଷ : ୭୪୮୮୯୯୮୫୩୨

ପ୍ରେମ ଓ ବିଦ୍ରୋହ ସର୍ବୋପରି ଶୃଙ୍ଗାର ଓ ସନ୍ନ୍ୟାସର କବି ଡକ୍ଟର ହରପ୍ରସାଦ ପରିଚ୍ଛା ପଟ୍ଟନାୟକ ଆଉ ନାହାନ୍ତି ଭାବିଲା ବେଳକୁ କଣ୍ଠ ବାଷ୍ପରୁଦ୍ଧ ହୋଇଯାଉଛି। ଏବେ ବି ସହଯେ ବିଶ୍ୱାସ ହେଉନି ଯେ ସେ ଆଉ ନାହାଁନ୍ତି ବୋଲି। ସୁଦୂର ଝାଡ଼ଖଣ୍ଡର ଟାଟା ନଗରରେ ରହୁଥିଲେ ମଧ୍ୟ ମୋ ଆତ୍ମା ଓ ହୃଦୟ କିନ୍ତୁ ଓଡ଼ିଶାରେ। କେବଳ ଜଣେ କବି ପ୍ରାଣନ୍ତା ବା ସ୍ତମ୍ଭକାର ଭାବେ ନୁହେଁ ଓଡ଼ିଆ ଭାବେ ଓଡ଼ିଶାର ସବୁ ଖବର ଜାଣିବା ଶୁଣିବାକୁ ମୋର ଆଗ୍ରହ। 'ସର୍ବସାଧାରଣ' ପରି ଏକ ପ୍ରମୁଖ ଗଣମାଧ୍ୟମର ସମ୍ପାଦନା ଦାୟିତ୍ୱରେ ଥିବା ଡକ୍ଟର ହରପ୍ରସାଦ ପରିଚ୍ଛାପଟ୍ଟନାୟକ ଦାୟିତ୍ୱ ନେବା ପରେ ଆମ ସମ୍ପର୍କ ଆହୁରି ବଢ଼ି ଯାଇଥିଲା। ତାଙ୍କ ଖବର କାଗଜ ପାଇଁ ନିୟମିତ ଓ ସ୍ୱତନ୍ତ୍ର ଲେଖା ବା ସ୍ତମ୍ଭ ପାଇଁ ଯଥେଷ୍ଟ ପୂର୍ବରୁ ଫୋନ କରିଥାନ୍ତି। ଲେଖା ପ୍ରକାଶିତ ହେଲା ପରେ ତାଙ୍କ ଆଡୁ ମୋତେ ଫୋନ କରି ପଚାରି ବୁଝନ୍ତି। ମନେପଡ଼ି ଯାଉଛି ତାଙ୍କରି ସାରସ୍ୱତ ଅବିସ୍ମରଣୀୟ ସୃଷ୍ଟି ସମ୍ଭାର ଗୁଡ଼ିକ - 'ସବୁ ଅନ୍ଧାର ଆଜି ରାତିରେ'। ସେ ଏବେ 'ଏକା ଏକା ସନ୍ୟାସୀ'। 'ଜୀବନ ଜଙ୍ଘା'ରେ 'ପିଙ୍କି କଥା' ପଢୁ ପଢୁ ଅସ୍ତ ହୋଇଗଲା 'ଅଥୟ ସୂର୍ଯ୍ୟ', 'ଆୟୁଷ୍ମାନ ସମୟ'। ମାଟିମନସ୍କତାକୁ କୋଳେଇ ଧରି ନିଜ କବିତା ମାଧ୍ୟମରେ ସେ ଦେଇଥିଲେ ସାରସ୍ୱତ ଜଗତକୁ ଏକ ନୂଆ ଦିଗନ୍ତ।

ଅନେକ ହୁଏତ ଜାଣିନଥିବେ ସେ ଇଂଲିଶ ଦୈନିକ 'ସନ୍ ଟାଇମସ୍', 'ପ୍ରୋବିଟାସ୍' ଓ 'ଭର୍ଟେକ୍ସ' ସମେତ ଓଡ଼ିଆର 'ଆବର୍ତ୍ତ' ଇତ୍ୟାଦି ପତ୍ରିକାର ସମ୍ପାଦନା କରିଥିଲେ। ଗ୍ରୀକ୍ କବିତା ସହ ବିଶିଷ୍ଟ କବି, ଗାଲ୍ପିକଙ୍କ ଗଳ୍ପ ଓ କବିତାର ଚମତ୍କାର ଅନୁବାଦ କରିଥିଲେ। 'ନଷ୍ଟ ହୋଇଯିବାର ମୋହ' କବିତା ସଙ୍କଳନ ପାଇଁ ତାଙ୍କୁ ୨୦୧୨ରେ ଓଡ଼ିଶା ସାହିତ୍ୟ ଏକାଡ଼େମୀ ପୁରସ୍କାର ପ୍ରଦାନ କରାଯାଇଥିଲା। ଇଂରାଜୀ ଭାଷା ସାହିତ୍ୟର ପ୍ରାଧ୍ୟାପକ ଏବଂ ପ୍ରବୀଣ ଅନୁବାଦକ ସମାଲୋଚକ ହରପ୍ରସାଦ ସାରଙ୍କ ଜନ୍ମ ୧୯ ଅକ୍ଟୋବର ୧୯୫୩ରେ ଗଞ୍ଜାମ ଜିଲ୍ଲାର ବିକ୍ରମପୁର ଗାଁରେ ହୋଇଥିଲା। ୧୯୭୫ରୁ ଇଂରାଜୀ ଅଧ୍ୟାପକ ଭାବେ କର୍ମମୟ ଜୀବନ ଆରମ୍ଭ କରି ସେ ସୁନ୍ଦରଗଡ଼ ସରକାରୀ ମହାବିଦ୍ୟାଳୟ ଓ ବିଜେବି କଲେଜ ସମେତ ରାଜ୍ୟର ବିଭିନ୍ନ ମହାବିଦ୍ୟାଳୟରେ ଶିକ୍ଷାଦାନ କରିଥିଲେ। ସେ ଉଭୟ ଓଡ଼ିଆ ଏବଂ ଇଂରାଜୀରେ ଲେଖାଲେଖି କରୁଥିଲେ। ତାଙ୍କ ଓଡ଼ିଆ କବିତା ସଙ୍କଳନ ମଧ୍ୟରେ ରହିଛି 'ଏକା ଏକା ସନ୍ନ୍ୟାସୀ', 'ଅଥୟ ସୂର୍ଯ୍ୟ', 'ଆୟୁଷ୍ମାନ ସମୟ', 'ସବୁ ଅନ୍ଧାର ଆଜି ରାତିରେ', 'ଜୀବନଜଂଘା', 'ଅରଣ୍ୟରେ ଯେତେଦିନ' ଏବଂ 'ନଷ୍ଟ ହୋଇଯିବାର ମୋହ' ଇତ୍ୟାଦି। ଓଡ଼ିଆ ସାରସ୍ୱତ ଭଣ୍ଡାରକୁ ତାଙ୍କ ଅବଦାନ ମଧ୍ୟ ଅତୁଳନୀୟ ଓ ଏହାର ତାଲିକା ମଧ୍ୟ ବହୁତ ଲମ୍ବା। ତାଙ୍କ ଦ୍ୱାରା ଅନୁଦିତ ପୁସ୍ତକ ହେଉଛି 'ନିରବତାର ସ୍ୱର୍ଗ', 'ସୂର୍ଯ୍ୟତୃଷ୍ଣା', 'ସୋଲ୍‌ଜର ଇନ୍ ଏକଜାଇଲ' ଏବଂ 'ହକ୍ ଏଣ୍ଡ ଅଦର ଷ୍ଟୋରିଜ୍' ଇତ୍ୟାଦି। ତାଙ୍କର ଅନ୍ୟ ପ୍ରକାଶିତ ପୁସ୍ତକ ହେଲା 'ସଙ୍ଗ୍‌ସ ଅଫ୍ କାହ୍ନା', 'କେରାଲ୍ସ ଅଫ୍ ଟାଇମ୍' ଏବଂ 'ସରୋ ଅଫ୍ କସମସ୍'। ସେ ଇଂରାଜୀ ପତ୍ରିକା 'ପ୍ରୋବିଟାସ୍' ଓ 'ଭର୍ଟେକ୍ସ' ଏବଂ ସାହିତ୍ୟ ପତ୍ରିକା 'ଆବର୍ତ୍ତ'ର ସଂପାଦନା କରୁଥିଲେ। ତାଙ୍କ ରଚିତ କବିତା 'ଦୁଲ୍ ମିଆଁ ପ୍ରତି କୁକୁଡ଼ାର ଉକ୍ତି' ଖୁବ ଚର୍ଚ୍ଚିତ ହୋଇଥିଲା। ମାନବିକ ସମ୍ବେଦନଶୀଳତା ଏବଂ ଗଭୀର ଜୀବନବୋଧ ତାଙ୍କର ପ୍ରତ୍ୟେକ କବିତାରେ ପ୍ରତିଫଳିତ ହୋଇଥାଏ। ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପାଖରେ ପ୍ରାର୍ଥନା କରୁଛି ତାଙ୍କର ଅମର ଆତ୍ମାର ସଦଗତି ହେଉ ଓ ତାଙ୍କ ଶୋକସନ୍ତପ୍ତ ସହଧର୍ମିଣୀ ଜ୍ୟୋତ୍ସ୍ନାମଞ୍ଜରୀ ପଟ୍ଟନାୟକ ମ୍ୟାଡ଼ାମ, ବଡ଼ପୁଅ ଶ୍ୱେତପଦ୍ମ, ସାନପୁଅ ଶ୍ୱେତସ୍ୱପ୍ନଙ୍କୁ ଧୈର୍ଯ୍ୟ ଓ ଦୃଢ଼ ମନୋବଳ ପ୍ରଦାନ କରନ୍ତୁ। ତାଙ୍କରି ଏକ ସ୍ମରଣୀୟ ପୁସ୍ତକ କଥା ମନେପକାଇ ମୋ ଶ୍ରଦ୍ଧା ସୁମନ ଅର୍ପଣ କରୁଛି 'ସରିଗଲା ଆୟୁଷ୍ମାନ ସମୟ'।

ସତ୍ୟ ଓ ତଥ୍ୟ ଭିତ୍ତିକ ସମ୍ବାଦ
ସଂପର୍କବାର୍ତ୍ତା
ଫେବୃୟାରୀ ୨୧ ରୁ ୨୭, ୨୦୨୨, ଜଗତସିଂହପୁର
February 21 to 27, 2022, Jagatsinghpur


# ସିଏମ୍‌ସି ଭୋଟର୍ ତାଲିକାରେ ସାଂଘାତିକ ତ୍ରୁଟି

**କଟକ(ସଂପର୍କବାର୍ତ୍ତା):-** ସିଏମ୍‌ସି ଭୋଟର ତାଲିକାରେ ଆଉ ଏକ ସାଂଘାତିକ ତ୍ରୁଟି ଧରାପଡ଼ିଛି। ୩୪ନଂ ୱାର୍ଡ଼ର ଗୋଟିଏ ବୁଥ୍ ଗାଏବ୍ ହୋଇଯାଇଥିବା ଅଭିଯୋଗ ହୋଇଛି। ଏହି ୱାର୍ଡ଼ରେ ପୂର୍ବରୁ ୮ଟି ବୁଥ୍ ହେଉଥିବା ବେଳେ ସଦ୍ୟ ପ୍ରକାଶିତ ଭୋଟର ତାଲିକାରେ ୭ଟି ବୁଥ୍ ରହିଛି। ଖାଲି ସେତିକି ନୁହେଁ, କେଉଁଠି ଭୋଟର ନାମ ଠିକ୍ ଥିଲେ, ବାପାଙ୍କ ନାମ ଭୁଲ୍ ରହିଛି, ତ କେଉଁଠାଇ ନିଜେ ଭୋଟର ନାମ ଭୁଲ୍ ଅଛି। ଏ ସଂକ୍ରାନ୍ତରେ ସଂପୃକ୍ତ ୱାର୍ଡ଼ର ପୂର୍ବତନ କର୍ପୋରେଟର ନମିତା ମଞ୍ଜରୀ ସାହୁ ଏଡ଼ିଏମ୍ ତଥା ସିଏମ୍‌ସି ନିର୍ବାଚନ ଅଧିକାରୀଙ୍କୁ ଭେଟି ଏକ ସ୍ମାରକପତ୍ର ଦେବା ସହିତ ଜରୁରୀକାଳୀନ ଭିତ୍ତିରେ ଏହି ପ୍ରସଙ୍ଗ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି। ସମୟ ଭିତରେ ଏହା କରା ନ ଗଲେ ୱାର୍ଡ଼ର ୧୨୩୭ ଭୋଟର ନିଜ ନାଗରିକ ଅଧିକାରରୁ ବଞ୍ଚିତ ହେବେ ବୋଲି ପୂର୍ବତନ କର୍ପୋରେଟର ଶ୍ରୀମତୀ ସାହୁ ଦର୍ଶାଇଛନ୍ତି।

ସିଏମ୍‌ସି ୩୪ନମ୍ବର (ମାଛୁଆବଜାର, ମହ୍ଲାସାହି, ମଙ୍ଗଳାବାଗ, ବାସୁଲିସାହି ଆଦି ଅଞ୍ଚଳ) ୱାର୍ଡ଼ରେ ମୋଟ ୮ଟି ବୁଥ୍ ରହିଛି। ୨୦୧୪ ସିଏମ୍‌ସି ନିର୍ବାଚନରେ ମଧ୍ୟ ବୁଥ୍ ନଂ- ୧୩୧, ୧୩୨, ୧୪୦, ୧୪୧, ୧୪୨, ୧୪୩, ୧୪୪, ୧୪୫

### ୩୪ନଂ ୱାର୍ଡ଼ରୁ ବୁଥ୍ ଉଭାନ୍

କୁ ନେଇ ୮ଟି ବୁଥ୍ ରହିଥିଲା। କିନ୍ତୁ ନିର୍ବାଚନପାଇଁ ସିଏମ୍‌ସି ପକ୍ଷରୁ ଚଳିତ ମାସରେ ପ୍ରକାଶ ପାଇଥିବା ଭୋଟର ତାଲିକାରେ ସଂପୃକ୍ତ ୱାର୍ଡ଼ର ୧୩୨ ନମ୍ବର ବୁଥ୍‌ଟି ନାହିଁ। ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି, ଆସନ୍ତା ନିର୍ବାଚନ ପାଇଁ ସିଏମ୍‌ସି ପକ୍ଷରୁ ମୀମା ନିର୍ଦ୍ଧାରଣ ହୋଇ ନ ଥିବା ବେଳେ ଗୋଟିଏ ୱାର୍ଡ଼ରୁ ସଂପୂର୍ଣ୍ଣ ଗୋଟିଏ ବୁଥ୍ ଗାଏବ୍ ହେବା ସମସ୍ତଙ୍କୁ ଚକିତ କରିଛି। ଏହି ବୁଥ୍‌ରେ ମୋଟ ୧୨୩୭ ଜଣ ଭୋଟର ରହିଥିବାବେଳେ ସେମାନଙ୍କ ମଧ୍ୟରେ ୬୩୯ଜଣ ପୁରୁଷ ଓ ୫୯୮ଜଣ ମହିଳା ଅଛନ୍ତି। ପୁଣି ୩୪ନଂ ୱାର୍ଡ଼ରୁ କଟିଥିବା ବୁଥ୍‌ଟି କେଉଁ ୱାର୍ଡ଼ରେ ସାମିଲ ହୋଇଛି, ତାହା ମଧ୍ୟ ଜଣାପଡୁ ନ ଥିବା ଅଭିଯୋଗ ହୋଇଛି। ଖାଲି ସେତିକି ନୁହେଁ, ପ୍ରକାଶ ପାଇଥିବା ଅନେକ ତାଲିକାରେ ଭୋଟରଙ୍କ ନାମ, ତାଙ୍କ ବାପାଙ୍କ ନାମ ଭୁଲ୍ ରହିଛି। ଏଭଳି ପ୍ରସଙ୍ଗକୁ ନେଇ ୩୪ନଂ ୱାର୍ଡ଼ର ପୂର୍ବତନ କର୍ପୋରେଟର ନମିତା ମଞ୍ଜରୀ ସାହୁ ଆଜି ସିଏମ୍‌ସି ନିର୍ବାଚନ ଅଧିକାରୀ ତଥା ଏଡ଼ିଏମ୍‌ଙ୍କୁ ସାକ୍ଷାତ କରି ଏଭଳି ତ୍ରୁଟି ସଂଶୋଧନ କରିବାକୁ ଦାବି କରିଛନ୍ତି। ଏ ସଂକ୍ରାନ୍ତରେ ଶ୍ରୀମତୀ ସାହୁ କହିଛନ୍ତି, ୩୪ନଂ ୱାର୍ଡ଼ରୁ ଗୋଟିଏ ବୁଥ୍ ଗାଏବ୍ ହୋଇଥିବା ବେଳେ କିଛି ଭୋଟର ତାଲିକାରେ ନାମ, ଟାଇଟଲ୍ ଆଦି ତ୍ରୁଟି ରହିଛି। ଉକ୍ତ ତ୍ରୁଟିଗୁଡ଼ିକୁ ସୁଧାରିବାପାଇଁ ନିର୍ବାଚନ ଅଧିକାରୀଙ୍କୁ ଲିଖିତ ଅଭିଯୋଗ କରାଯାଉଛି ବୋଲି ସେ କହିଛନ୍ତି।

# ସିଏମ୍‌ସି କର୍ତ୍ତୃପକ୍ଷ କୁମ୍ଭକର୍ଣ୍ଣ ନିଦ୍ରାରେ

**କଟକ(ସଂପର୍କବାର୍ତ୍ତା):-** କଟକ ମହାନଗର ନିଗମ ପକ୍ଷରୁ ସହରକୁ ସ୍ୱଚ୍ଛ ତାଲିକାରେ ଏକ ନମ୍ବର କରିବାକୁ ଅନେକ ଦିନରୁ ପଗ୍ଗର କରାଯାଉଥିଲେ ହେଁ ବାସ୍ତବରେ ଏହା କିନ୍ତୁ ଲୋଖ ଦେଖାଣିଆ। କିଛି ୱାର୍ଡ଼ରେ ଘରକୁ ଘର ବୁଲି ଅଳିଆ ଆର୍ବଜନା ସଂଗ୍ରହ କରି କଟକକୁ ସ୍ୱଚ୍ଛ କରିବାର ପ୍ରୟାସ ଜାରି ରଖିଥିବା ବେଳେ ବହୁ ୱାର୍ଡ଼ରେ କୁଢ଼ କୁଢ଼ ଅଳିଆ ଜମା ହୋଇ ରହିଥିବାର ଦେଖିବାକୁ ମିଳୁଛି।




ଏପରିକି ନର୍ଦ୍ଦମାରେ ମଧ୍ୟ ଅଳିଆ ଆର୍ବଜନା ଜମି ପାଣି ଯିବାରେ ବାଧା ସୃଷ୍ଟି କରୁଥିବା ଦେଖିବାକୁ ମିଳିଛି। ଅଳିଆ ସଫେଇ କାର୍ଯ୍ୟକ୍ରମ କେବଳ ଯେ ଧର୍ମକୁ ଆଖିଠାର ତାହା ଏବେ ସତ୍ୟରେ ପରିଣତ ହୋଇଛି। ଏହାର ଏକ ଜ୍ୱଳନ୍ତ ଉଦାହରଣ ସିଏମସି ଅନ୍ତର୍ଗତ ୨୨ ନମ୍ବର ୱାର୍ଡ଼ର ତେଲୁଗୁ ବସ୍ତିରୁ ହାତୀପୋଖରୀ ଦେଇ ଯାଇଥିବା ନାଳ। ଏଠାରେ କୁଢ଼ କୁଢ଼ ଅଳିଆ ଆବର୍ଜନା ଗଦା ହୋଇ ଦୁର୍ଗନ୍ଧରେ ନାକ ଫାଟି ପଡୁଥିବାବେଳେ ନର୍ଦ୍ଦମା ପାଣି ନିଷ୍କାସନ ହୋଇନପାରି ନାଳ ଭର୍ତ୍ତି ହୋଇ ରାସ୍ତା ଉପରେ ଲହଡ଼ି ମାରୁଛି। ଫଳରେ ମଶା ବଂଶ ବୃଦ୍ଧି ପାଇ ଦିନ ଦ୍ୱିପହରେ କାମୁଡ଼ି ଅସ୍ତବ୍ୟସ୍ତ କରି ପକାଉଛନ୍ତି। ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ସେହିପରି ପ୍ରତିଦିନ ଏହି ୱାର୍ଡ଼ ଅଞ୍ଚଳରୁ ଅଳିଆ ଆର୍ବଜନା ଉଠାଯାଉନଥିବା ଅଭିଯୋଗ ହୋଇଛି। ସିଏମ୍‌ସି କର୍ତ୍ତୃପକ୍ଷ ଏ ଦିଗରେ ତୁରନ୍ତ ପଦକ୍ଷେପ ନେବାପାଇଁ ସ୍ଥାନୀୟ ଅଧିବାସୀମାନେ ଦାବି କରିଛନ୍ତି।

# ନିର୍ବାଚନୀ ହିଂସା, ଗ୍ୟାରେଜରେ ନିଆଁ ଲଗାଇଲେ

**ବ୍ରହ୍ମପୁର(ସଂପର୍କବାର୍ତ୍ତା):-** ତ୍ରିସ୍ତରୀୟ ପଂଚାୟତ ନିର୍ବାଚନ ପ୍ରଥମେ ପର୍ଯ୍ୟାୟ ଭୋଟଦାନ ବୁଧବାର ସରିଛି। ଗଞ୍ଜାମ ଜିଲ୍ଲା ସଦର ଥାନା ଅନ୍ତର୍ଗତ ରୋହିଗାଁରେ ବୁଧବାର ବିଳମ୍ବିତ ରାତିରେ ଏକ ନିର୍ବାଚନ ପରବର୍ତ୍ତୀ ହିଂସା ଦେଖିବାକୁ ମିଳିଛି। କିଛି ଦୁର୍ବୃତ୍ତ ଗାଁରେ ଥିବା ଏକ ମୋଟର ସାଇକେଲ ମରାମତି ଗ୍ୟାରେଜରେ ନିଆଁ ଲଗାଇ ଦେଇଛନ୍ତି। ଫଳରେ ଗ୍ୟାରେଜରେ ଥିବା ବିଭିନ୍ନ ଗାଡି ଓ ସାଇକେଲ ପୋଡି ପାଉଁଶ ହୋଇଯାଇଛି। ଖବର ପାଇ ପୋଲିସ ଓ ଅଗ୍ନିଶମ ବିଭାଗ କର୍ମଚାରୀ ପହଂଚି ନିଆଁକୁ ଆୟତ୍ତ କରିଥିଲେ। ଗ୍ୟାରେଜ ଭିତରେ ଥିବା ସମସ୍ତ ଗାଡି ଜଳିପୋଡି ପାଉଁଶ ହୋଇଯାଇଛି ବୋଲି ବ୍ରହ୍ମପୁର ସହକାରୀ ଅଗ୍ନିଶମ ଅଧିକାରୀ ସନ୍ତୋଷ ପାଣିଗ୍ରାହୀ ସୂଚନା ଦେଇଛନ୍ତି। ଅନ୍ୟପଟେ ଏନେଇ ସଦର ଥାନାରେ ଅଭିଯୋଗ ପରେ ପୋଲିସ ଏ ସଂକ୍ରାନ୍ତରେ ୮୪।୨୨ରେ ୧୦ରୁ ଉର୍ଦ୍ଧ୍ୱ ବ୍ୟକ୍ତିଙ୍କ ନାମରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି ବୋଲି ଥାନାଧିକାରୀ ମହେନ୍ଦ୍ର କୁମାର ସାହୁ ସୂଚନା ଦେଇଛନ୍ତି । ଗ୍ୟାରେଜ ମାଲିକ ରବିନ୍ଦ୍ର ନାଥ ଜେନା ଅଭିଯୋଗ କରିଛନ୍ତି ଯେ, ସେ ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ସରପଂଚ ପ୍ରାର୍ଥୀ ଙ୍କ ସମର୍ଥକ ଥିବା ବେଳେ ବୁଧବାର ପୂର୍ବାହ୍ନରେ କେତେକ ବ୍ୟକ୍ତି ତାଙ୍କୁ ଧମକ ଦେଇଥିଲେ। ବୁଧବାର ରାତିରେ ସେ ଘରେ ଥିବା ବେଳେ କିଛି ଯୁବକ ତାଙ୍କ ଦାଣ୍ଡକୁ ଆସି ଗ୍ରୀଲ ବାଡେଇବା ସହ ଘର ବାହାରକୁ ଆସିବାକୁ ତାଙ୍କୁ ଧମକ ଦେଇଥିଲେ। ସେ ଘର ଭିତରେ ଭୟଭୀତ ହୋଇ ରହିଥିବା ବେଳେ ରାତି ପ୍ରାୟ ସାଢେ ୧୧ଟା। ବେଳେ ସମ୍ପୃକ୍ତ ଯୁବକମାନେ ତାଙ୍କ ଗ୍ୟାରେଜ ନିଆଁ ଲଗାଇ ଦେଇଥିଲେ। ଫଳରେ ଗ୍ୟାରେଜ ଭିତରେ ଥିବା ସମସ୍ତ ଗାଡି ଓ ସାଇକେଲ ପୋଡି ଯାଇଥିବା ନେଇ ସେ ଅଭିଯୋଗ କରିଛନ୍ତି। ଘଟଣା ପରେ ସେଠାକାର ପରିସ୍ଥିତି ଉତ୍ତେଜନା ରହିଥିବା ବେଳେ ରାତିସାରା ପୋଲିସ ଫୋର୍ସ ଉକ୍ତ ଗ୍ରାମରେ ପଇଁତରା ମାରିଥିବା ଜଣାପଡିଛି।




# ନିର୍ବାଚନରେ ବାଣ୍ଟିବାକୁ ନେଉଥିବା ମଦ ବୋଝେଇ ଟ୍ରାକ୍ଟର ଜବତ

**କୋଣାର୍କ(ସଂପର୍କବାର୍ତ୍ତା):-** ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ତାଳଦା ପଂଚାୟତରେ ବିଳମ୍ବିତ ରାତ୍ରିରେ ମଦ ବୋଝେଇ ଟ୍ରାକ୍ଟରକୁ ଅଟକ ରଖିଲେ ଗ୍ରାମବାସୀ ଡ୍ରାଇଭର ସହ ମଦ ନେଉଥିବା ଯୁବକ ଧରି ଅସ୍ତରଙ୍ଗ ପୋଲିସ ଜିମା ଦେଲେ ଗ୍ରାମବାସୀ ପଂଚାୟତ ନିର୍ବାଚନ ପାଇଁ ପ୍ରଚାର ଜୋରସୋରରେ ଚାଲିଥିବା ବେଳେ ପ୍ରାର୍ଥୀ ଓ ସମର୍ଥକ ଗାଁ ଗାଁ ବୁଲୁଛନ୍ତି। ଭୋଟ ହାତେଇବାକୁ ମଦ ମାଂସ ମଧ୍ୟ ବାଣ୍ଟୁଛନ୍ତି। ସୂଚନାନୁଯାୟୀ ଅସ୍ତରଙ୍ଗ ତାଳଦା ଠାରେ ଏକ ଦେଶୀ ମଦ ବୋଝେଇ ଟ୍ରାକ୍ଟର ନଦୀ ପାର କରୁଥିବା ସମୟରେ ଗ୍ରାମବାସୀ ଅଟକ ରଖି ଅସ୍ତରଙ୍ଗ ପୋଲିସକୁ ଖବର ଦେଇଥିଲେ। ଅସ୍ତରଙ୍ଗ ପୋଲିସ ଖବର ପାଇ ୧୦୦ପେଟିରୁ ଅଧିକ ବିଦେଶୀ ମଦ ଜବତ କରିବା ସହ ଡ୍ରାଇଭର ଓ ମଦ ନେଉଥିବା ଯୁବକକୁ ଅଟକ ରଖି ତଦନ୍ତ ଚଳାଇଛନ୍ତି। ଏତେ ସଂଖ୍ୟାରେ ମଦ ସବୁ ଅସ୍ତରଙ୍ଗ ଏଡବାଉଁସ ସରକାରୀ ମଦ ଦୋକାନରୁ ଯାଉଥିବା ବିଶେଷ ସୂତ୍ରରୁ ଖବର ମିଳିଛି। ତେବେ ଏତେ ପରିମାଣର ମଦ ଖୁଲାମ ଖୁଲା ଟ୍ରାକ୍ଟରରେ ଯାଉଥିଲା ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ନିର୍ବାଚନ ସମୟରେ ଯଦି ଏତେ ପରିମାଣ ମଦ ଗାଁ ଗାଁରେ ପହଂଚେ ତାହାହେଲେ ନିର୍ବାଚନ ହିଂସା ଘଟିପାରେ ବୋଲି ଅନୁମାନ କରାଯାଇପାରେ। ଏଥିପ୍ରତି ଅସ୍ତରଙ୍ଗ ପୋଲିସ ଅଧିକ ସଜାଗ ହେବ ଆବଶ୍ୟକ ବୋଲି କୁହାଯାଉଛି।



# ସାମ୍ବାଦିକଙ୍କୁ ଆକ୍ରମଣ, ୮ ଗିରଫ, ପୁରୀ ପୋଲିସ୍‌କୁ ଧନ୍ୟବାଦ

**ପୁରୀ(ସଂପର୍କବାର୍ତ୍ତା):-** ମତଦାନ ବେଳେ ଖବର ସଂଗ୍ରହ କରୁଥିବା ସାମ୍ବାଦିକଙ୍କୁ ଆକ୍ରମଣ ଘଟଣା ରାତି ତମାମ ଚଢାଉ ପରେ ପରେ ୮ଜଣଙ୍କୁ ଗିରଫ କରିଛି ପୁରୀ ପୋଲିସ । ଗିରଫ ଆକ୍ରମଣକାରୀ ହେଲେ ସତ୍ୟପ୍ରୀୟ ମହାରଣା ବିଜୟ ସ୍ୱାଇଁ, ସୁବାସ ମାଝି, ନିକୁଞ୍ଜ ସ୍ୱାଇଁ , ଉତ୍ତମ ଭୁଜବଳ, ଅଜୟ ବରିଶଳ, ବିଦ୍ୟାଧର ସ୍ୱାଇଁ ଓ ବ୍ରଜବନ୍ଧୁ ସ୍ୱାଇଁ। ଘଟଣାରେ ସମ୍ପୃକ୍ତ ଅନ୍ୟାନ୍ୟ ଅଭିଯୁକ୍ତଙ୍କୁ ଧରିବାକୁ ଚଢାଉ ଜାରି ରଖିଛି ପୋଲିସ। ସେହିପରି ସାମ୍ବାଦିକଙ୍କ ନିକଟରୁ ଛଡାଇ ନେଇଥିବା ଲାଇଭୟୁ, ବୁମ୍ ଅନ୍ୟାନ୍ୟ ସାମଗ୍ରୀ ଓ ମୋବାଇଲକୁ ଜବତ କରିଛି ପୋଲିସ। ସୂଚନା ଅନୁସାରେ ଗତକାଲି ଭୋଟିଂ ବେଳେ ଖବର ସଂଗ୍ରହ କରିବାକୁ ଯାଇଥିବାବେଳେ ପିପିଲି ନିର୍ବାଚନ ମଣ୍ଡଳୀର କଣାସ ବ୍ଲକ ବଡାଳ ପଂଚାୟତର ଅଢାଲ ଗାଁ ରେ ଗଣମାଧ୍ୟମ ପ୍ରତିନିଧିଙ୍କୁ ଆକ୍ରମଣ କରାଯାଇଥିଲା। ଦୁଇ ବୈଦ୍ୟୁତିକ ଗଣମାଧ୍ୟମର ପ୍ରତିନିଧିଙ୍କୁ ସଂଘବଦ୍ଧ ଆକ୍ରମଣର କରାଯାଇଥିଲ। କ୍ୟାମେରା, ଟିଭିୟୁ ଓ ବୁମ୍ ଛଡାଇ ନେବା ସହ ସେମାନଙ୍କୁ ନିସ୍ତୁକ ମାଡ ମାରିଥିବା ଥାନାରେ ଅଭିଯୋଗ ହୋଇଥିଲ।




# ରାଜଧାନୀରେ ପଲସର୍ ଲୁଟେରାଙ୍କ ଦବ୍‌ଦବା ଝାମ୍ପିନେଲେ ସୁନା ଚେନ୍

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ରାଜଧାନୀରେ ମାତିଛନ୍ତି ପଲସର ଲୁଟେରାଗ୍ୟାଙ୍ଗ୍ ଭୁବନେଶ୍ୱର ସୈନିକ ସ୍କୁଲ – ଭିଏସଏସ ନଗର ରାସ୍ତାରେ ମହିଳାଙ୍କ ଠାରୁ ଲୁଟ୍ କରିଛନ୍ତି ଲୁଟେରା ମହିଳାଙ୍କ ବେକରୁ ସୁନା ଚେନ୍ ଲୁଟି ନେଇଛନ୍ତି। ମନ୍ଦିରରୁ ଘରକୁ ଫେରୁଥିବା ସମୟରେ ଏହି ଲୁଟ୍ ହୋଇଛି। ଲୁଟେରାଙ୍କ ଆକ୍ରମଣରେ ମହିଳା ଆହତ ହୋଇଛନ୍ତି। ଏନେଇ ମହିଳା ଜଣଙ୍କ ଥାନାରେ ଏତଲା ଦେଇଛନ୍ତି ଅଭିଯୋଗ ଆଧାରରେ ତଦନ୍ତ ଆରମ୍ଭ କରିଛି ପୋଲିସ।

# ଖୋର୍ଦ୍ଧା ଜିଲ୍ଲାପାଳଙ୍କ ମାନବିକତା

**ଜଗତସିଂହପୁର(ରାମଚନ୍ଦ୍ର ମହାନ୍ତି, ରାଜ୍ୟ ପ୍ରତିନିଧି):-** ଖବରରୁ ପ୍ରକାଶ ବାଲିକୁଦା ବ୍ଲକ୍ ଅଳାବୋଳ ପଞ୍ଚାୟତ କୁଳିଆ ଗାଁର ୨୯ ବର୍ଷିୟ ମନୋରଞ୍ଜନ(ମନୁଆ)ଙ୍କ ପାଇଁ ଦେବଦୂତ ସାଜିଛନ୍ତି ଖୋର୍ଦ୍ଧା ଜିଲ୍ଲାପାଳ ତଥା ଜଗତସିଂହପୁର ତତ୍‌କାଳିନ

### ମନୁଆ ଆଖି ଫେରିପାଇଲା

ଜିଲ୍ଲାପାଳ ସଂଗ୍ରାମ କେଶରୀ ମହାପାତ୍ର। ଉକ୍ତ ଗାଁର ବାବାଜି ସ୍ୱାଇଁଙ୍କ ସାନପୁଅ ମନୁଆ ଗତ କିଛି ଦିନ ତଳେ ନିଜ ପୋଖରିକୁ ଗରମ ଚୂନ ନେଇ ପକାଇବାକୁ ଯାଉଥିବା ବେଳେ ପୋଖରୀ ତୁଠରେ ଗୋଡ ଖସିଯିବାରୁ ସେ ତଳେ ପଡିଯାଇଥିଲେ ଓ ସେଇ ଗରମ ଚୂନରୁ କିଛି ତାଙ୍କ ଆଖିରେ ପଡିଯାଇଥିଲା। ପରେ ସେ ଭୁବନେଶ୍ୱର ଏକ ଘରୋଇ ହସ୍ପିଟାଲକୁ ଯାଇ ଡାକ୍ତରଙ୍କ ପରାମର୍ଶ ନେଇଥିଲେ। ହେଲେ ଡାକ୍ତର ଆଖିର ଅସ୍ତ୍ରୋପ୍ରଚାର ପାଇଁ ପରାମର୍ଶ ଦେଇଥିଲେ ୮୦ ହଜାର ଟଙ୍କାର ବ୍ୟୟ ତାଲିକା। ଏହା ଶୁଣି ଓ ପାଖରେ ପଇସାଟିଏ ନଥିବାରୁ ଚିକିତ୍ସା ପାଇଁ ହାରାସ ହୋଇଯାଇଥିଲେ ମନୁଆ। ଏ ସଂପର୍କରେ ସେ ତାଙ୍କ ସ୍କୁଲ୍ ସମୟର ସାଙ୍ଗ ଈଶ୍ୱରପୁର ଗାଁର ଆକାଶ ମହାନ୍ତିଙ୍କୁ ଫୋନ୍ କରି ଜଣାଇଥିଲେ। ଆକାଶ ଏ ନେଇ ଜିଲ୍ଲାପାଳ ଶ୍ରୀ ମହାପାତ୍ରଙ୍କ ସହ ଯୋଗାଯୋଗ କରିବାରୁ ଶ୍ରୀ ମହାପାତ୍ର ସଂପୃକ୍ତ ହସ୍ପିଟାଲ୍ ସହ କଥା ହୋଇଥିଲେ ଓ ତାଙ୍କର ଚିକିତ୍ସା ମାଗଣାରେ ବିଏସ୍‌କେୱାଇ କାର୍ଡ ମାଧ୍ୟମରେ କରାଯାଇଥିଲା। ଗତ ଗୁରୁବାର ମନୁଆଙ୍କ ଆଖିରେ ଅସ୍ତ୍ରୋପଚାର କରାଯାଇଛି। ଏବେ ସୁସ୍ଥଥିବା ଶୁଣିବାକୁ ମିଳୁଛି। ଏ ନେଇ ମନୁଆ ଖୋର୍ଦ୍ଧା ଜିଲ୍ଲାପାଳ ଶ୍ରୀ ମହାପାତ୍ରଙ୍କୁ ସାଧୁବାଦ ଜଣାଇଛନ୍ତି।



# ଜଗତସିଂହପୁରରେ ଓଡିଶୋ ମାଟିଆ ସାହି ଭୋଟ୍ ବର୍ଜନ କଲେ

**ଜଗତସିଂହପୁର(ସଂପର୍କବାର୍ତ୍ତା):-** ଜଗତସିଂହପୁର ବ୍ଲକ ଓଡିଶୋ ପଞ୍ଚାୟତର ଓଡିଶୋ ମାଟିଆ ସାହିର ଭୋଟର ମାନେ ଜାତିଗତ ପ୍ରମାଣପତ୍ର ନପାଇବାରୁ ଆଜି ଦ୍ୱିତୀୟ ପର୍ଯ୍ୟାୟ ଭୋଟକୁ ବର୍ଜନ କରିଥିଲେ। ସୂଚନା ଅନୁସାରେ ଓଡିଶୋ ପଞ୍ଚାୟତର ଓଡିଶୋ ମାଟିଆସାହିର ଲୋକମାନେ ଦୀର୍ଘଦିନ ହେବ ଜାତିଗତ ପ୍ରମାଣପତ୍ର ପାଇଁ ଜିଲ୍ଲାପ୍ରଶାସନ ଠୁଁ ଆରମ୍ଭ କରି ରାଷ୍ଟ୍ରପତିଙ୍କ ପର୍ଯ୍ୟନ୍ତ ଦାବୀ କରିଥିଲେ। ନିକଟରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ମଧ୍ୟ ଧାରଣା ଦେଇଥିଲେ ମଧ୍ୟ କୌଣସି ସୁଫଳ ମିଳିନଥିଲା। ତେଣୁ ଆଜି ବାଧହୋଇ ମାଟିଆସାହିର ଅନୁସୂଚୀତ ଜନଜାତି ମାଟିଆ ସଂପ୍ରଦାୟର ୨୫୦ରୁ ଉର୍ଦ୍ଧ୍ୱ ଭୋଟର ଭୋଟବର୍ଜନ କରିଥିବା ସୂଚନା ମିଳିଛି ।ଓଡିଶୋ ପଞ୍ଚାୟତର କୁତାମଚଣ୍ଡି ହାଇସ୍କୁଲରେ ହୋଇଥିବା ୧୧ନମ୍ବର ବୁଥ୍ କୁ ଓଡିଶୋ ମାଟିଆସାହିର ଭୋଟର ଦେଇନଥିଲେ। ସରକାରୀ ସ୍ତରରେ ସେମାନଙ୍କୁ ଜାତିଗତ ପ୍ରମାଣପତ୍ର ନଦେବାରୁ ସେମାନଙ୍କର ଛାତ୍ରଛାତ୍ରୀ ମାନେ ଉଚ୍ଚଶିକ୍ଷାରୁ ବଞ୍ଚିତ ହେଉଥିବା ଅଭିଯୋଗ କରିଛନ୍ତି। ସେମାନଙ୍କର ଭୋଟବର୍ଜନ ନିଷ୍ପତ୍ତିକୁ ମଧ୍ୟ ଜିଲ୍ଲା ପ୍ରଶାସନ ମଧ୍ୟ ସମାଧାନ କରିପାରିନଥିଲେ। ଯଦି ଜିଲ୍ଲା ପ୍ରଶାସନ ଚାହିଁଥାନ୍ତେ ସମସ୍ୟାର ସମାଧାନ ହୋଇପାରିଥାନ୍ତା ବୋଲି ବୁଦ୍ଧିଜୀବୀ ମହଲରେ ପ୍ରକାଶ ପାଇଛି।




# ସଂଗ୍ରାମୀ ଗୌରାଙ୍ଗ ଚରଣ ଦାସ ଙ୍କ ଶ୍ରାଦ୍ଧୋତ୍ସବ ପାଳିତ

**ଜଗତସିଂହପୁର(ଅକ୍ଷୟ କୁମାର ବେହେରା):-** ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଓ ସମାଜ ସଂସ୍କାରକ ଗୌରାଙ୍ଗ ଚରଣ ଦାସଙ୍କ ୫୦ତମ ଶ୍ରାଦ୍ଧୋତ୍ସବ ଆଜି ଜଗତସିଂହପୁର ସାରସତ ପରିଷଦ ଓ ପ୍ରଫୁଲ ପାଠାଗାର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ପୁରୁଣାଗଡ ସ୍ଥିତ ପ୍ରଫୁଲ ପାଠାଗାର ପରିସରରେ ପାଳିତ ହୋଇଯାଇଛି । ପରିଷଦର ସଭାପତି ଅଧ୍ୟାପକ ହିମାଂଶୁ ଆଚାର୍ଯ୍ୟଙ୍କ ଏଥିରେ ସଭାପତିତ୍ୱ କରି ସଂଗ୍ରାମୀ ଗୌରାଙ୍ଗ ଚରଣ ଦାସଙ୍କ ତ୍ୟାଗପୂତ ଜୀବନ ଅବିସ୍ମରଣୀୟ ବୋଲି କହିଥିଲେ । ମୁଖ୍ୟଅତିଥି ଭାବେ ଶିକ୍ଷାବିତ୍ ବଂଶୀଧର ଆଚାର୍ଯ୍ୟ ଯୋଗଦେଇ ଅସହଯୋଗ ଆନ୍ଦୋଳନ, ଲବଣ ସତ୍ୟାଗ୍ରହ, ଭାରତଛାଡ ଆନ୍ଦୋଳନରେ ସ୍ୱର୍ଗତ୍ ଗୌରାଙ୍ଗ ଚରଣ ଦାସଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା ବୋଲି କହିଥିଲେ । ମୁଖ୍ୟବକ୍ତା ଅବସରପ୍ରାପ୍ତ ଶିକ୍ଷକ ସତ୍ୟବାଦୀ ଦାସ ତାଙ୍କ ବକ୍ତବ୍ୟରେ ସ୍ୱର୍ଗତ ଦାସ ବାଗଲପୁର ମାଟିର କେବଳ ସୁଯୋଗ୍ୟ ସନ୍ତାନ ନଥିଲେ ବରଂ ରାଜ୍ୟର ଜଣେ ଆଗଧାଡିର ଟାଣୁଆ ନେତା ଥିଲେ ବୋଲି ମତ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷାବିତ୍ ରାମଚନ୍ଦ୍ର ଆଚାର୍ଯ୍ୟ, ବରିଷ୍ଠ ନାଗରିକ ମଧୁସୂଦନ ଦାସଓ ସତ୍ୟବାଦୀ ସାହୁ ଆଲୋଚନାରେ ଭାଗ ନେଇ ଜଣେ କୃଷକ ନେତା ଏବଂ ଅନନ୍ୟ ଜନନାୟକ ଭବେ ଗୌରାଙ୍ଗ ଚରଣ ଦାସଙ୍କର ନିଆରା ପରିଚୟ ଥିଲା ବୋଲି ମତ ରଖିଥିଲେ । ସଭାର ଆରମ୍ଭରେ ପ୍ରଫୁଲ ପାଠାଗାରର ଉପଦେଷ୍ଟା ବିଜୟ କୁମାର ପତି ଅତିଥି ମାନଙ୍କର ପରିଚୟ ସହ ସ୍ୱାଗତ ଭାଷଣ ଦେଇଥିଲେ । ଶେଷରେ ଗୁରୁପ୍ରସାଦ ପତି ଧନ୍ୟବାଦ ଅର୍ପଣ କରିଥିଲେ।




# ଅନ୍ଦରପୁର ଘର ଜାଲିଆତି; ଯାଞ୍ଚ କମିଟି ଆଳରେ ସୁରକ୍ଷା ଖସିଗଲେ ବଡ଼ପଣ୍ଡା; ଫସିବେ ସୁରକ୍ଷା କର୍ମୀ

**କଟକ(ସଂପର୍କବାର୍ତ୍ତା):-** ଅନ୍ଦରପୁର ସରକାରୀ ଘର ବିକ୍ରି ଘଟଣାରେ ନିଗମ ଅଧିକାରୀ ଓ କର୍ମଚାରୀଙ୍କୁ ଖସାଇବାକୁ ବିଧିବଦ୍ଧ ଭାବେ ଯୋଜନା ହୋଇଛି। ମାର ମାର ଭଣ୍ଡାରିଆକୁ ମାର ନୀତିରେ ତଳିଆ କର୍ମଚାରୀଙ୍କୁ ଦୋଷୀ କରାଯାଇ ସବୁକିଛି ଦୋଷ ଅସ୍ଥାୟୀ ସୁରକ୍ଷା କର୍ମୀଙ୍କ ମୁଣ୍ଡ ଉପରକୁ ଠେଲି ଦିଆଯାଇଛି। ଯାହା କିଛି ଘଟିଲା ସେଥିପାଇଁ କେବଳ ସୁରକ୍ଷା କର୍ମୀ ହିଁ ଦାୟୀ। ଏ କଥା ଖୋଦ ନୂତନ ବସ୍ତି ଉନ୍ନୟନ ଅଧିକାରୀ ଅନ୍ଦରପୁର ଘଟଣାରେ ରିପୋର୍ଟ କର୍ତ୍ତୃପକ୍ଷଙ୍କୁ ହେବା ପରେ ଘଟରା ସାମ୍ନାକୁ ଆସିଛି। ଗୁରୁତ୍ୱପୂର୍ଣ୍ଣ ଯେ, ଯେଉଁ ସୁରକ୍ଷା କର୍ମୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେବାକୁ ନିଗମ ବସିଛି, ସେହି ସୁରକ୍ଷା କର୍ମୀଙ୍କୁ ଦରମା ଦିଆଯାଇ ନ ଥିଲା; ସୁରକ୍ଷା କର୍ମୀ ଯୋଗାଉଥିବା ସଂସ୍ଥା ପକ୍ଷରୁ ଏହି ବୟାନ ମିଳିବାପରେ ନିଗମ କର୍ତ୍ତୃପକ୍ଷ ଏବେ ହରଡ଼ଘଣାରେ ପଡ଼ିଛନ୍ତି। ପ୍ରକୃତ ଭାବେ ତଦନ୍ତ ନ କରି ନିଗମର ଦୋଷ ଦୁର୍ବଳା ପଦାରେ ପଡ଼ିଯିବା ଭୟରେ ଉଦ୍ୟମ ଆରମ୍ଭ ହୋଇଥିବା ଜଣାପଡ଼ିଛି।

କେନ୍ଦ୍ର ସରକାରଙ୍କ ଏକ ଯୋଜନାରେ ବସ୍ତିବାସିନ୍ଦାଙ୍କ ନିମନ୍ତେ ଓଡ଼ିଶା ପୁଲିସ ହାଉସିଂ କର୍ପୋରେସନ ସହାୟତାରେ ନିଗମର ୫୩ ନମ୍ବର ୱାର୍ଡ଼ର ଅନ୍ଦରପୁରଠାରେ ଅଟ୍ଟାଳିକା ନିର୍ମାଣ କରାଯାଇଥିଲା। ଏହାର ନିର୍ମାଣ କାର୍ଯ୍ୟ ଶେଷ ପରେ ମହାନଗର ନିଗମକୁ ମାଲିକାନା ଦାୟିତ୍ୱ ହସ୍ତାନ୍ତର କରାଯାଇଥିଲା। ଅଦାଲତି ବିବାହ ସମାଧାନ ପରେ ନିଗମ ପକ୍ଷରୁ ସେଠାରେ ଥିବା ୧୯୨ଟି ଫ୍ଲାଟ୍ ମଧ୍ୟରୁ ୬୯ଟି ଫ୍ଲାଟ୍ ବଣ୍ଟନ କରିଥିଲା। ବାକି ଫ୍ଲାଟଗୁଡ଼ିକ ବଣ୍ଟନ ନ ହୋଇ ଖାଲି ପଡ଼ିଥିଲା। ଏହାର ସୁଯୋଗ ନେଇ ୱାର୍ଡ଼ର ପୂର୍ବତନ କର୍ପୋରେଟରଙ୍କ ସ୍ୱାମୀ ରାଜା କରଣ ଜାଲିଆତି କରି ଗୋଟିଏ ଗୋଟିଏ ପରେ ଘର ବିକ୍ରି କରିଚାଲିଥିଲା। ପ୍ରାୟ ଦେଢ଼ବର୍ଷରୁ ଅଧିକ ହେବ ଏହି ବେପାର ଚାଲିଥିଲେ ବି ନିଗମର ପୂର୍ବତନ ବସ୍ତି ଉନ୍ନୟନ ଅଧିକାରୀ (ଏସଆଇଓ) କିଭଳି ଖବର ପାଇଲେ ନାହିଁ ତାହା ସନ୍ଦେହ ସୃଷ୍ଟି କରିଛି। ସମ୍ପୂର୍ଣ୍ଣ ଅଟ୍ଟାଳିକାର ସୁରକ୍ଷା ତଥା ରକ୍ଷଣାବେକ୍ଷଣ ଦାୟିତ୍ୱ ଯାନ୍ତ୍ରିକ ବିଭାଗ ଏବଂ ଏସଆଇଓଙ୍କ ହାତରେ ନିହିତ ଥିଲା। ଖାଲି ଏସଆଇଓ ନୁହଁନ୍ତି ୫୩ନମ୍ବର ୱାର୍ଡ଼ର ଗୋଷ୍ଠୀ ସଂଯୋଜକ (ସିଓ), ୱାର୍ଡ଼ ଧିକାରୀ ଏପରି କି ଜଣେ ବରିଷ୍ଠ ଯନ୍ତ୍ରୀ ନିକଟସ୍ଥ ସ୍ଥାନରେ ରହୁଥିଲେ ବି ଘର ବିକ୍ରି ସଂକ୍ରାନ୍ତରେ ସେମାନେ ମଧ୍ୟ କିଭଳି ଟେର ପାଇଲେ ନାହିଁ ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ ଚକିତ କରିଛି। ନୂତନ ବସ୍ତି ଉନ୍ନୟନ ଅଧିକାରୀ ଯୋଗଦେବାର କିଛି ମାସ ପରେ ପୁଲିସ ସହାୟତାରେ ଚଢ଼ଉ କରାଯିବା ପରେ ପୁରା ଘଟଣା ସାମ୍ନାକୁ ଆସିଥିଲା। ଏଥିରେ ଶାସକ ଦଳର ସମ୍ପୃକ୍ତି ରହିଥିବା ବି ବିରୋଧୀ ଦଳ ଅଭିଯୋଗ ଆଣିଥିଲା। ଘଟଣା ବିବାଦୀୟ ହେବା ପରେ ନିଗମ କର୍ତ୍ତୃପକ୍ଷ ତରବରିଆ ଭାବେ ଏକ ଯାଞ୍ଚ କମିଟି କରିଛନ୍ତି। ସୁରକ୍ଷା କର୍ମୀଙ୍କୁ ଦାୟୀ କରାଯାଇ ସମ୍ପୂର୍ଣ୍ଣ ଘଟଣାକୁ ଦାବି ଦେବାପାଇଁ ଯୋଜନା ହୋଇଥିବା ଜଣାଯାଇଛି। ମିଳିଥିବା ସୂଚନା ମୁତାବକ ଅଟାଳିକାର ସୁରକ୍ଷା ଦାୟିତ୍ୱରେ ଏକ ଘରୋଇ ଏଜେନ୍ସି ଜରିଆରେ ତିନିଜଣ ସୁରକ୍ଷା କର୍ମୀ ନିୟୋଜିତ ହୋଇଥିଲେ ବି ସେମାନଙ୍କ ସଂସ୍ଥାଠାରୁ ଜୋରିମାନା ଆଦାୟ କରିବାକୁ ବିଭାଗୀୟ ଅଧିକାରୀ ସୁପାରିଶ କରିଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ ଯେ ଏହି ଘଟଣାର ମୁଖ୍ୟ ରାଜାକୁ ପୁଲିସ ଗିରଫ କରିଥିଲାବେଳେ ତା'ଠୁ ଲକ୍ଷାଧିକ ଟଙ୍କା ଜଗତ କରିଥିଲା। ଫେବୃଆରୀ ୪ରେ ଚଢ଼ଉ ବେଳେ ଅଟ୍ଟାଳିକାର ଗୋଟିଏ ଘରୁ ପୁଲିସ ବହୁ ଚୁକ୍ତିପତ୍ର କାଗଜ ସହିତ ଆପତ୍ତିଜନକ ସାମଗ୍ରୀ ଏବଂ ବିପୁଳ ମଦ ବୋତଲ ଜବତ କରିଥିଲା। ପ୍ରତି ଘରକୁ ୧ ଲକ୍ଷରୁ ୩ ଲକ୍ଷ ଟଙ୍କା ଆଦାୟ କରାଯାଉଥିଲା।

# ଭୁବନେଶ୍ୱରରେ ବିଏଡ୍ କରିବା ନାଁରେ ଜାଲ୍ ସାର୍ଟିଫିକେଟ୍

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ବିଏଡ କରାଇବା ନାଁରେ ୫ଜଣଙ୍କ ଠାରୁ ଲକ୍ଷାଧିକ ଟଙ୍କା ଠକେଇ ହୋଇଥିବା ଆଜି ଖଣ୍ଡଗିରି ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ପାଇ ଖଣ୍ଡଗିରି ପୁଲିସ ଘଟଣାରେ ଛାନଭିନ୍ ଆରମ୍ଭ କରିଛି। ଖବର ଅନୁଯାୟୀ , ଅଭିଯୋଗକାରୀ ଗତ ୩ବର୍ଷ ତଳେ ଏକ ଘରୋଇ କଲେଜ୍‌ରେ ବିଏଡ କରିଥିଲେ। ବିଏଡ୍ କରିବା ପରେ ସେ ଏକ ଘରୋଇ ସ୍କୁଲ୍‌ରେ ଚାକିରି ଆବେଦନ କରି ଶିକ୍ଷକତା କରୁଥିଲେ। ତେବେ କିଛିଦିନ ତଳେ ଅଭିଯୋଗକାରୀଙ୍କୁ ସଂପୃକ୍ତ ସ୍କୁଲର ବୋର୍ଡ ମେମ୍ବର ଫୋନ୍ କରି ସାର୍ଟିଫିକେଟ୍ ଜାଲ୍ ବୋଲି ଜାଣିଥିଲେ। ଏନେଇ ସେ ସଂପୃକ୍ତ ବିଏଡ୍ ସଂସ୍ଥାକୁ ଯୋଗାଯୋଗ କରିଥିଲେ ବି କୌଣସି ଉତ୍ତର ମିଳିନଥିଲ। ତାଙ୍କ ସମେତ ୫ଜଣ ଯୁବକ ସଂପୃକ୍ତ କଲେଜରେ ବିଏଡ୍ କରି ଫସିଯାଇଥିବା ଆଜିଖଣ୍ଡଗିରି ଥାନାରେ ଅଭିଯୋଗ କରିଛନ୍ତି।



# ସ୍ୱାସ୍ଥ୍ୟରକ୍ଷା ପାଇଁ ଫଳାହାର



ବିଜୟ କୁମାର ପୃଷ୍ଟି
ସଂପାଦକ 'ନିରାମୟ', କଟକ,
ଦୂରଭାଷ :୯୮୬୧୪୬୪୯୩୨

ସାଧାରଣରେ ଫଳାହାର ଅର୍ଥ ପ୍ରାୟତଃ ଲୋକମାନଙ୍କ ବିଶ୍ୱାସ ଏହା ସାଧୁସନ୍ଥଙ୍କ ଖାଦ୍ୟ କିମ୍ବା ଏହା ଅତ୍ୟନ୍ତ ମୂଲ୍ୟବାନ ଖାଦ୍ୟ। କିନ୍ତୁ ବାସ୍ତବରେ ସେଇଆ ନୁହେଁ ଆମ ହାତପାହାନ୍ତାରେ ଅନେକ ସୁଲଭ ମୂଲ୍ୟର ପ୍ରକୃତି ପ୍ରଦତ୍ତ ଫଳ ରହିଛି ଏବଂ ସେଥିମଧ୍ୟରୁ ଅନେକ ହେଉଛି ଋତୁ ଜନିତ ଫଳ। ଯାହାକି ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ମୂଲ୍ୟବାନ ଓ ଅମୃତି ସଞ୍ଜିବନୀ ସଦୃଶ କହିଲେ ଅତ୍ୟୁକ୍ତି ହେବନାହିଁ। ସ୍ୱାସ୍ଥ୍ୟ କହିଲେ, ଆମେ ସାଧାରଣତଃ ଭାବୁ ବେଶ ମୋଟା ପେଟା ଏବଂ ଡଉଲ ଡାଉଲ ହୋଇଥିବ। କିନ୍ତୁ ଏହା ଠିକ ନୁହେଁ। ସଂପୂର୍ଣ୍ଣ ସ୍ୱାସ୍ଥ୍ୟ ହେଉଛି - ଶାରୀରିକ, ମାନସିକ, ସାମାଜିକ ଏବଂ ଆତ୍ମିକ ସୁସ୍ଥତା ଯାହାକି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଘୋଷଣା। ତାହେଲେ ଏଭଳି ସ୍ୱାସ୍ଥ୍ୟ ପାଇବା କେମିତି ? ପ୍ରକୃତି ଆମକୁ ଏକ ଦୁର୍ଲଭ ଜୀବନ ଦେଇଛି। ଏହି ଜୀବନକୁ ନିରୋଗ ରଖିବା ପାଇଁ ପ୍ରତ୍ୟହ ଖାଦ୍ୟ, ବ୍ୟାୟାମ, ବିଶ୍ରାମ ପରିଷ୍କାର ପରିଚ୍ଛନ୍ନତା ଏବଂ ସକରାତ୍ମକ ଚିନ୍ତନର ଆବଶ୍ୟକତା ରହିଛି। ୟା ମଧ୍ୟରୁ ଖାଦ୍ୟ ବା ଆହାର ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଶରୀର ଓ ଆହାରର ପରସ୍ପର ସମ୍ବନ୍ଧ ରହିଛି। ସାତ୍ତ୍ୱିକ ଆହାର, ଜୀର୍ଣ୍ଣକାରୀ ଆହାର ତଥା କ୍ଷାରୀୟ ଆହାର ଶରୀର ପୋଷକ, ବଳପ୍ରଦ, ତୃପ୍ତିକାରକ, ଆୟୁ, ତେଜ, ସାହସ ତଥା ମାନସିକ ଶାନ୍ତି ପ୍ରଦାନ କରିଥାଏ। ଉପଯୁକ୍ତ ଆହାର ବିନା ଶରୀରର ପୁଷ୍ଟିସାଧନ ଅସମ୍ଭବ। କ'ଣ ଖାଇବା ? କେମିତି ଖାଇବା ? କେତେ ଖାଇବା ? କେତେବେଳେ ଖାଇବା ? ଏସବୁ ପ୍ରଶ୍ନ ଆଜିର ସମୟରେ ଆମକୁ ବିବ୍ରତ କରିପକାଏ। ଆପଣ ସତ କହିଲେ, ଆପଣଙ୍କୁ ଗୋଟିଏ ପ୍ଲେଟରେ ଗୋଟିଏ ରସଗୋଲା ଏବଂ ଆଉ ଗୋଟିଏ ଫଳ ଦିଆଗଲେ କେଉଁଟିକୁ ଆଗେ ଖାଇବେ ? ଆପଣ ନିଶ୍ଚୟ ରସଗୋଲାଟିକୁ ଆଗେ ହାତ ବଢ଼ାଇବେ। ଆଧୁନିକ ସମାଜରେ ଆମ ପାଇଁ ଦରକାର ସୁସ୍ୱାଦୁ ମିଠା, ଚଟପଟି, ରାରଗରଙ୍ଗ ମସଲା ଦିଆ ଛଣା ଖାଦ୍ୟ, ବାରମଜା, ବିସ୍କୁଟ, ପାଉଁରୁଟି ଇତ୍ୟାଦି। ଏସବୁତ ପାଟିକୁ ବଢ଼ିଆ ମଜା ଲାଗିବ ହେଲେ ପେଟକୁ ବିପଦ ମାଡ଼ି ଆସିବ। ଏଭଳି ତ୍ରୁଟିପୂର୍ଣ୍ଣ ଖାଦ୍ୟରୁ ବିଭିନ୍ନ ରୋଜର ଉତ୍ପତ୍ତି ହୁଏ।

ପ୍ରକୃତିଦତ୍ତ ସବୁଜ ପନିପରିବା, ଋତୁ ଜାତୀୟ ଫଳମୂଳ ହେଉଛି ଆମର ଉପଯୁକ୍ତ ଆହାର। କହିବାକୁଗଲେ ସବୁଠୁ ସ୍ୱାସ୍ଥ୍ୟପ୍ରଦ ଖାଦ୍ୟ ହେଉଛି କଞ୍ଚା ଖାଦ୍ୟ। ଏଭଳି କଞ୍ଚା ଖାଦ୍ୟ ମଧ୍ୟରେ ବିଭିନ୍ନ ଫଳ ହେଉଛି ସୁଆଦିଆ, ନିରାପଦ, ସ୍ୱାସ୍ଥ୍ୟପ୍ରଦ ଏବଂ ନିରୋଗ ଜୀବନର ଚାବିକାଠି। ତେଣୁ ଉପଯୁକ୍ତ ସ୍ୱାସ୍ଥ୍ୟରକ୍ଷା ପାଇଁ ଫଳାହାର ହେଉଛି ସର୍ବୋତ୍ତମ। ଆସନ୍ତୁ ଜାଣିବା କେଉଁ ଫଳର ଗୁଣ କଅଣ ?

ଆମ ସ୍ୱାସ୍ଥ୍ୟର ବିକାଶ ପାଇଁ ବିଭିନ୍ନ ପ୍ରକାର ଉପାଦାନ ଦରକାର। ଶରୀରରେ ଥିବା ରକ୍ତର ମୁଖ୍ୟ ଉପାଦାନ ହେଉଛି କ୍ଷାରୀୟ ଲବଣ ବା ସୋଡ଼ିୟମ, ପଟାସିୟମ, କ୍ୟାଲସିୟମ, ମ୍ୟାଗ୍ନେସିୟମ ଏବଂ ଲୌହ। ରକ୍ତର ଏହି କ୍ଷାରଗୁଣ ଯେତେ ଅଧିକ ହୁଏ, ଶରୀର ସେତେ ନିରୋଗ ହୁଏ ଏବଂ ଶରୀରର ରୋଗ ପ୍ରତିରୋଧକ ଶକ୍ତି ସେତେ ବୃଦ୍ଧି ପାଏ। ସେଥିପାଇଁ ଶଣୀରର ୮୦ ଭାଗ କ୍ଷାରଯୁକ୍ତ ଖାଦ୍ୟ ଏବଂ ୨୦ ଭାଗ ଅମ୍ଳଯୁକ୍ତ ଖାଦ୍ୟ ଆବଶ୍ୟକ। ଏହି କ୍ଷାରଯୁକ୍ତ ଖାଦ୍ୟ ହେଲା ପ୍ରକୃତିଦତ୍ତ ବିଭିନ୍ନ ପ୍ରକାର ଫଳ। କିନ୍ତୁ ଆମର ଏ ପର୍ଯ୍ୟନ୍ତ ଏକ ଭୁଲ ଧାରଣା ରହିଛି ଯେ ଠାକୁରଙ୍କ ପୂଜାପାଠ ପାଇଁ କେବଳ ଫଳ ହିଁ ଦରକାର। ଆଜିର ସମୟରେ ଫଳାହାର ହେଉଛି ଶ୍ରେଷ୍ଠ ଆହାର। ଧରନ୍ତୁ ଆତଫଳ ବା କେହି କେହି ବଢ଼ିଆଳ କହନ୍ତି। ଏଥିରେ ପ୍ରାୟ ୮୦ରୁ ୧୦୦ କ୍ୟାଲୋରୀ ମିଳିଥାଏ। ଏଥିରେ ସବୁ ଖାଦ୍ୟସାର ଭରପୁର ହୋଇଥାଏ। ଏହା ପ୍ରାକୃତିକ ସୁସ୍ୱାଦୁ ମିଠା ଫଳ ପତଳା ଏବଂ ରକ୍ତହୀନତା ପାଇଁ ଏହା ଏକ ଦରକାରୀ ଫଳ।

କଥାରେ ଅଛି 'ଦିନରେ ଖାଇଲେ ଗୋଟିଏ ସେଓ - ଡ଼ାକତର ପାଶେ ନଯିବ ଆଉ'। ସେଓକୁ ସରବତ କରି ପିଇବା ଅପେକ୍ଷା ଚୋବାଇ ଚୋବାଇ ଖାଇଲେ ଦାନ୍ତ ସଫା ହେବା ସଙ୍ଗେ ସଙ୍ଗେ ଏହାର ଆଣ୍ଟିଭାଇରାଲ ଗୁଣ ଯୋଗୁ ଜୀବାଣୁ ସବୁ ନଷ୍ଟ ହୋଇଯାଏ। ଏହା ଭୋକ ନିୟନ୍ତ୍ରଣ କରିଥାଏ। ହୃଦ୍‌ରୋଗ, ପୁରାତନ ଆଜମା, କ୍ୟାନସର ଭଳି ମାରାତ୍ମକ ରୋଗ ପାଇଁ ଏହା ଏକ ଭଲ ଟନିକ। ଏଥିରେ ଥିବା ମାଲିକ ଏସିଡ଼ ଯୋଗୁଁ ଏହା ଲିଭର ଏବଂ ଅଜୀର୍ଣ୍ଣ ପାଇଁ ବହୁ ଉପକାରୀ। ଏହା ଅତ୍ୟଧିକ କ୍ଷାରଯୁକ୍ତ ହୋଇଥିବାରୁ ଶରୀରରୁ ମଳ ନିଷ୍କାସନରେ ସାହାଯ୍ୟ କରେ।

ଅଁଳା ଫଳରେ ଭିଟାମିନ 'ସି' ପ୍ରଚୁର ପରିମାଣରେ ଥାଏ। ଏଥିରେ ଫଲିକ ଏସିନ, ଟେନିକ ଏସିଡ଼, ଶର୍କରା, ଆଲବ୍ୟୁମିନ ତଥା କ୍ୟାଲସିୟମ ଭରପୁର ଥାଏ। ଆୟୁର୍ବେଦରେ ଏହାକୁ ଅମୃତ ଫଳ ଓ ଧାତ୍ରୀ ଫଳ ଆଦି କୁହାଯାଇଛି। ଏହାର ସେବନ ଦ୍ୱାରା ଦୀର୍ଘାୟୁ ପ୍ରାପ୍ତ ହୋଇଥାଏ ଏବଂ ବୃଦ୍ଧ ମଧ୍ୟ କିଶୋର ଅବସ୍ଥାକୁ ପ୍ରାପ୍ତ କରିଥାଏ। ଚକ୍ଷୁରୋଗ, କେଶରୋଗ, ରକ୍ତସ୍ରାବ, ରକ୍ତଶୋଧକ, କଫପିତ୍ତ ନାଶକ, ଶୁକ୍ରାଣୁ ବର୍ଦ୍ଧକ ଏବଂ ଏହା ହୃତପିଣ୍ଡକୁ ଶକ୍ତି ପ୍ରଦାନ କରିଥାଏ। ବେଲ ଏକ ଜୀର୍ଣ୍ଣକାରୀ ଫଳ। ପାଚନ ସଂସ୍ଥାନଗତ ରୋଗ ପାଇଁ ବହୁ ଉପକାରୀ। ବିଭିନ୍ନ ପ୍ରକାର ପେଟ ରୋଗ ପାଇଁ ଅବ୍ୟର୍ଥ ଔଷଧ। ବେଲକୁ କଞ୍ଚା, ପୋଡ଼ା କିମ୍ବା ପାଚିଲେ ସର୍ବତ କରି ପିଇଲେ ଝାଡ଼ା ପରିଷ୍କାର ହୋଇଥାଏ। ଜାମୁକୋଳି ପ୍ରାୟ ସହଜରେ ମିଳିଥାଏ। ମଧୁମେହ ରୋଗ ପାଇଁ ଏହା ଏକ ଅବ୍ୟର୍ଥ ଔଷଧ। ଖରାଦିନର ଖୁବ ଶସ୍ତା ଓ ବଢ଼ିଆ ଫଳ ହେଲା ତରଭୁଜ। ଶଣୀରର ଚର୍ବି କମାଇବା, ରକ୍ତଚାପ, ଗଣ୍ଠିବାତ, ହୃଦ୍‌ରୋଗ କମାଇବା ପାଇଁ ତରଭୁଜ ସବୁଠୁ ଭଲ ଖାଦ୍ୟ। ତରଭୁଜରେ ଅଛି ସିଟ୍ରଲିନ ନାମକ ଉପାଦାନ ଯାହା ରକ୍ତଚାପ କମାଇ ଦିଏ। ଏଥିରେ ଜଳ ପରିମାଣ ବେଶୀ ଥାଏ। ଏଥିରେ ଥିବା ଲାଇକେପିନ ଯୋଗୁଁ ହୃଦରୋଗ ହେବାର ସମ୍ଭାବନାକୁ କମାଇ ଦିଏ। ଆମ୍ବକୁ ଫଳ ମଧ୍ୟରେ ରାଜା କୁହାଯାଏ। ଏହା ସୁସ୍ୱାଦୁ ଏବଂ ସବୁ ପ୍ରକାର ଖାଦ୍ୟ ସାର ଭରପୁର ହୋଇଛି। ପାଚିଲା କଦଳୀ, ପିଜୁଳି, ଅମୃତଭଣ୍ଡା, କମଳା, ବାତାପି, ନାରଙ୍ଗୀ, ଅଙ୍ଗୁର, ସପୁରୀ ଯେତିକି ସ୍ୱାଦିଷ୍ଟ ସେତିକି କ୍ଷାରଯୁକ୍ତ। ଏହା ଶକ୍ତି ବର୍ଦ୍ଧକ। ଲେମ୍ବୁ ପ୍ରାକୃତିକ ଲବଣର ଭଣ୍ଡାର। ଏହାର ଅମ୍ଳରେ ଥଣ୍ଡା ଉତ୍ପନ୍ନ କରିବା ଗୁଣ ରହିଛି। ପ୍ରତ୍ୟହ ଲେମ୍ବୁରସ ସହ ପାଣି ମିଶାଇ ପିଇଲେ କୋଷ୍ଠ ଦୂର ହୋଇଥାଏ। ଏଭଳି ଫଳାହାର ଦ୍ୱାରା ମନରୁ ଅବସାଦ ଦୂର ହେବା ସଙ୍ଗେ ସଙ୍ଗେ ମେଦବହୁଳତା ମଧ୍ୟ କମିଯାଏ। ଆସନ୍ତୁ ଆମ ନିୟମିତ ଖାଦ୍ୟ ତାଲିକାରେ ଫଳକୁ ସାମିଲ କରିବା ଓ ଆମ ଆଖପାଖରେ ମିଳୁଥିବା ଏହି ମୂଲ୍ୟବାନ ଫଳକୁ ଗ୍ରହଣ କରି ନିଜ ଜୀବନକୁ ଏକ ସୁନ୍ଦର ସାମର୍ଥ୍ୟବାନ ଭାବେ ଗଢ଼ି ତୋଳିବା।

# କଭି ଅଲ୍‌ବିଦା ନା କେହନା...

## ଡିସ୍କୋ କିଙ୍ଗ ବାପି ଲହିରୀଙ୍କ ପରଲୋକ



କଣ୍ଠଶିଳ୍ପୀ ଅନୁପମା ଭୂୟାଁ
'ସାଇବିଥି' ୭ଡି/୧୩୫୪,
ସେକ୍ଟର-୯, ସିଡିଏ, କଟକ,
ଦୂରଭାଷ : ୯୯୩୭୫୮୧୭୦୭

ଚଳିତ ଅଶୁଭ ମାସରେ ଦୁଇ ଦୁଇଟି ପ୍ରଥିତ ସ୍ୱର ସ୍ରଷ୍ଟାଙ୍କ ପରଲୋକ ଅତ୍ୟନ୍ତ ବ୍ୟଥିତ କରିଛି ଅଗଣିତ ଶ୍ରୋତା ମାନଙ୍କ ପାଇଁ। ସଙ୍ଗୀତ ଦୁନିଆର ଜଣେ ଅନ୍ୟତମ ଶ୍ରେଷ୍ଠ ଗାୟକ ବାପି ଲାହିରୀଙ୍କ ଅବର୍ତ୍ତମାନରେ ଶ୍ରଦ୍ଧାଞ୍ଜଳୀ ଦେଲାବେଳକୁ ତାଙ୍କରି ଏକ ଅବିସ୍ମରଣୀୟ ଗୀତ। 'ଚଲ୍‌ତେ ଚଲ୍‌ତେ ମେରେ ଯେ ଗୀତ୍ ୟାଦ ରଖନା, କଭି ଅଲ୍‌ବିଦା ନା କେହନା....'। ୧୯୭୬ରେ ଏହି ଗୀତ ଆଜି ବି ସେମିତି ଜୀବନ୍ତ ଓ ସତେଜ ହୋଇରହିଛି। କିନ୍ତୁ ଆମକୁ ଅଲ୍‌ବିଦା କହିଛନ୍ତି ଏହାର ସଙ୍ଗୀତ ନିର୍ଦ୍ଦେଶକ ବାପି ଲହିରୀ। ଭାରତୀୟ ଡିସ୍କୋ ସଙ୍ଗୀତକୁ ନୂଆ ରୂପ ଦେଇଥିବା ଗାୟକ ତଥା ସଙ୍ଗୀତ ନିର୍ଦ୍ଦେଶକ ବାପି ଲହିରୀଙ୍କର ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୬୯ ବର୍ଷ ବୟସ ହୋଇଥିଲା। ମୁମ୍ବାଇର କ୍ରିଟା କେୟାର ଡାକ୍ତରଖାନାରେ ଝିଅ ରୀମା ଲହିରୀଙ୍କ କୋଳରେ ଶୋଇଥିବା ଅବସ୍ଥାରେ ସେ ନିଜର ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। ସଙ୍ଗୀତ ଦୁନିଆରେ ସେ 'ଡିସ୍କୋ କିଙ୍ଗ' ଭାବେ ପରିଚିତ ଥିଲେ। ସଙ୍ଗୀତ ବ୍ୟତୀତ ତାଙ୍କର ସୁନା ଗହଣା ପ୍ରତି ଥିବା ଦୁର୍ବଳତା ତାଙ୍କୁ ଅନ୍ୟ ମାନଙ୍କଠାରୁ ସ୍ୱତନ୍ତ୍ର କରୁଥିଲା।

ନିଜ ସଙ୍ଗୀତ ଜୀବନରେ ବାପି ହାସଲ କରିଥିଲେ ଏକ ଅଭୁଲା ସଫଳତା। ଏହି କ୍ଷେତ୍ରରେ ସ୍ମରଣୀୟ ଅବଦାନ ପାଇଁ ତାଙ୍କ ନାମକୁ ଗିନିଜ୍ ୱାର୍ଲ୍ଡ ରେକର୍ଡ଼ ଅନ୍ତର୍ଭୁକ୍ତ କରାଯାଇଥିଲା। କାରଣ ୧୯୮୬ରେ ସେ ମୋଟ ୩୩ଟି ଫିଲ୍ମର ସଙ୍ଗୀତ ନିର୍ଦ୍ଦେଶନା ଦେଇଥିଲେ। ଏହି ଚଳଚ୍ଚିତ୍ର ଗୁଡ଼ିକରେ ମୋଟ ୧୮୦ଟି ସଂଯୋଜିତ ହୋଇଥିଲା। କେବଳ ଡିସ୍କୋ କମ୍ପୋଜିଶନ ନୁହେଁ, ବାପି ମଧ୍ୟ ଥିଲେ ଗଜଲ ପ୍ରିୟ। ଏହାର ଝଲକ ମଧ୍ୟ ତାଙ୍କର ସ୍ୱରାୟିତ କେତୋଟି ସିନେମାରେ ଦେଖିବାକୁ ମିଳିଥାଏ। ବିଶେଷ ଭାବରେ 'ଐତିବାର'ରେ ସଂଯୋଜିତ 'କିସିନଜର କୋ ତେରା ଇନ୍‌ତେଜାର ଆଜ୍ ଭି ହେ' ଏବଂ 'ଆୱାଜ ଦି ହେ' ଶ୍ରୋତାଙ୍କୁ ବେଶ ପ୍ରଭାବିତ କରିଥିଲା। ଏକ ସାକ୍ଷାତକାରରେ ବାପି ଦା' ତାଙ୍କ ଉପରେ ବାୟୋପିକ୍ ନିର୍ମାଣ ଦିଗରେ ଇଛା ପ୍ରକାଶ କରିଥିଲେ। ଯଦି ତାଙ୍କ ଜୀବନୀ ଉପରେ ଫିଲ୍ମ ହୁଏ ତେବେ ରଣବୀର ସିଂ ବାପି ଦା'ଙ୍କ ଚରିତ୍ରରେ ଅଭିନୟ କରନ୍ତୁ ବୋଲି ସେ ଚାହିଁଥିଲେ।

'ଡିସ୍କୋ ବିଟର୍ ମୂଳଦୁଆ ବାପି ହିଁ ପକାଇଥିଲେ। ତାଙ୍କ ସହ ଯୋଡ଼ିଦାର ପାଲଟିଥିଲେ ମିଥୁନ ଚକ୍ରବର୍ତ୍ତୀ। ଡିସ୍କୋ ଗୀତର ତାଳେ ତାଳେ ନାଚିବାରେ ଧୁରନ୍ଧର ମିଥୁନ-ବାପିଙ୍କ ଯୋଡ଼ିକୁ ସେତେବେଳେ ହିଟ୍ ଯୋଡ଼ି ଭାବେ ଜଣାଯାଉଥିଲା। ମିଥୁନ ଡିସ୍କୋ ଡାନ୍ସର ଓ ବାପି ଦା' ଥିଲେ ଡିସ୍କୋ କିଙ୍ଗ। ୧୯୮୩-୮୫ ମଧ୍ୟରେ ବାପି ଦା'୧୨ଟି ସୁପରହିଟ ଚଳଚ୍ଚିତ୍ରରେ ସଙ୍ଗୀତକାର ଭାବେ କାମ କରି ରେକର୍ଡ଼ କରିଥିଲେ। କେବଳ ଜାତୀୟ ନୁହେଁ, ଅନ୍ତର୍ଜାତୀୟ ସ୍ତରରେ ମଧ୍ୟ ସେ ନାମ କମାଇଛନ୍ତି। ବାପି ଦା'ଙ୍କ ଅନ୍ୟତମ ପରିଚୟ ହେଉଛି ତାଙ୍କର ସନ୍ ଗ୍ଲାସ ଓ ସୁନାଗହଣା। ଦିନରେ କି ରାତିରେ ବାହାରନ୍ତୁ, ସନ୍ ଗ୍ଲାସ ପିନ୍ଧିବେ ନିଶ୍ଚୟ।

ଅନେକ ହୁଏତ ଜାଣିନଥିବେ କିମ୍ବଦନ୍ତୀ ଗାୟକ କିଶୋର କିମ୍ବାର ତାଙ୍କ ମାମୁଁ ଥିଲେ। ଚଲ୍‌ତେ ଚଲ୍‌ତେ, ଶରାବୀ, ତୋଫା, ମହୋବତ୍ ଭଳି ଫିଲ୍ମରେ ଉଭୟେ ଏକାଠି କାମ କରିଛନ୍ତି। କିଶୋର କୁମାରଙ୍କ ଶେଷ ଗୀତ ୱକ୍ତ କି ଆୱାଜର 'ଆଇ ୱାଣ୍ଟ ଟୁ ହିଟ ସମ୍‌ବଡ଼ି'କୁ ବାପି ଲାହିରୀ ରଚନା କରିଥିଲେ। ୫୦୦ରୁ ଉର୍ଦ୍ଧ୍ୱ ଫିଲ୍ମରେ ୫୦୦୦ରୁ ଅଧିକ ଗୀତରେ କାମ କରିଥିବା ବାପି ଦା' ବିଦେଶରେ ମଧ୍ୟ ସଙ୍ଗୀତ ରଚନା କରିଛନ୍ତି। ବାଙ୍ଗଲାଦେଶରେ ସେ ୩ଟି ଚଳଚ୍ଚିତ୍ରରେ ସଂଗୀତକାର ଭାବେ କାମ କରିଛନ୍ତି। ୧୯୮୯ରେ ହଲିଉଡ ଫିଲ୍ମ 'ଆଇ ୱିଟ୍‌ନେସ ଟୁ ମର୍ଡ଼ର'ରେ ସେ ବ୍ୟାକ୍‌ଗ୍ରାଉଡ ସ୍କୋର କମ୍ପୋଜ କରିଛନ୍ତି। ୧୯୯୭ରେ ଭାରତୀୟ ଇଂଲିଶ ଫିଲ୍ମ ଡିଭାଇନ୍ ଲଭର୍ସରେ ମଧ୍ୟ ସେ ସ୍ୱର ସଂଯୋଜନା କରିଛନ୍ତି। ତାଙ୍କ ପରି ଜଣେ ପ୍ରଥିତ ଯଶା ସ୍ୱର ସମ୍ରାଟଙ୍କ ପରଲୋକରେ ଶ୍ରୀ ସତ୍ୟସାଇ ବାବାଙ୍କ ନିକଟରେ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରୁଛି।

# ମହାପ୍ରଭୁଙ୍କ ଗଜ ଉଦ୍ଧାରଣ ବେଶ



ବିପିନ ବିହାରୀ ରାଉତ
ଶ୍ରୀବିହାର କଲୋନୀ, କଟକ
ଦୂରଭାଷ : ୯୪୩୭୬୬୬୪୫୩

ପବିତ୍ର ମାଘ ପୂର୍ଣ୍ଣିମାରେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଗଜ ଉଦ୍ଧାରଣ ବେଶ ସମ୍ପନ୍ନ ହୋଇଥାଏ। ବିଧି ଅନୁଯାୟୀ ଦ୍ୱିପ୍ରହର ଧୂପ ପରେ ପଠନି ଲାଗି କରାଯାଏ। ଏହାପରେ ଘଟୁଆରୀଙ୍କ ଦ୍ୱାରା ଘୋରା ହୋଇଥିବା ଚନ୍ଦନକୁ ରୂପାପିଙ୍ଗଣରେ ପାଳିଆ ପୁଷ୍ପାଳକ ଆଣନ୍ତି ଓ ତିନିବାଡ଼ରେ ସର୍ବାଙ୍ଗ ନୀତି ପରେ ମହାଜନ ସେବକମାନେ ଶ୍ରୀଦେବୀଙ୍କୁ ଦକ୍ଷିଣୀ ଘର ଖଟରେ ବିଜେ କରାଇଥାନ୍ତି। ପରେ ମହାପ୍ରଭୁଙ୍କୁ ଗଜ ଉଦ୍ଧାରଣ ବେଶ କରାଯାଏ। ଏହି ବେଶରେ ତିନିଠାକୁର ମଥାରେ ଚୂଳ ଓ କିରୀଟ ସହ ସୁବର୍ଣ୍ଣ ନିର୍ମିତ ପଦ୍ମମାଳି, କଦମ୍ବମାଳି ପ୍ରଭୃତିରେ ଭୂଷିତ ହୁଅନ୍ତି ଶ୍ରୀଜଗନ୍ନାଥ ଓ ବଡ଼ ଠାକୁର ପ୍ରଭୁ ବଳଭଦ୍ର ଚତୁଃହସ୍ତ ରୂପେ ଏବଂ ସୁଭଦ୍ରା ଦ୍ୱିଭୁଜ ବିଶିଷ୍ଟା ହୋଇଥାନ୍ତି। ଚତୁଃହସ୍ତଧାରୀ ଶ୍ରୀଜଗନ୍ନାଥ କାଠ, ସୋଲ ଓ ଜରିରେ ନିର୍ମିତ ଗରୁଡ଼ ଉପରେ ଉପବେଶନ ହୋଇଥାନ୍ତି। ମହାପ୍ରଭୁଙ୍କ ଚାରିହସ୍ତରେ ସୋଲ ଓ ଜରି ନିର୍ମିତ ଶଙ୍ଖ, ଚକ୍ର, ଗଦା ଓ ପଦ୍ମ ଶୋଭା ପାଇଥାଏ। ପଦ୍ମାସନ ଭଙ୍ଗୀରେ ଗୋଟିଏ ଆସ୍ଥାନରେ ବସିଥିବା ବଳଭଦ୍ର ଦୁଇ ହସ୍ତରେ ସୋଲ ଓ ଜରି ନିର୍ମିତ ଶଙ୍ଖ ଓ ଚକ୍ର ତଥା ନିମ୍ନ ଦୁଇହସ୍ତରେ ହଳ ଓ ମୂଷଳ ଧାରଣ କରିଥାନ୍ତି। ସୁଭଦ୍ରା ଦୁଇଭୁଜ ଓ ଦୁଇ ପଦଯୁକ୍ତା ହୋଇ କୃଷ୍ଣଙ୍କ ଭଳି ଛନ୍ଦାୟିତ ଭଙ୍ଗୀରେ ଠିଆ ହୋଇଥାନ୍ତି। ଏହି ବେଶରେ କାଠ ଓ ସୋଲ ନିର୍ମିତ ଦୁଇଟି ହସ୍ତୀ ପ୍ରତିମୂର୍ତ୍ତି ବ୍ୟବହୃତ ହୋଇଥାଏ। ଗୋଟିଏ ହସ୍ତୀ ବଳଭଦ୍ରଙ୍କ ସମୀପରେ ରତ୍ନ ସିଂହାସନ ଆଗରେ ପୋଖରିଆରେ ଏବଂ ଅନ୍ୟଟି ଶ୍ରୀଜଗନ୍ନାଥଙ୍କ ବିଗ୍ରହ ସମ୍ମୁଖରେ ରଖାଯାଇଥାଏ। ସନ୍ଧ୍ୟା ଧୂପରେ ମହାପ୍ରଭୁଙ୍କ ଖିରି ଓ ଅମାଲୁ ଭୋଗ କରାଯାଏ। ରାତ୍ରରେ ବେଶ ଓଲାଗି କରାଯାଇ ବଡ଼ସିଂହାର ନୀତି ସମ୍ପନ୍ନ ବଢ଼ିବା ପରେ ପହୁଡ଼ ସମ୍ପନ୍ନ ହୋଇଥାଏ।

ବିଧାନ ଅନୁଯାୟୀ ରତ୍ନସିଂହାସନ ବରୁଣ ହ୍ରଦ ପାଲଟିଥାଏ। ଶ୍ରୀଜଗନ୍ନାଥ ବିଷ୍ଣୁଙ୍କ ରୂପରେ ଚତୁର୍ଭୂଜ ହୋଇ ଶଙ୍ଖ, ଚକ୍ର, ଗଦା ଓ ପଦ୍ମ ଧାରଣ କରି ଗଜରାଜଙ୍କୁ କୁମ୍ଭୀର କବଳରୁ ଉଦ୍ଧାର କରୁଥାନ୍ତି। ଶ୍ରୀବଳଭଦ୍ର ବାସୁଦେବଙ୍କ ରୂପରେ ଶ୍ରୀହସ୍ତରେ ଶଙ୍ଖ, ଚକ୍ର, ହଳ ଓ ମୂଷଳ ଧାରଣ କରିଥାନ୍ତି। ଶ୍ରୀକୃଷ୍ଣଙ୍କ ସଦୃଶ ଦେବୀ ସୁଭଦ୍ରା ପାଦଛନ୍ଦି ପଦ୍ମ କଢ଼ି ଧରି ରତ୍ନସିଂହାସନରେ ଉଭା ହୋଇଥାନ୍ତି। ଚୂଳ, କିରୀଟ, କୁଣ୍ଡଳ, ସୂର୍ଯ୍ୟ, ଚନ୍ଦ୍ର, ହତା, ବାଜୁବନ୍ଧ, ହାତଫେର, ଆୟୁଧ, ଶଙ୍ଖ, ଚକ୍ର, ଗଦା, ପଦ୍ମ, ହଳ, ମୂଷଳ, ବାଙ୍କି, ପାହୁଡ଼, ଗୋଡ଼ଖଡୁ, ହାତମାଳ, ନାକଚଣା, ପଦ୍ମକଢ଼ି ଆଦି ଅଳଙ୍କାର ସବୁ ଠାକୁରମାନଙ୍କୁ ଲାଗି କରାଯାଏ। ବେଶ ମନମୁଗ୍ଧକର ହୋଇଥାଏ ମହାପ୍ରଭୁଙ୍କ ଏହି ବେଶ। ମହାପ୍ରଭୁ ଗରୁଡ଼ ଉପରେ ବସିଥାନ୍ତି। ପରମ୍ପରା ଅନୁଯାୟୀ ଶ୍ରୀଜଗନ୍ନାଥଙ୍କ ସମୀପରେ ଦୁଇଟି ହାତୀ ଦଣ୍ଡାୟମାନ ହୋଇଥାନ୍ତି ଓ ସେମାନେ ଶୁଣ୍ଢରେ ପଦ୍ମକଢ଼ି ଧରିଥାନ୍ତି। ସିଂହାସନ ତଳକୁ ହାତୀ ଓ କୁମ୍ଭୀର ସଜ୍ଜା ହୋଇ ଥାନ୍ତି। ଏକ କୁମ୍ଭୀର ହାତକୁ ଆକ୍ରମଣ କରିବା ଭଳି ରହିଥାଆନ୍ତି। ଗଜରାଜ ଉଦ୍ଧାର ପାଇଁ ଭଗବାନଙ୍କ ଶରଣ ପଶିବା ଭଙ୍ଗୀରେ ରହିଥାଆନ୍ତି। ବେଶ ସଂପୂର୍ଣ୍ଣ ପରେ ସନ୍ଧ୍ୟାଧୂପରେ ଖିରି ଓ ଅମାଲୁ ଭୋଗ କରାଯାଇଥାଏ। ବର୍ଷ ବର୍ଷର ପରମ୍ପରା ଅନୁଯାୟୀ ମହାପ୍ରଭୁଙ୍କୁ ଅତ୍ୟନ୍ତ ଦୁର୍ଲ୍ଲଭ ଗଜ ଉଦ୍ଧାରଣ ବେଶରେ ଦେଖି ଭକ୍ତମାନେ ନିଜକୁ କୋଟି ଭାଗ୍ୟବାନ ମନେକରି ଆନନ୍ଦମୟ ଚିତ୍ତରେ ଭାବ ବିହ୍ୱଳ ହୋଇପଡ଼ନ୍ତି।

# ଶବ୍ଦ ପ୍ରଦୂଷଣର ବିପଦ



ନାରାୟଣ ଚନ୍ଦ୍ର ବିଶ୍ୱାଳ
ବାକ୍ ଶ୍ରବଣ ବିଶେଷଜ୍ଞ, 'ଧ୍ୱନୀ'
କାଠଗୋଲା ରୋଡ଼, ମଙ୍ଗଳାବାଗ,
କଟକ, ଦୂରଭାଷ : ୯୪୩୮୨୭୬୭୬୦

ପରିବେଶ ପ୍ରଦୂଷଣ ପରେ ଶବ୍ଦ ପ୍ରଦୂଷଣ ଆଉ ଏକ ଗୁରୁତର ସମସ୍ୟା ଭାବେ ଆଧୁନିକ ସଭ୍ୟତାରେ ମୁଣ୍ଡ ଟେକିଛି। ଏଥିଯୋଗୁ ଆଜିର ମଣିଷ, ମୁଖ୍ୟତଃ ସହରର ମଣିଷ ବିଭିନ୍ନ ପ୍ରକାର ମାନସିକ ଓ ଶାରୀରିକ ରୋଗରେ ଆକ୍ରାନ୍ତ ହୋଇଛି। ଗଣତାନ୍ତ୍ରିକ ବିଧି ବ୍ୟବସ୍ଥାରେ ବ୍ୟକ୍ତି ସ୍ୱାଧୀନତା ମିଳୁଥିବା ଯୋଗୁ ବାକ୍ ସ୍ୱାଧୀନତା ତାର ହକ୍ ବୋଲି ସମସ୍ତେ ଧରି ନିଅନ୍ତି। କିନ୍ତୁ ବାକ୍ ସ୍ୱାଧୀନତାର ଅର୍ଥ ନୁହେଁ ଚିତ୍କାର କରିବା ଓ ଅନ୍ୟର ସ୍ୱାଧୀନତାକୁ ଅପହରଣ କରିବା। ଆମର ଅଜ୍ଞାତସାରରେ ଶବ୍ଦ ପ୍ରଦୂଷଣ ଆମର କେତେ କ୍ଷତିକରେ ଆମେ ଜାଣୁନା। ଫଳରେ ସାମାନ୍ୟ ସାମାନ୍ୟ କଥାରେ ଆମେ ଉଚ୍ଚ ଶବ୍ଦରେ ବିଭିନ୍ନ କାରବାର କରିବାରେ ଗର୍ବକରୁ ଓ ଆନନ୍ଦ ଅନୁଭବ କରୁ। ଶବ୍ଦ ପରିବେଷଣରେ ଆମେ ସିନା କ୍ଷଣିକ ଆନନ୍ଦ ଅନୁଭବ କରୁଛେ, କେବେ ଚେଷ୍ଟା କରିଛେ କି ନିରବତାର ସ୍ୱର ଶୁଣିବା ପାଇଁ ? କୁହାଯାଏ ନିରବତାର ଗଭୀରତାରେ ଲୁଚି ରହିଥାଏ ଈଶ୍ୱରଙ୍କ ସ୍ୱର। ତାକୁ ଶୁଣିବା ପାଇଁ କେବେ ଚେଷ୍ଟା କରିଛେ କି ? ସେଥିପାଇଁ ତ ମୁନିଋଷିମାନେ ସହରର ଚାକଚକ୍ୟ ଓ ଶବ୍ଦ ଆଡ଼ମ୍ବର ଛାଡ଼ି ସୁଦୂର ବଣ ଜଙ୍ଗଲ ଓ ପାହାଡ଼ ପର୍ବତର ଗହ୍ୱର ଭିତରେ ବସି ଈଶ୍ୱର ପ୍ରାପ୍ତି ପାଇଁ ଧ୍ୟାନସ୍ଥ ହୁଅନ୍ତି। ସେଥିପାଇଁ ପ୍ରଦୂଷଣମୁକ୍ତ ହୋଇ ସୁସ୍ଥ ଶରୀର ରଖିବା ସହିତ ଦୀର୍ଘଜୀବୀ ହୁଅନ୍ତି, ପ୍ରଜ୍ଞା ପ୍ରାପ୍ତ ହୁଅନ୍ତି। ସହର ଓ ସହରତଳିଗୁଡ଼ିକରେ ଯନ୍ତ୍ରପାତି ମାଧ୍ୟମରେ ଉଚ୍ଚ ଶବ୍ଦ ସୃଷ୍ଟିକରିବା ଏକ ଆଭିଜାତ୍ୟ ବୋଲି ମନେକରନ୍ତି। ଏହା ମୁଖ୍ୟତଃ ମଧ୍ୟବିତ୍ତ, ଉଚ୍ଚମଧ୍ୟବିତ୍ତ ଓ ଧନୀକ ଶ୍ରେଣୀ ବ୍ୟକ୍ତିମାନଙ୍କ ପାଖରେ ଦେଖାଯାଏ। ସବୁକଥାରେ ବାଣ, ବାଜା ନହେଲେ ଚଳେନା। ତାହା ପୁଣି ଉଚ୍ଚ ଶବ୍ଦରେ। ଆମର ବାହାଘର ଓ ଭୋଜି ଘରେ ବାଣ ଓ ବାଜାର ରୋଷଣୀ ହୁଏ। ତାହା ପୁଣି ସାଧାରଣ ଭାବେ ନୁହେଁ, କାନକୁ ତାବଦା କଲାଭଳି ଉଚ୍ଚ ଶବ୍ଦ ସୃଷ୍ଟି କରୁଥିବା ଡିଜେ ସାଉଣ୍ଡରେ ଓ ବୋମା ଫୁଟିବା ଭଳି ବାଣରେ। ଜନ୍ମ ଦିନରେ ବାଜାବାଣ, ବ୍ରତ ଘରେ ବାଜାବାଣ, ବିବାହରେ ବାଜାବାଣ, ନିର୍ବାଚନ ଜିତିଲେ ବାଜାବାଣ, ଶୋଭାଯାତ୍ରାରେ ବାଜାବାଣ, ନେତାଙ୍କୁ ସଂଖୋଳିବାରେ ବାଜାବାଣ, ପୂଜା ପାର୍ବଣରେ ବାଜାବାଣ ସବୁଠି ଉଚ୍ଚ ଶବ୍ଦ। ଦୀପାବଳୀ ଦିନ ଗ୍ରାମାଞ୍ଚଳ ଠାରୁ ଆରମ୍ଭ କରି ସହରାଞ୍ଚଳ ପର୍ଯ୍ୟନ୍ତ ଉଚ୍ଚ ଶବ୍ଦରେ ଯେଭଳି ବାଣ ଫୁଟାଯାଏ ତାହା କେବଳ ମଣିଷକୁ ନୁହେଁ ଗୃହପାଳିତ ପଶୁପକ୍ଷୀଙ୍କୁ ମଧ୍ୟ ଆତଙ୍କିତ କରିପକାଏ। ଦେଖାଯାଇଛି ଯଦି କୌଣସି ଗଛ ମୂଳେ ବିସ୍ଫୋରଣ କଲା ଭଳି ବାଣ ଫୁଟାଯାଏ ତେବେ ସେ ଗଛର ପତ୍ରଗୁଡ଼ିକ ଝାଉଁଳି ପଡ଼ନ୍ତି। କାରଣ ସେମାନେ ମଧ୍ୟ ଉଚ୍ଚଶବ୍ଦର ସହିବାର ଶକ୍ତିକୁ ହରାଇ ବସିଥାନ୍ତି। ଶବ୍ଦକୁ ଭଲ ପାଉ ନଥିବା ଲୋକମାନଙ୍କ କଥା ସେତେବେଳେ ସମସ୍ତେ ଭୁଲି ଯାଇଥାନ୍ତି। ସଂଗୀତ ପ୍ରତି ସାଧାରଣତଃ ଲୋକମାନଙ୍କ ଆଗ୍ରହ ଥାଏ। କିନ୍ତୁ ଯେଭଳି ଭାବେ ଉଚ୍ଚ ଶବ୍ଦ ପ୍ରଦୂଷଣ କରୁଥିବା ଯନ୍ତ୍ରପାତି ମାଧ୍ୟମରେ ସଂଗୀତ ପରିବେଷଣ କରାଯାଉଛି ତାହା ଆନନ୍ଦ ଅପେକ୍ଷା ବିରକ୍ତି ଭାବ ଉଦ୍ରେକ କରୁଛି ଏବଂ କାନକୁ ଅସୁଖକର ଲାଗୁଛି।

ଏବେ ସହରମାନଙ୍କରେ ଯାନବାହନ ଚଳାଚଳ ଦ୍ରୁତ ଗତିରେ ବୃଦ୍ଧି ପାଇବାରେ ଲାଗିଛି। କାର, ଟ୍ରକ, ଟ୍ରାକ୍ଟର, ବସ୍, ମିନି ବସ, ମଟର ସାଇକେଲ, ସ୍କୁଟର ଇତ୍ୟାଦି ଯାନବାହାନଗୁଡ଼ିକ ହର୍ଣ୍ଣ ବଜେଇବା ଠାରୁ ଆରମ୍ଭ କରି ଯାନବାହନ ଚାଲିବାର ଶବ୍ଦ, ଆକାଶରେ ଅତି ପାଖରେ ଉଡୁଥିବା ଜେଟ ପ୍ଲେନ୍, ହେଲିକ୍ୟାପଟର, ମନ୍ଦିର, ମସଜିଦ୍‌ରେ ବାଜୁଥିବା ଲାଉଡ ସ୍ପିକର ଇତ୍ୟାଦି ପରିବେଶକୁ ଆହୁରି ଉତ୍କଟ କରୁଛି। ଶିଳ୍ପାଞ୍ଚଳଗୁଡ଼ିକରେ ଶବ୍ଦ ନିୟନ୍ତ୍ରଣ ସୀମା ୭୫ ଡେସିବେଲ ରହିଥିବା ବେଳେ ଏହା ୧୧୫ ଠାରୁ ଅଧିକ ରହୁଛି। ଫଳରେ ସେ ଅଞ୍ଚଳରେ ବସବାସ କରୁଥିବା ଜନଜୀବନ ଅସ୍ତବ୍ୟସ୍ତ ହେବା ସହ ବିଭିନ୍ନ ପ୍ରକାର ମାନସିକ ଓ ଶାରୀରିକ ରୋଗରେ ପୀଡ଼ିତ ହୁଅନ୍ତି। ଘରେ ମଧ୍ୟ ଫୁଡ଼୍ ମିକ୍ସର, ଗ୍ରାଇଣ୍ଡର, ଭକ୍ୟୁମ୍‌କୁଲର, ୱାସିଙ୍ଗ ମେସିନ, ଏସି, ଟିଭି, ଆଇପଡ୍ସ, ଇୟରଫୋନ, ଦୀର୍ଘ ସମୟ ଧରି କୁକୁର ଭୋକିବା ଆଦିରୁ ସ୍ପଷ୍ଟ ଶବ୍ଦ ମଧ୍ୟ ଶବ୍ଦ ପ୍ରଦୂଷଣର ଅନ୍ୟତମ କାରଣ। ସେହିପରି ସହରଗୁଡ଼ିକରେ ଦିନରାତି ଲାଗି ବହୁତଳ ପ୍ରାସାଦ ନିର୍ମାଣରେ ବ୍ୟବହୃତ ଯନ୍ତ୍ରପାତିରୁ ଯେଉଁ ଶବ୍ଦ ସୃଷ୍ଟି ହୁଏ ତାହା ମଧ୍ୟ ଅତ୍ୟନ୍ତ ଅସହ୍ୟକର। ଖାଲି ସ୍ଥଳ ଭାଗରେ ନୁହେଁ, ଜଳ ଭାଗରେ ମଧ୍ୟ ବ୍ୟବହୃତ ଟ୍ରଲର, ସବ୍‌ମ୍ୟାରିନ୍ ଓ ବୁଡ଼ାଜାହାଜରୁ ନିର୍ଗତ ହେଉଥିବା ଶବ୍ଦ ଦ୍ୱାରା ଜଳଜୀବମାନେ ଆଘାତ ପ୍ରାପ୍ତ ହୁଅନ୍ତି। ଏପରିକି ଅସହ୍ୟ ଶବ୍ଦ ଯୋଗୁ ତିମି ଭଳି ବିରାଟକାୟ ମାଛମାନେ ମଧ୍ୟ ମରିଯାଉଥିବା ନଜିର ରହିଛି। ଶବ୍ଦ ପ୍ରଦୂଷଣ ଶରୀର ଉପରେ ଅନେକ କୁପ୍ରଭାବ ପକେଇଥାଏ। ଏହା ମାନସିକ ସ୍ତରେ ଚାପ ସୃଷ୍ଟି କରିବା ସହ ଉଦ୍‌ବେଗ ଓ ନିଦ୍ରାହୀନତାର କାରଣ ହୋଇଥାଏ। କାନକୁ ଶୁଣା ନଯିବା, ଭଲ କଥା ନକହିପାରିବା, ଉତ୍ତମ ପ୍ରଯୋଜନ ଶକ୍ତି ହରାଇବା, ଉଚ୍ଚରକ୍ତଚାପ ବଢ଼ାଇବା ଓ ହୃଦ୍‌ରୋଗର ମଧ୍ୟ କାରଣ ହୋଇଥାଏ। ସେଥିପାଇଁ ଚିକିତ୍ସାଳୟ, ବିଚାରାଳୟ, ଛୋଟ ପିଲାଙ୍କ ସ୍କୁଲ, ବାସୋପଯୋଗୀ ଅଞ୍ଚଳରେ ଉଚ୍ଚ ଶବ୍ଦ ବ୍ୟବହାରର ବାରଣ ଅଛି। ସେଥିପାଇଁ ମଧ୍ୟ ଭାରତ ସରକାର ପରିବେଶ ସୁରକ୍ଷା ଆଇନ ପ୍ରଣୟନ କରିଛନ୍ତି। ଏହାକୁ ଯେଉଁମାନେ ଭଙ୍ଗ କରିବେ ସେମାନଙ୍କୁ ଏକ ଲକ୍ଷ ଟଙ୍କା ଜରିମାନାରେ ଦଣ୍ଡିତ କରିବା ସହ ଜାମିନବିହୀନ ଗିରଫ କରିବା ସହ ପାଞ୍ଚ ବର୍ଷ ପର୍ଯ୍ୟନ୍ତ ଜେଲ ଦଣ୍ଡାଦେଶ ରହିଛି। ଅଥଚ ଜନସଚେତନତାର ଅଭାବରୁ ତାହା କାର୍ଯ୍ୟକାରୀ ହୋଇପାରୁ ନାହିଁ। ଭାରତୀୟ ନାଗରିକମାନେ ଆଇନ କାନୁନ୍‌କୁ ଡରନ୍ତି ସିନା କିନ୍ତୁ ତାକୁ ସମ୍ମାନ ଦେଇ ନିଜକୁ ପରିବର୍ତ୍ତନ କରନ୍ତି ନାହିଁ। ଫଳରେ ଦେଖାଯାଇଛି ବଡ଼ ବଡ଼ ସହରମାନଙ୍କରେ ମାନସିକ ରୋଗୀ ବଢ଼ିବା ସହ ଆତ୍ମହତ୍ୟା ପ୍ରବଣତା ବୃଦ୍ଧି ପାଇଛି। ଏଥିରୁ ଦିଲ୍ଲୀ, ବମ୍ବେ, ଲକ୍ଷ୍ନୌ, କଲିକତା, ବେଙ୍ଗୁଲୁର ପ୍ରଭୃତି ସହର ବାଦ୍ ପଡ଼ିନାହାନ୍ତି। ଏବେ ସମୟ ଆସିଛି ଶବ୍ଦ ପ୍ରଦୂଷଣ ପ୍ରତି ଆମେ ଜନସଚେତନତା ବଢ଼ାଇବା ଓ ଅଯଥା ଉଚ୍ଚ ଶବ୍ଦ ସୃଷ୍ଟି କରି ଦେଶକୁ ପାଗଳାମୀ ଆଡ଼କୁ ନ ଠେଲିଦେବା।

# ହାରିବା ଭୟରେ ନିର୍ବାଚନୀ ହିଂସା କରୁଛି ବିଜେପି:ପ୍ରଣବ



**ଭୁବନେଶ୍ୱର(ପରମେଶ୍ୱର ଦାଶ):-** ବିଜେଡି ସବୁ ବେଳେ ଅହିଂସାରେ ବିଶ୍ୱାସ କରେ ଏବଂ ଶାନ୍ତିପୂର୍ଣ କରେ ଏବଂ ଶାନ୍ତିପୂର୍ଣ୍ ନିର୍ବାଚନ ଦ୍ୱାରା ହିଁ ଗଣତନ୍ତ୍ରକୁ ସୁଦୃଢ କରାଯାଇ ପାରିବ ବୋଲି ବିଜେଡି ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ଏବଂ ଦଳର ସାଂଗଠନିକ ସମ୍ପାଦିକ ପ୍ରଣବ ପ୍ରକାଶ ଦାସ କହିଛନ୍ତି। ନିର୍ବାଚନୀ ହିଂସାକୁ ନେଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଟୁଇଟର ଜବାବ ଦେଇ ଶ୍ରୀଦାସ କହିଛନ୍ତି ଯେ ଦୁଃଖ ର କଥା ହେଉଛି ଓଡିଶାର ପ୍ରମୁଖ ବିରୋଧୀ ବିଜେପି ଚଳିତ ପଚାୟତ ନିର୍ବାଚନରେ ହାରିବା ଭୟରେ ନିର୍ବାଚନୀ ହିଂସା କରୁଛି। ବିଜେପି ବିଧାୟକ ଜୟନାରାୟଣ ମିଶ୍ର ସରକାରୀ କର୍ମଚାରୀଙ୍କୁ ଧମକାଉଛନ୍ତି। ବିଜେପି ନେତା ଓ କର୍ମୀମାନେ ଗଜପତି ବିଜେଡି ଜିଲ୍ଲା ପରିଷଦ ପ୍ରାର୍ଥୀଙ୍କୁ ଆକ୍ରମଣ କରି ରକ୍ତାକ୍ତ କରିଛନ୍ତି। କୋରାପୁଟ ସାଲେପୁର ବିଜେପି ସାଂସଦ ଜୁଏଲ ଓରାମ ଜଣେ ମହିଳାଙ୍କ ସହ ଅସଦାଚରଣ କରିବା ଓ କେନ୍ଦ୍ର ମନ୍ତ୍ରୀ ଶ୍ରୀ ବିଶେଶ୍ୱର ଟୁଡୁ ସରକାରୀ କର୍ମଚାରୀଙ୍କ ଉପରେ ଆକ୍ରମଣ କରି ତାଙ୍କ ହାତ ଭାଙ୍ଗି ଦେବା ଭଳି ଘଟଣା ବିଜେପିର ହିଂସା ପ୍ରବଣତାକୁ ଦର୍ଶାଇ ଥିଲା ବିଜେଡି ଆଶା କରୁଛି ଯେ ବିଜେପି ହିଂସାର ନିବୃତ୍ତ ରହି ଏହି ଗଣତନ୍ତ୍ରର ପୂର୍ବକୁ ଅହିଂସା ଦ୍ୱାରା ସୁଦୃଢ କରିବ ବୋଲି ଶ୍ରୀଦାସ କହିଛନ୍ତି।

# ଝାରସୁଗୁଡାରେ ଟଙ୍କା ଦେଇ ଭୋଟ୍ କିଣିବାକୁ ପ୍ରାର୍ଥୀଙ୍କ ଉଦ୍ୟମ

**ଝାରସୁଗୁଡା(ସଂପର୍କବାର୍ତ୍ତା):-**ଭୋଟ୍ ପୂର୍ବରୁ ବିଭିନ୍ନ ସ୍ଥାନରେ ଚାଲିଛି ଟଙ୍କା କାରବାର। ନିଜ ସପକ୍ଷରେ ଭୋଟ୍ ନେବା ପାଇଁ ପ୍ରାର୍ଥୀ ଭୋଟରଙ୍କୁ ଟଙ୍କା ବାଣ୍ଟୁଛନ୍ତି। ବିଭିନ୍ନ ସ୍ଥାନରୁ ଏପରି ଭିଡିଓ ଏବେ ଭାଇରାଲ ହେବାରେ ଲାଗିଛି। ଝାରସୁଗୁଡା ଜିଲ୍ଲା କୁସରାଲୋର ଗ୍ରାମ ପଂଚାୟତର ଏକ ଭିଡିଓ ଭାଇରାଲ ହେଉଛି। ଘରକୁ ଘର ବୁଲି ଟଙ୍କା ବାଣ୍ଟୁଛନ୍ତି ସମିତିସଭ୍ୟ ପ୍ରାର୍ଥୀ ଦମୟନ୍ତୀ ସା ଟଙ୍କା ଦେବା ବେଳେ ଏହି ମହିଳା ପ୍ରାର୍ଥୀ ତାଙ୍କୁ ଭୋଟ ଦେବା ପାଇଁ କହୁଛନ୍ତି। ତାଙ୍କ ସହ କିଛି ସମର୍ଥନ ମଧ୍ୟ ଥିବା ଭିଡିଓରେ କଏଦ ଘରକୁ ଘର ବୁଲି ଟଙ୍କା ବାଣ୍ଟଛନ୍ତି ସମିତିସଭ୍ୟ ପ୍ରାର୍ଥୀ ଦମୟନ୍ତୀ ସା ଟଙ୍କା ଦେବା ବେଳେ ଏହି ମହିଳା ପ୍ରାର୍ଥୀ ତାଙ୍କୁ ଭୋଟ୍ ଦେବା ପାଇଁ କହୁଛନ୍ତି। ତାଙ୍କ ସହ କିଛି ସମର୍ଥକ ମଧ୍ୟ ଥିବା ଭିଡିଓରେ କଏଦ ଘରକୁ ଘର ବୁଲି ଟଙ୍କା ବାଣ୍ଟୁଛନ୍ତି ସମିତିସଭ୍ୟ ପ୍ରାର୍ଥୀ ଦମୟନ୍ତୀ ସା ଟଙ୍କା ଦେବା ବେଳେ ଏହି ମହିଳା ପ୍ରାର୍ଥୀ ତାଙ୍କୁ ଭୋଟ ଦେବା କହୁଛନ୍ତି। ତାଙ୍କ ସହ କିଛି ସମର୍ଥକ ମଧ୍ୟ ଥିବା ଭିଡିଓରେ କଏଦ ହୋଇଛି।




# ନିର୍ବାଚନରେ ବଣ୍ଟା ହେଉଛି ମଦ, ମାଂସ-ସୁର



**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ପଂଚାୟତ ନିର୍ବାଚନରେ ହେଉଥିବା ହିଂସା କାଣ୍ଡକୁ ନେଇ କଂଗ୍ରେସ ବିଧାୟକ ସୁର ରାଉତରାୟଙ୍କୁ ସାମ୍ବାଦିକ ସମ୍ମିଳନୀ ସରକାରଙ୍କ ବିରୋଧରେ ଅଭିଯୋଗ ଆଣିଲା କଂଗ୍ରେସ ସାମ୍ବାଦିକ ସମ୍ମିଳନୀରେ ସୁର ରାଉତରାୟ କହିଛନ୍ତି ଯେ, ସରକାର ନିର୍ବାଚନ କମିଶନର କଟକଣା ମାନୁ ନାହାଁନ୍ତି। ବୁଧବାର କଣାସ, କୃଷ୍ଣପ୍ରସାଦ ବାଲେଶ୍ୱର ସବୁଠି ନିର୍ବାଚନ ହିଂସା ହୋଇଛି। ଏପରିକି ୨ଜଣ ସାମ୍ବାଦିକଙ୍କୁ ମାଡ ହୋଇଛି। ଏହି ଘଟଣାକୁ ନେଇ କଂଗ୍ରେସ ମର୍ମାହାତ। ବିଧାୟକ ସୁର ରାଉତରାୟ କହିଛନ୍ତି ଯେ ଏମିତି ହୋଇଛି ନିର୍ବାଚନ କମିଶନର ଗାଁକୁ ଗଲେ ବି ମାଡ ଖାଇବେ। ଗାନ୍ଧୀ ଗୋପବନ୍ଧୁ ଥିଲେ ନିର୍ବାଚନ ଲଢିବା ଦୂର କଥା ନୋମିନେସନ କରିପାରି ନଥାନ୍ତେ। ଶାସକ ଦଳ ନିର୍ବାଚିତ ପ୍ରତିନିଧିଙ୍କୁ କାମ କରିବାକୁ ସୁଯୋଗ ଦେଉ ନିର୍ବାଚନରେ ମଦ ଓ ମାଂସ ବଣ୍ଟା ହୋଉଛି। ପୋଲିସ ଡିଜି କଣ କରୁଛନ୍ତି ? ଏଥିପାଇଁ ବିଜେପି ବିଜେଡି ଦାୟୀ ମତଦାନ ବେଳେ କୃଷ୍ଣ ପ୍ରସାଦ ବ୍ରହ୍ମଗିରିରେ ଭୋଟ ଅପହରଣ ବୋମମାଡ ଘଟଣାରୁ ସ୍ପଷ୍ଟ ହେଉଛି ଯେ, ମୁଖ୍ୟମନ୍ତ୍ରୀ ଗଣତନ୍ତ୍ରକୁ ହତ୍ୟା କରିଛନ୍ତି। ସେହି ପରି ଲିଙ୍ଗରାଜଙ୍କ ଜମିକୁ ନେଇ ସୁର କହିଛନ୍ତି ଯେ, ନବୀନ ବାବୁଙ୍କ ଘର ପଛ ପଟେ ବିରାଟ ହୋଟେଲ ନିର୍ମାଣ ପାଇଁ ଯୋଜାନା ହେଉଛି। ଲିଙ୍ଗରାଜ ଜମି ହଡପ ଜମି ହଡପ ପାଇଁ ଯୋଜନା ଚାଲିଛି। ମାମାଲା ସେହିପରି ଲିଙ୍ଗରାଜଙ୍କ ଜମିକୁ ନେଇ ସୁର କହିଛନ୍ତି ଯେ, ନବୀନ ବାବୁଙ୍କୁ ଘର ପଛ ପଟେ ବିରାଟ ହୋଟେଲ ନିର୍ମାଣ ପାଇଁ ଯୋଜନା ହେଉଛି। ଲିଙ୍ଗରାଜ ଜମି ହଡପ ପାଇଁ ଯୋଜାନା ଚାଲିଛି। ମାମଲା ସୁପ୍ରିମକୋର୍ଟରେ ଥିବା ବେଳେ କୋର୍ଟ ଏଥିପାଇଁ ଅନୁମତି ଦେଇଛନ୍ତି । ଲିଙ୍ଗରାଜ ଜମି ହଡପ ପାଇଁ ଯୋଜନା ଚାଲିଛି। ମାମଲା ସୁପ୍ରିମକୋର୍ଟରେ ଥିବା ବେଳେ କୋର୍ଟ ଏଥିପାଇଁ ଅନୁମତି ଦେଇଛନ୍ତି। ପୁନର୍ବଚର ପାଇଁ ଆମେରିଭ୍ୟୁ ପିଟିସନ୍ କରିବୁ।

# ଶିଶୁ ସାହିତ୍ୟିକ ରାମକୃଷ୍ଣ ନନ୍ଦଙ୍କ ୧୧୬ତମ ଜୟନ୍ତୀ ପାଳିତ



**ଜଗତସିଂହପୁର(ପବିତ୍ର କୁମାର ଦାଶ):-** ଅନନ୍ୟ ଶିଶୁ ସାହିତ୍ୟିକ ରାମକୃଷ୍ଣ ନନ୍ଦଙ୍କ ୧୧୬ ତମ ଜୟନ୍ତୀ ଆଜି ସ୍ଥାନୀୟ ସାନବଜାର ଠାରେ ଜଗତସିଂହପୁର ସାରସ୍ୱତ ପରିଷଦ ପକ୍ଷରୁ ପାଳିତ ହୋଇଯାଇଛି। ପରିଷଦର ସଭାପତି ଅଧ୍ୟାପକ ହିମାଂଶୁ ଆଚାର୍ଯ୍ୟ ଏଥିରେ ସଭପତିତ୍ୱ କରି ସର୍ଗତ୍ ରାମକୃଷ୍ଣ ନନ୍ଦ 'ଆହେ ଦୟାମୟ ବିଶ୍ୱ ବିହାରୀ'ର ସ୍ରଷ୍ଟାଭାବେ ଓଡିଆ ଜନମାନସରେ କାଳକାଳକୁ ସ୍ମରଣୀୟ ହୋଇ ରହିବେ ବୋଲି କହିଥିଲେ। ସେହିପରି ଆଇ.ଡି.ଏଫ୍.ସି.ର ବରିଷ୍ଠ ଅଧିକାରୀ ପ୍ରକାଶ କୁମାର ସ୍ୱାଇଁ ତାଙ୍କ ବକ୍ତବ୍ୟରେ ଜଣେ ଅନନ୍ୟ ଶିଶୁ ସାହିତ୍ୟିକ ଭାବେ ରାମକୃଷ୍ଣ ନନ୍ଦଙ୍କର ନିଆରା ପରିଚୟ ରହିଛି ବୋଲି ମତ ଦେଇଥିଲେ। ସେହିପରି ଆଇନଜୀବୀ ଯୋଗଜନ୍ମା ଚାନ୍ଦ ଓ ଅଜୟ କୁମାର ରାଉତ ଆଲୋଚନାରେ ଭାଗନେଇ ଏବର ଶିଶୁ ସାହିତ୍ୟିକମାନେ ସ୍ୱର୍ଗତ ନନ୍ଦଙ୍କର ଆଦର୍ଶରେ ଅନୁପ୍ରାଣିତ ହୋଇ ଶିଶୁଙ୍କ ମନଛୁଇଁଲା ଭଳି କବିତା, ଗଳ୍ପ ଲେଖିଲେ ତାହା ସମସ୍ତଙ୍କ ଦ୍ୱାରା ଆଦୃତ ହୋଇପାରିବ ବୋଲି ମତପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ମଧୁସୂଦନ ଖୁଣ୍ଟିଆ, ପ୍ରଦ୍ୟୁମ୍ନ କୁମାର ସାହୁ, ଜଗନ୍ନାଥ ଦାସ ଓ ଧନେଶ୍ୱର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ପ୍ରତାପ କୁମାର ବେହେରା ଧନ୍ୟବାଦ ଦେଇଥିଲେ।

# ସ୍ୱାମୀଙ୍କୁ ଖୋଜିବାକୁ ଯାଇ ମହିଳା ନିଖୋଜ




**ରାୟପୁର(ସଂପର୍କବାର୍ତ୍ତା):-** ମାଓବାଦୀଙ୍କ ଦ୍ୱାରା ଅପହୃତ ଇଞ୍ଜିନିୟର ସ୍ୱାମୀଙ୍କୁ ଖୋଜିବାକୁ ଯାଇ ମହିଳା ନିଖୋଜ ହୋଇଯାଇଛନ୍ତି। ଛତିଶଗଡ ରାଜଧାନୀ ରାୟପୁରରେ ଘଟିଛି ଏହି ଘଟଣା ଗତ ୧୧ତାରିଖରେ ମାଓବାଦୀମାନେ କାର୍ଯ୍ୟରତ ଇଞ୍ଜିନିୟର ଅଶୋକ ପାଓାରା ଏବଂ ସହକର୍ମ ଆନନ୍ଦ ଯାଦବଙ୍କୁ ଅପହରଣ କରି ନେଇଥିଲେ। ଏହାର ସୂଚନା ପାଇ ଅଶୋକଙ୍କ ସ୍ତ୍ରୀ ସୋନାଲି ପାଓାର ସ୍ୱାମୀଙ୍କୁ ମୁକ୍ତ କରିବା ଲାଗିମାଓାବାଦୀ ନ ଛାଡିବା ପରେ ସୋନାଲି ନିଜେ ସ୍ୱାମୀଙ୍କୁ ଉଦ୍ଧାର କରିବା ପାଇଁ ଅଢେଇ ବର୍ଷର ଝିଅକୁ ସାଥିରେ ନେଇ ବାହାରିପଡିଥିଲେ ବିଜାପୁର -ନାରାୟଣପୁର ଜିଲ୍ଲା ଅନ୍ତର୍ଗତ ଅବୁଝମଦ ଘଂଚ ଜଙ୍ଗଲ ମଧ୍ୟକୁ । ବିଜାପୁର ଜିଲ୍ଲା ଇନ୍ଦ୍ରାବତୀ ବ୍ରିଜ୍ ନିର୍ମାଣ କାର୍ଯ୍ୟ କରୁଥିବା ଏକ ଘରୋଇ ସଂସ୍ଥାରେ ଦୁହେଁ କାର୍ଯ୍ୟ କରୁଥିଲେ। ମାଓ ବାଦୀମାନେ ସେମାନଙ୍କର କୌଣସି କ୍ଷତି କରି ନଥିବା ଜଣାପଡିଛି। ମାଓବାଦୀ ମଙ୍ଗଳବାର ଅଶୋକ ଓ ଆନନ୍ଦଙ୍କୁ ଛାଡିବା ବେଳେ ସେମାନଙ୍କୁ ୨-୨ହଜାର ଟଙ୍କା ଦେଇଥିବାପୋଲିସଙ୍କୁ କହିଛନ୍ତି ଆନନ୍ଦ। ବର୍ତ୍ତମାନ ବିଜାପୁର କୁଟରୁରେ ଦୁହିଁଙ୍କୁ ରଖାଯାଇଥିବା ସ୍ଥାନୀୟ ଏଏସପି ପଙ୍କଜ ଶୁକ୍ଳା କହିଛନ୍ତି। ବର୍ତ୍ତମାନ ସୁଦ୍ଧା ସୋନାଲି ଓ ତାଙ୍କ ଝିଅଙ୍କ କୌଣସି ପତ୍ତା ମିଳୁ ନ ଥିବାବେଳେ ଖୁବ୍‌ଶୀଘ୍ର ସେ ସ୍ୱାମୀଙ୍କୁ ଭେଟିବା ପାଇଁ କୁଟରୁ ଆସିବେ ବୋଲି କହିଛନ୍ତି ପୋଲିସ ଅଧିକାରୀ। ସୋନାଲିଙ୍କର ଦୁଇ ଝିଅ ଥିବାବେଳେ ସାନ ଝିଅଙ୍କ ନେଇ ସେ ସ୍ୱାମୀଙ୍କ ଖୋଜିବା ପାଇଁ ଜଙ୍ଗଲକ ଯାଇଥିବାବେଳେ ବଡ ଝିଅ ତାଙ୍କ ପରିବାର ସହ ଅଛନ୍ତି।


# ମୃତ ବାଲ୍ୟବନ୍ଧୁର ପରିବାରକୁ ୫୦ହଜାର ଟଙ୍କା ସହାୟତା

**ଜଗତସିଂହପୁର(ସଂପର୍କବାର୍ତ୍ତା):-** ବିପଦ ବେଳର ବନ୍ଧୁ ହିଁ ପ୍ରକୃତ ବନ୍ଧୁ ତାହାର ପ୍ରମାଣ କରି ରଘୁନାଥପୁର ପୂର୍ଣ୍ଣଚନ୍ଦ୍ର ବିଦ୍ୟାମନ୍ଦିରର ୧୯୮୩ ବ୍ୟାଚର ଛାତ୍ର କୃଷ୍ଣଚନ୍ଦ୍ର ଜେନାଙ୍କ ଅକାଳ ବିୟୋଗରେ ତାଙ୍କର ପରିବାରକୁ ସହପାଠୀ ମାନେ ପଚାଶ ହଜାର ଟଙ୍କା ଆର୍ଥିକ ସହାୟତା ଯୋଗାଇ ଦେଇ ଏଅଂଚଳରେ ବହୁ ପ୍ରଂଶସାର ଅଧିକାରୀ ହୋଇଛନ୍ତି। ଆଜି ସ୍ୱର୍ଗତଃ ଜେନାଙ୍କ ଏକାଦଶାହ ଉପଲକ୍ଷେ ଅନୁଷ୍ଠିତ ଶୋକସଭାରେ ଅଶୋକ କୁମାର ମୁଦୁଲି, ପ୍ରିଣ୍ଟେକ ଅଫସେଟର ପରିଚାଳନା ନିର୍ଦ୍ଦେଶକ ବୃନ୍ଦାବନ ବେହେରା, ଶ୍ରୀମନ୍ତ କେଶରୀ ସ୍ୱାଇଁ, ସୁବ୍ରତ କୁମାର ସାହୁ, ସାନ୍ତୁନୁ ସାମନ୍ତ, ରମେଶଚନ୍ଦ୍ର ସାହୁ, ସୁବ୍ରତ ନାୟକ, ବସନ୍ତ ଦାସ, ବାବୁଲି ସେଠି, ସୁରେନ୍ଦ୍ର ନାଥ ଦାସ, ରବି ମହାନ୍ତି, ନଟବର ବେହେରା, ସନାତନ ସ୍ୱାଇଁ ପ୍ରମୁଖ ଯୋଗଦେଇ ତାଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଜଣାଇବା ସହିତ ଶୋକ ସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇ ଉକ୍ତ ଆର୍ଥିକ ସହାୟତା ଯୋଗାଇ ଦେଇଛନ୍ତି।



# ୫୩ନଂ ୱାର୍ଡ଼ର ସମସ୍ତଙ୍କର ଅତିପ୍ରିୟ ଭାଜନ ଅରବିନ୍ଦ ଜେନା

**କଟକ(ସଂପର୍କବାର୍ତ୍ତା):-** ଯୁବ ସମାଜସେବୀ ଶ୍ରୀଅରବିନ୍ଦ ଜେନା ବିଜୁ ଜନତା ଦଳର ଜଣେ ସକ୍ରିୟ କର୍ମୀ। ବିଜେଡ଼ି ସଭାପତି ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକତ ନବୀନ ପଟ୍ଟନାୟଙ୍କ ଆଦର୍ଶରେ ଏବଂ ଚୌଦ୍ୱାର-କଟକ ପ୍ରାକ୍ତନ ବିଧାୟକ ଡକ୍ଟର ପ୍ରଭାତ ରଞ୍ଜନ ବିଶ୍ୱାଳଙ୍କ ଜନହିତକର କାର୍ଯ୍ୟକୁ ପାଥେୟ କରି ଶ୍ରୀ ଜେନା କଟକର ୫୩ ନଂ ୱାର୍ଡ଼ର ସମସ୍ତ ସାହି, ବସ୍ତି ଅଞ୍ଚଳର ଜନସାଧାରଣଙ୍କର ମୌଳିକ ସମସ୍ୟାକୁ ସମାଧାନ କରିବା ନିମନ୍ତେ ଦିନରାତି ଅହରହ ଉଦ୍ୟମ ଜାରି ରଖିଛନ୍ତି। ବିଜେଡ଼ିର ସୁପ୍ରିମ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ ଦ୍ୱାରା କରାଯାଇଥିବା ବିଭିନ୍ନ ଯୋଜନା କିପରି ଲୋକମାନଙ୍କ ପାଖରେ ପହଞ୍ଚିପାରିବ ସେଥିପ୍ରତି ତାଙ୍କ ସଂଗ୍ରାମ ଅତୁଳନୀୟ। ଏଥିପାଇଁ ୫୩ନଂ ୱାର୍ଡ଼ର ମୁରବି, ମହିଳା, ଯୁବକ, ଛାତ୍ରଙ୍କ ସହିତ ବସ୍ତି ଅଞ୍ଚଳର ଜନସାଧାରଣଙ୍କର ଅତିପ୍ରିୟ ଭାଜନ ହୋଇପାରିଥିବାରୁ ଚଳିତ କଟକ ମହାନଗର ନିଗମ ନିର୍ବାଚନରେ ୫୩ନଂ ୱାର୍ଡ଼ରୁ ବିଜେଡ଼ି ପକ୍ଷରୁ ଶ୍ରୀ ଜେନାଙ୍କୁ ପ୍ରାର୍ଥୀ ଭାବରେ ମନୋନିତ କରାଯାଉଥିବା ବିଶେଷ କର ବିଜେଡ଼ି ଅନ୍ଦର ମହଲରୁ ସୂଚନା ମିଳୁଛି।



# ମନ୍ତ୍ରୀ ପ୍ରତାପ ଦେଉଛନ୍ତି ଭୋଟ

**ନିଶ୍ଚିନ୍ତକୋଇଲି(ସଂପର୍କବାର୍ତ୍ତା):-** କଟକ ଜିଲ୍ଲା ମାହାଙ୍ଗା ନିର୍ବଚାନ ମଣ୍ଡଳୀରେ ପଂଚାୟତ ନିର୍ବାଚନରେ ନିଜର ମତଦାନ କରିଛନ୍ତି ପଂଚାୟତରାଜ ମନ୍ତ୍ରୀ ପ୍ରତାପ ଜେନା ସେ ମାହାଙ୍ଗାରେ ପ୍ରଥମ ଥର ପାଇଁ ପଂଚାୟତ ନିର୍ବାଚନରେ ନିଜର ମତଦାନ ଅଧିକାର ସାବ୍ୟସ୍ତ କରିଛନ୍ତି। ପୂର୍ବରୁ ସେ କଟକ ମହାନଗର ନିଜର ଭୋଟ ଦେଇ ଆସୁଥିଲେ। ମାହାଙ୍ଗା ଜଳେଶ୍ୱରପୁର ପଂଚାୟତ ୧୧ନମ୍ବର ବୁଥରେ ନିଜ ପରିବାର ସହ ମତଦାନ କରିଛନ୍ତି। ପ୍ରତାପ ଜେନାଙ୍କ ସହ ସ୍ତ୍ରୀ ଡେଜି ଜେନା, ପୁଅ ଅଙ୍କିତ ଏବଂ ଝିଅ ଐଶ୍ୱର୍ଯ୍ୟା ମଧ୍ୟ ଭୋଟ ଦେଇଛନ୍ତି। ମନ୍ତ୍ରୀଙ୍କ ବ୍ୟକ୍ତିଗତ ସହାୟକ ଉମାଶଙ୍କର ବିଶ୍ୱାଳ ମଧ୍ୟ ଏହି କେନ୍ଦ୍ରରେ ନିଜର ଭୋଟ ଦେଇଛନ୍ତି।




# କଟକ ସଦର ବ୍ଲକ ବରିଷ୍ଠ ଅଧିକାରୀଙ୍କୁ ଭୟ କରୁନି ଠିକାଦାର

**କଟକ(ସଂପର୍କବାର୍ତ୍ତା):-** ଚାଲିଛି ପଞ୍ଚାୟତ ନିର୍ବାଚନ। କଟକ ସଦର ବ୍ଲକର ମୁଖ୍ୟ ଗେଟ ନାମଫଳକକୁ ଲିଭାଇ ଦିଆଯାଇଛି। କିଏ ଓ କାହା ସ୍ୱାର୍ଥରେ ଏଭଳି କାର୍ଯ୍ୟ କରାଗଲା ଏହାକୁ ନେଇ ସାଧାରଣରେ ଆଲୋଚନା ହେଉଛି। ନିର୍ବାଚନ ସମୟରେ ବିଭିନ୍ନ ଲୋକ ବ୍ଲକକୁ ଆସୁଥିବାବେଳେ ବ୍ଲକ ନାମ ଫଳକ ନଥିବାରୁ ଅଫିସ ଖୋଜି ଖୋଜି ନ ପାଇ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଣୁ ଜିଲ୍ଲା ମୁଖ୍ୟ ନିର୍ବାଚନ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।



# କଳପଡ଼ା ପଞ୍ଚାୟତର ଆମ ବୋହୂ ଜିତିବା ଥୟ


**କଟକ(ସଂପର୍କବାର୍ତ୍ତା):-** ଆମ ଗାଁର ନାଁ ରଖିବ ପ୍ରଧାନଘରର ବୋହୂ ଚୌଦ୍ୱାର କଟକ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କୟଳପଡ଼ା ଗ୍ରାମପଞ୍ଚାୟତରେ ପ୍ରତିଥର ପରି ଏଥରକ ମଧ୍ୟ ପ୍ରଧାନ ପରିବାର ସରପଞ୍ଚ ହେବେ। କାରଣ ଶ୍ୱଶୁର ଶ୍ରୀମନ୍ତ ପ୍ରଧାନ ୪ଥର ଓ ସ୍ୱାମୀ ରଶ୍ମି ରଞ୍ଜନ ପ୍ରଧାନ (ବାପୁନି) ଥରେ ସରପଞ୍ଚ ହୋଇ ପଞ୍ଚାୟତର ବହୁ ବିକାଶ କରିଥିବାର ଦେଖାଯାଇଛି। ମଦ ବିରୋଧୀ ଅଭିଯାନରେ ସକ୍ରିୟ ଭୂମିକା ଗ୍ରହଣକରି ପଞ୍ଚାୟତରେ ମଦ ଦୋକାନ ଖୋଲାଇ ଦେଉନାହାନ୍ତି। କୋଭିଡ୍ ପରିଚ୍ଛଳନାରେ ସରପଞ୍ଚ କଲେକ୍ଟର ଭୂମିକାରେ ଅବତୀର୍ଣ୍ଣ ହୋଇ ଶ୍ରେଷ୍ଠ ସରପଞ୍ଚର ମାନ୍ୟତା ପାଇଛନ୍ତି ରଶ୍ମୀ ରଞ୍ଜନ। ତେଣୁ ଏଭଳି ଏକ ପରିବାରର ଦାୟାଦ ବନ୍ଦନା ପ୍ରଧାନଙ୍କୁ ଚଳିତ ନିର୍ବାଚନରେ ବିପୁଳ ସମର୍ଥନ ଦେଇ ଜିତାଇବାକୁ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷମାନେ ଲାଗିପଡ଼ିଛନ୍ତି।



# ବୃନ୍ଦାବନ ବିଦ୍ୟାପୀଠର ପୁରାତନ ଛାତ୍ରଛାତ୍ରୀଙ୍କ ବନ୍ଧୁ ମିଳନ




**ଜଗତସିଂହପୁର(ସଂପର୍କବାର୍ତ୍ତା):-** ଜଗତସିଂହପୁରସଦର ମହକୁମାର ମାର୍କଣ୍ଡପୁର ବଡବାଗ ଠାରେ ଥିବା ବୃନ୍ଦାବନ ବିଦ୍ୟାପୀଠର ପୁରାତନ ଛାତ୍ରଚାତ୍ରିଙ୍କ ବନ୍ଧୁ ମିଳନ ଉତ୍ସବ ବାରଙ୍ଗ ଗୋଶାଳା ଠାରେ ଅନୁଷ୍ଠିତ ହୋଇଯାଇଛି।ଏହି ଉତ୍ସବରେ ପୂର୍ବତନ ପ୍ରଧାନଶିକ୍ଷକ ରବିନ୍ଦ୍ର କୁମାର ସ୍ୱାଇଁ ,ବସନ୍ତ ମହାପାତ୍ର,ମିହିର କୁମାର ନାୟକ,ଉଦୟନାଥ ସ୍ୱାଇଁ ବୈରାଗୀ ସାହୁ ,ବୈକୁଣ୍ଠ ସାହୁ ପ୍ରମୁଖ ଯୋଗଦେଇ ଥିଲେ। ଏହି ବନ୍ଧୁମିଳନ କାର୍ଯ୍ୟକ୍ରମରେ ପୁରାତନ ଛାତ୍ରୀଛାତ୍ରୀ ମାନେ ଏକତ୍ରୀତ ହୋଇ ପରସ୍ପର ଭାବର ଆଦାନ ପ୍ରଦାନ ହେବା ସହିତ ପୂର୍ବସ୍ମୃତିକୁ ମନେପକେଇ ଖୁସି ଅନୁଭବ କରିଥିଲେ। ଏହି ବନୟଦୁ ମିଳନ କାର୍ଯ୍ୟକ୍ରମକୁ ରାଜେଶ କୁମାର ପତି,ସୁର୍ଦଶନ ସାହୁ,ବଳରାମ ବାରିକ,ପ୍ରମୋଦ ବେହେରା,ତପନ ପାଲ,ସ୍ମିତାଞ୍ଜଳୀ ମଲ୍ଲିକ,ଟୁଟୁଲାତା ସାହୁ,ସୁକାନ୍ତି ବେହେରା,ହେମିଲାତା ରାଉତ ପ୍ରମୁଖ ପରିଚ୍ଛଳନାରେ ସହାୟତା କରିଥିଲେ।



RNI Regd No : ODIODI/2016/74122

ସତ୍ୟ ଓ ତଥ୍ୟ ଭିତ୍ତିକ ସମ୍ବାଦ

# ସଂପର୍କବାର୍ତ୍ତା

SAMPARK BARTA

www.samparkabarta.in

ODIA WEEKLY

ପୃଷ୍ଠା ୮



ADVERTISEMENT TARIFF

| | Colour | B & W |
|---|---|---|
| Full Page | 40,000/- | 20,000/- |
| Half Page | 20,000/- | 10,000/- |
| Qrt. Page | 10,000/- | |
| Front Page | 100% Extra | |
| Back Page | 50% Extra | |
| Ear Panel | 3,000/- | |




# ପଟସରା ବାଲାଟ୍ ପେପର ଲୁଟ୍‌ରେ ୫ ଗଲେ ଜେଲ୍

**ଜଗତସିଂହପୁର(ଆଶୁତୋଷ ବେହେରା):-** ଶୁକ୍ରବାର ଜଗତସିଂହପୁର ଜିଲ୍ଲାର ୨ୟ ପର୍ଯ୍ୟାୟ ତ୍ରିସ୍ତରୀୟ ପଂଚାୟତ ନିର୍ବାଚନ ନିମନ୍ତେ ଜଗତସିଂହପୁର ବ୍ଲକରେ ମତଦାନ ଆରମ୍ଭ ହେବା ସମୟରେ ପଟସରା ପଞ୍ଚାୟତର ୧ନଂ ଓ ୨ନଂ ବୁଥରେ ୨୦ ରୁ ୨୫ଜଣ ଯୁବକ ମାରଣାସ୍ତ୍ର ଧରୀ ବୁଥ ମଧ୍ୟରେ ପଶି ଆତଙ୍କ ରାଜ କରିବା ସହିତ ଏଜେଣ୍ଟମାନଙ୍କୁ ମାରପିଟ କରି ୧ନଂ ବୁଥରୁ ବାଲାଟ ପେପର ଓ ୨ନଂ ବୁଥରୁ ଭୋଟ ବାକ୍ସ ଉଠାଇ ନେଇ ଫେରାର ହୋଇ ଯାଇଥିଲେ । ତେବେ ଏହି ଘଟଣା ଘଟିବାର ୧୨ଘଣ୍ଟା ମଧ୍ୟରେ ଏସ୍.ପି ଅଖିଳେଶ୍ୱର ସିଂଙ୍କ କଡା ନିର୍ଦ୍ଦେଶରେ ସଦର ଆଇ.ଆଇ.ସି ପ୍ରଭାସ ଚନ୍ଦ୍ର ସାହୁ ଓ ପୁଲିସ ଟିମ୍ ଉକ୍ତ ପଂଚାୟତରେ ଚଢାଉ କରି ୫ଜଣଙ୍କୁ ଉଠାଇ ନେବା ସହିତ ଘଟଣାର ୨୪ ଘଣ୍ଟା ମଧ୍ୟରେ ଲୁଟ ବାଲାଟ ପେପର ଓ ଭୋଟ ବାକ୍ସ ଜବତ କରାଯାଇଛି । **ତେବେ ଗିରଫ ହୋଇଥିବା ୫ଜଣଙ୍କ ମଧ୍ୟରେ ଉକ୍ତ ପଞ୍ଚାୟତର କଂଗ୍ରେସ ସମର୍ଥୀତ ସରପଞ୍ଚ ପ୍ରାର୍ଥୀ କୂଳପଟସରା ଗ୍ରାମର ଦେବାଶିଷ ରାଉତ ଓ ବିଜେପି ସମର୍ଥିତ ସମିତି ସଭ୍ୟ ପ୍ରାର୍ଥୀ ବଟକୃଷ୍ଣ ପାତ୍ରଙ୍କ ସହିତ ସାଳିଜଙ୍ଗା ଗ୍ରାମର ଲକି ଓରଫ ଚେତନ ରାଉତରାୟ, ଢୋଲବନ୍ଧ ଗ୍ରାମର ସୁରେସ କୁମାର ବାଘ ଓ ଅଜିତ୍ କୁମାର ବାଘ ବୋଲି ଜଣା ଯାଇଛି । ଏହି ଘଟଣାରେ ପୁଲିସ ସେମାନଙ୍କ ବିରୋଧରେ ୧୦୧/୨୦୨୨ ନଂ ମାମଲା ରୁଜୁ କରି ଆଜି ଶନିବାର ଅପରାହ୍ନରେ କୋର୍ଟ ଚାଲଣ କରି ଜେଲ ପଠାଇ ଦିଆ ଯାଇଥିବା ଆଇ.ଆଇ.ସି ଶ୍ରୀ ସାହୁ ସୂଚନା ପ୍ରଦାନ କରିଛନ୍ତି ।** ଅପର ପକ୍ଷରେ ଏହି ହିଂସା ଓ ଲୁଟ୍ ଘଟଣାର ଫେରାର ଥିବା ମାଷ୍ଟର ମାଇଣ୍ଡଙ୍କ ସହିତ ୨୦ ଜଣରୁ ଉର୍ଦ୍ଧଙ୍କୁ ଖୁବ ଶିଘ୍ର ଗିରଫ କରାଯିବ ବୋଲି ଏସ୍.ପି ଶ୍ରୀ ସିଂ ସୂଚନା ପ୍ରଦାନ କରିଛନ୍ତି ।

ସୂଚନା ମୁତାବକ, ପଟସରା ପଂଚାୟତ ପାଇଁ ବିଜେଡି, ବିଜେପି ଓ କଂଗ୍ରେସ ଦଳ ସମର୍ଥନରେ ୩ ଜଣ ପ୍ରାର୍ଥୀ ହୋଇଥିଲେ । ବିଜେଡି ସମର୍ଥୀତ ଅରଣା ଗ୍ରାମର ପ୍ରମୁଖ ରାଉତ ହୋଇଥିବା ବେଳେ, କଂଗ୍ରେସ ସମର୍ଥିତ ପ୍ରାର୍ଥୀ କୂଳପଟସରା ଗ୍ରାମର ଦେବାଶିଷ ରାଉତ୍ ଓ ବିଜେପି ସମର୍ଥିତ ରଂଜୀତ କୁମାର ପ୍ରାର୍ଥୀ ହୋଇଥିଲେ । ସେହିପରି ଉକ୍ତ





- ୧୨ଘଣ୍ଟା ମଧ୍ୟରେ ୫ ଗିରଫ ଓ ୨୪ଘଣ୍ଟା ମଧ୍ୟରେ ବାଲାଟ ପେପର ଓ ବାକ୍ସ ଜବତ ।
- ଆହୁରି ୧୫ରୁ ଉର୍ଦ୍ଧ ହେବେ ଗିରଫ : ସୂଚନା ଦେଲେ ଏସ୍.ପି ।
- ୨୩ରେ ପଟସରା ୧ ଓ ୨ନଂ ବୁଥରେ ସାନି ଭୋଟ୍
- ମଣ୍ଡାସାହି ୧୩ନଂ ୱାର୍ଡରେ ଜିଲ୍ଲାପରିଷଦ ନିମନ୍ତେ ଭୋଟ୍ ।

କୂଳପଟସରା ଗ୍ରାମର ବିଜେପି ସମର୍ଥିତ ସମିତି ସଭ୍ୟ ନିମନ୍ତେ ବଟକୃଷ୍ଣ ଜେନା ପ୍ରାର୍ଥୀ ହୋଇଥିଲେ । ଉକ୍ତ ପଞ୍ଚାୟତରେ ବିଜେଡି ସମର୍ଥୀତ ପ୍ରାର୍ଥୀଙ୍କୁ ହରାଇ କଂଗ୍ରେସ ସମର୍ଥିତ ସରପଞ୍ଚ ପ୍ରାର୍ଥୀ ଶ୍ରୀ ରାଉତ ଓ ବିଜେପି ସମର୍ଥିତ ସମିତି ସଭ୍ୟ ପ୍ରାର୍ଥୀ ଶ୍ରୀ ପାତ୍ରଙ୍କୁ ଜିତାଇବା ପାଇଁ ମିଳିତ କଂଗ୍ରେସ ଓ ବିଜେପି ଉଦ୍ୟମ ଚଳାଇ ଆସୁଥିଲେ । ଏପରିକି କୂଳ ପଟସରା ଗ୍ରାମର ସମସ୍ତ ଭୋଟର ଏହି ନିଷ୍ପତ୍ତିକୁ ମାନି ନେଇଥିଲେ । ଏ ସମସ୍ତ ଯୋଜନା ସମ୍ପର୍କରେ ବିଜେଡି ପ୍ରାର୍ଥୀ ଜାଣିବା ପରେ ଅରଣା ୧ନଂ ବୁଥରେ ଏକ ସରଫା ଭୋଟ ଚାଲିଥିବା ଓ ୨ନଂ ବୁଥରେ କଂଗ୍ରେସ ଓ ବିଜେପି ସମର୍ଥିତ ଏଜେଣ୍ଟଙ୍କୁ ବୁଥ ମଧ୍ୟରେ ବସିବା ପାଇଁ ସୁଯୋଗ ନମିଳିବା ନେଇ କଂଗ୍ରେସ ସମର୍ଥିତ ସରପଞ୍ଚ ଓ ବିଜେପି ସମର୍ଥିତ ସମିତି ସଭ୍ୟ ପ୍ରାର୍ଥୀଙ୍କ ସହିତ ୨୦ ରୁ ୨୫ଜଣ ସେମାନଙ୍କ ସମର୍ଥକମାନେ ବିଭିନ୍ନ ମାରଣାସ୍ତ୍ର ଧରୀ ଅରଣା ୧ନଂ ବୁଥ ଓ ଢୋଲବନ୍ଧ ୨ନଂ ବୁଥରେ ପଶି, ବସିଥିବା ଏଜେଣ୍ଟମାନଙ୍କୁ ମାରପିଟ କରି ଆହତ କରିଥିଲେ ଏବଂ ୧ନଂ ବୁଥରୁ ସମସ୍ତ ବାଲାଟ ପେପର ଓ ୨ନଂ ବୁଥରୁ ଭୋଟ ବାକ୍ସ ନେଇ ଫେରାରା ହୋଇ ଯାଇଥିଲେ । ଏହି ଘଟଣାକୁ ନେଇ ୧ନଂ ଓ ୨ନଂ ବୁଥରେ ମତଦାନ ସମ୍ପୂର୍ଣ୍ଣ ବନ୍ଦ କରି ଦିଆଯିବା ସହିତ ପୁଲିସ ଅଧିକାରୀ ଓ ନିର୍ବାଚନ ଅଧିକାରୀମାନେ ଘଟଣା ସ୍ଥଳରେ ପହଞ୍ଚି ଖୋଳତାଡ କରିଥିଲେ । ସଂଧ୍ୟା ମଧ୍ୟରେ ଉପରୋକ୍ତ ୫ଜଣ ଅଭିଯୁକ୍ତଙ୍କୁ ପୁଲିସ ଥାନାକୁ ଉଠାଇ ନେଇ ପଚରା ଉଚରା କରିଥିଲେ । ଅପର ପକ୍ଷରେ ୫ଜଣ ଶୁକ୍ରବାର ଗିରଫ ହେବା ପରେ ଶବିବାର ଭୋର ସମୟରେ ଲୁଟ ହୋଇଥିବା ଭୋଟ ବାକ୍ସକୁ କେହି ଦୁର୍ବୃତ ୩ନଂ ବୁଥ ତଥା କୂଳପଟସରା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ମାତ୍ର ୩୦୦ମିଟର ଦୂରରେ ଥିବା ଏକ ଧାନକଳ ଘର ସମ୍ମୁଖ ରାସ୍ତା କଡରେ ଥୋଇ ଫେରାର ହୋଇ ଯାଇ ଥିଲେ । ସେହି ପରି ୧ନଂ ବୁଥରୁ ଲୁଟ ହୋଇଥିବା ଉକ୍ତ ବୁଥ ନିକଟସ୍ଥ ବିଲରେ ଫୋପାଡି ଚାଲି ଯିବା ପରେ, ପୁଲିସ ଏ ସମ୍ପର୍କରେ ସୂଚନା ପାଇଁ ଭୋଟ ବାକ୍ସ ଏବଂ ବାଲାଟ ପେପର ବିଡା ଥାନାକୁ ଜବତ କରି ନେଇଥିବା ପୁଲିସ ପକ୍ଷରୁ ସୂଚନା ମିଳିଛି ।

ତେବେ ପଟସରା ପଞ୍ଚାୟତରେ ଏଭଳି ପରିସ୍ଥିତିକୁ ନେଇ ପଟସରା ପଞ୍ଚାୟତର ୧ନଂ ବୁଥ(ଅରଣା) ଓ ୨ନଂ ବୁଥ(ଢୋଲବନ୍ଧ)ରେ ନିର୍ବାଚନକୁ ସମ୍ପୁର୍ଣ୍ଣ ବାଲିତ କରା ଯାଇଥିଲା । ସେହିପରି ପଣ୍ଡାସାହି ପଂଚାୟତର ୧୩ନଂ ୱାର୍ଡରେ ଜିଲ୍ଲାପରିଷ ପ୍ରାର୍ଥୀଙ୍କ ବାଲାଟ ପେପରରେ ତୃଟି ଥିବା ନେଇ ୧୩ନଂ ୱାର୍ଡ ଜିଲ୍ଲାପରିଷଦ ଭୋଟ ବନ୍ଦ କରା ଯାଇ ଥିଲା । ୧୯ତାରିଖ ନିର୍ବାଚନ କମିଶନରଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ପାରୁଲ ପଟାୱରୀ ଆସନ୍ତା ୨୩ତାରିଖରେ ପଟସରା ୧ନଂ ଓ ୨ନଂ ବୁଥରେ ସାନି ଭୋଟ ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ସେହିପରି ମଣ୍ଡାସାହି ୧୩ନଂ ୱାର୍ଡରେ କେବଳ ଜିଲ୍ଲାପରିଷଦ ପାଇଁ ଭୋଟ ହେବ । ଏହି ଭୋଟ ପୂର୍ବାହ୍ନ ୯ଟା ସମୟରୁ ଆରମ୍ଭ ହୋଇ ଅପରାହ୍ନ ୩ଟା ସମୟରେ ଶେଷ ହେବ ବୋଲି ନିର୍ଦ୍ଦେଶ ଦେଇଚନ୍ତି ।

# ଭୋଟ ବେଳେ ସବୁ ସୀମା ଟପିଗଲା ହିଂସାକାଣ୍ଡ

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ସବୁ ସୀମା ପାର କଲା ୩ୟ ପର୍ଯ୍ୟାୟରେ ନିର୍ବାଚନ ହିଂସାକାଣ୍ଡ । ବୁଥ୍ ରିଗିଂ, ଭୋଟ ବାକ୍ସ ଲୁଟ୍, ବିଡିଓଙ୍କୁ ଆକ୍ରମଣ, ସାମ୍ବାଦିକଙ୍କୁ ମାଡ..., ଆଉ ଏବେ ପୋଲିସ୍‌କୁ ମାଡ । କେନ୍ଦ୍ରାପଡା ଜିଲ୍ଲା ରାଜନଗରରେ ପୋଲିସ୍‌କୁ ସର୍ବସମ୍ମୁଖରେ ମାଡ ମରାଯାଇଥିବା ସୂଚନା ମିଳିଛି । ରାଜନଗର ଡେରା ପଞ୍ଚାୟତର ଗୋଖଣି ଗ୍ରାମରେ ଏହି ତୁମୁଳକାଣ୍ଡ ଘଟିଛି । ଭୋଟର ଲିଷ୍ଟରେ ନାଁ ନଥିବା ବ୍ୟକ୍ତି ଏଜେଣ୍ଟ ହେବାରୁ ଉତ୍ତେଜନା ପ୍ରକାଶ ପାଇଥିଲା । ଏ ନେଇ ପୋଲିସ୍ ଓ ସ୍ଥାନୀୟ ଲୋକେ ମୁହାଁମୁହିଁ ହୋଇଥିଲେ । ଏହାପରେ ଗାଁ ଲୋକେ ପୋଲିସ୍ ଉପରକୁ



**୨୨ଜଣଙ୍କୁ ଉଠେଇଲା ପୋଲିସ୍**

## ପାଇପ୍‌ରେ ପୋଲିସ୍‌କୁ ନିର୍ଘାତିଆ ପିଟିଚାଲିଲେ

ଆକ୍ରମଣ କରିଥିଲେ । ପୋଲିସ୍ ଧରିଥିବା ପାଇପ୍‌ରେ ହିଁ ଲୋକମାନେ ପୋଲିସ୍ କର୍ମୀଙ୍କୁ ପିଟିଥିଲେ । ଲୋକଙ୍କ ଅଭିଯୋଗ ଅନୁସାରେ ପ୍ରଥମେ ପୋଲିସ୍ ସ୍ଥାନୀୟ ଲୋକଙ୍କୁ ପିଟିଥିଲେ । ଏହାପରେ ଲୋକେ ଉତ୍ତ୍ୟକ୍ତ ହେବା ପରେ ଏଭଳି ପରିସ୍ଥିତି ଉପୁଜିଥିବା ଅଭିଯୋଗ ହୋଇଛି । ଶେଷରେ ପରିସ୍ଥିତିକୁ ନିୟନ୍ତ୍ରଣ କରିବାକୁ ଯାଇ ପୋଲିସ୍ ଅଧିକାରୀ ନିଜ ସର୍ଭିସ୍ ବନ୍ଧୁକକୁ ଦେଖାଇବାକୁ ପଡିଥିଲା ।

ସୂଚନା ଥାଉକି ଯାଜପୁର ଜିଲ୍ଲା ବିଞ୍ଝାରପୁର ବ୍ଲକ୍ ଜରି ପଞ୍ଚାୟତ ୧୪ନଂ ବୁଥ୍ ଆଗରେ ପୋଲିସ୍ ଉପରକୁ ଟେକା ପଥର ମାଡ କରାଯାଇଛି । ବୁଥ୍ ରାଗିଂ ଉଦ୍ୟମକୁ ନେଇ ଦୁଇ ଗୋଷ୍ଠୀ ମୁହାଁମୁହିଁ ପରେ ଉତ୍ତେଜନା ପ୍ରକାଶ ପାଇଥିଲା । ତେବେ ଉପସ୍ଥିତ ପୋଲିସ୍ ଅଟକାଇବାରୁ ଟେକା ପଥର ମାଡ କରିଛନ୍ତି ଦୁର୍ବୃର୍ତ୍ତ । ଏହି ଆକ୍ରମଣରେ ଦୁଇଜଣ ଆହତ ହୋଇଛନ୍ତି । ବିଞ୍ଝାରପୁର ବ୍ଲକ୍ ଜରି ପଞ୍ଚାୟତ ୧୪ନଂ ବୁଥ୍ ଆଗରେ ଏହି ଆକ୍ରମଣ ହୋଇଛି । ବୁଥ୍ ରେଗିଂ ଉଦ୍ୟମକୁ ନେଇ ଦୁଇ ଗୋଷ୍ଠୀ ମୁହାଁମୁହିଁ ପରେ ଉତ୍ତେଜନା ଦେଖାଦେଇଥିଲା । ତେବେ ଉପସ୍ଥିତ ପୋଲିସ୍ ଅଟକାଇବାରୁ ଟେକା ପଥର ମାଡ କରିଛନ୍ତି ଦୁର୍ବୃର୍ତ୍ତ ।





**ନିର୍ବାଚନ ଅବସରରେ ଗଣମାଧମ ପ୍ରତିନିଧିମାନଙ୍କ ଉପରେ ହୋଇଥିବା ଆକ୍ରମଣ ଓ ଖବର ସଂଗ୍ରହକୁ ନେଇ ଉପୁଜିଥିବା ସମସ୍ୟା ସଂପର୍କରେ ଉତ୍କଳ ସାମ୍ବାଦିକ ସଂଘର ସଭାପତି ବିଭୁତି ଭୁଷଣ କରଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳ ଏକ ସ୍ମାରକ ପତ୍ର ପୂର୍ବକ ରାଜ୍ୟ ନିର୍ବାଚନ ଆୟୁକ୍ତଙ୍କୁ ଭେଟିଛନ୍ତି । ଗଣମାଧମର ସାଧୀନତାକୁ ଅକ୍ଷୁର୍ଣ୍ଣ ରଖିବା ପାଇଁ ଯଥୋଚିତ ପ୍ରଦକ୍ଷେପ ନିଆଯିବ ବୋଲି ମାନ୍ୟବର ଆୟୁକ୍ତ ଆଲୋଚନା ସମୟରେ ପ୍ରତିଶୃତି ରଖିଛନ୍ତି ।**

# ପୁଣି ଏକ ସାମ୍ବାଦିକ ସଂଘ କମିଶନଙ୍କୁ ଭେଟିଲେ

**ଭୁବନେଶ୍ୱର(ରାମଚନ୍ଦ୍ର ମହାନ୍ତି, ରାଜ୍ୟ ପ୍ରତିନିଧି):-** ପଞ୍ଚାୟତ ନିର୍ବାଚନ ସମୟରେ ପ୍ରଥମ/ଦ୍ୱିତୀୟ ପର୍ଯ୍ୟାୟ ପରେ(ରବିବାର) ୩ୟ ପର୍ଯ୍ୟାୟ ନିର୍ବାଚନ ବେଳେ ସାମ୍ବାଦିକଙ୍କୁ ମାଡ ଘଟଣାରେ ରାଜ୍ୟ ନିର୍ବାଚନ କମିଶନଙ୍କୁ ଭେଟିଛନ୍ତି ପୁଣି ଏକ ସାମ୍ବାଦିକ ପ୍ରତିନିଧି ମଣ୍ଡଳୀ । ଦୁର୍ବୃର୍ତ୍ତଙ୍କୁ ତୁରନ୍ତ ଗିରଫ ଓ କଡା କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି ସାମ୍ବାଦିକ ପ୍ରତିନିଧି ମଣ୍ଡଳୀ । ନିର୍ବାଚନ କର୍ମଚାରୀଙ୍କୁ ଆକ୍ରମଣ ବେଳେ ଯେଉଁ ଦଫା ଲାଗିଛି ସେଇ ଦଫା ଲାଗୁ ବୋଲି ଦାବି ମଧ କରିଛନ୍ତି ସାମ୍ବାଦିକ ପ୍ରତିନିଧି ମଣ୍ଡଳୀ । ସାମ୍ବାଦିକମାନଙ୍କ ଏହି ଦଳ ରାଜ୍ୟ ନିର୍ବାଚନ ଆୟୋଗଙ୍କୁ ରବିବାର ସନ୍ଧ୍ୟାସୁଦ୍ଧା ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯାଇ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଦାବି କରିଛନ୍ତି । ୩ୟ ପର୍ଯ୍ୟନ୍ତ ନିର୍ବାଚନ ସମୟରେ ଯାଜପୁର ଜିଲ୍ଲା ବିଞ୍ଝାରପୁର ବାଛୋଳ ପଞ୍ଚାୟତର ୨ନଂ ବୁଥ୍ ନିକଟରେ ସାମ୍ବାଦିକଙ୍କୁ ଆକ୍ରମଣ ହୋଇଛି । ବୁଥ୍ ରିଗିଂ ବେଳେ ଖବର ସଂଗ୍ରହ କରିଥିଲେ ସାମ୍ବାଦିକ, ହେଲେ ଏହାକୁ ରୋକିବା ପାଇଁ ଏହି ଆକ୍ରମଣ କରାଯାଇଥିଲା । ସେହିଭଳି ନୟାଗଡ ଗଦାଧର ପ୍ରସାଦରେ ପୋଲିଂ ଏଜେଣ୍ଟ ଓ ସାମ୍ବାଦିକଙ୍କୁ ଆକ୍ରମଣ ହେବାର ଖବର ଆସିଛି । ସେହିଭଳି ବୁଧବାର ଦିନ ପୁରୀର କଣାସ ବ୍ଲକ୍ ଅନ୍ତର୍ଗତ ବଦଲା ପଞ୍ଚାୟତରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ମତଦାନ ସମୟରେ କାର୍ଯ୍ୟରତ ଥିବା ୪ ସାମ୍ବାଦିକଙ୍କୁ ଦୁର୍ବୃର୍ତ୍ତମାନେ ଅତି ନିର୍ମମ ଭାବେ ଆକ୍ରମଣ କରିଥିଲେ । ପ୍ରକାଶ ଥାଉକି ଓଡ଼ିଶା ସାମ୍ବାଦିକ ସଂଘ(ଓଜେଏ)ର ସଭାପତି ତଥା ବରିଷ୍ଠ ସାମ୍ବାଦିକ ପ୍ରସନ୍ନ ମହାନ୍ତିଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ କମିଶନଙ୍କୁ ଭେଟିଥିବା ଜଣାପଡିଛି ।



# ପୁଣି ସାମ୍ବାଦିକଙ୍କୁ ନିର୍ଧୁମ୍ ପିଟିଲେ

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନର ୩ୟ ପର୍ଯ୍ୟାୟ ମତଦାନ ବେଳେ କିଛି ସ୍ଥାନରେ ହିଂସାକାଣ୍ଡ ଘଟଣା ସାମ୍ନାକୁ ଆସିଛି । କେଉଁଠି ଦୁର୍ବୃର୍ତ୍ତମାନେ ଭୋଟ ବାକ୍ସ ଉଠାଇ ନେଇଛନ୍ତି ତ ଆଉ କେଉଁଠି ଆକ୍ରମଣ କରିଛନ୍ତି । ପ୍ରଥମେ ଦୁର୍ବୃର୍ତ୍ତମାନେ ବୁଥ୍‌ରୁ ଭୋଟ ବାକ୍ସ ନେଇ ପଳାଇଯାଉଥିବା ଖବର ସାମ୍ନାକୁ ଆସିଥିଲା । ଏହାପରେ ବିଡିଓଙ୍କୁ ଆକ୍ରମଣ ନେଇ ଅଭିଯୋଗ ଓ ସାମ୍ବାଦିକଙ୍କୁ ଆକ୍ରମଣ ନେଇ ଅଭିଯୋଗ ଆସିଚି । ଯାଜପୁର ଜିଲ୍ଲାରେ ଏହି ହିଂସା ଘଟଣା ସାମ୍ନାକୁ ଆସିଛି । ଖବର ସଂଗ୍ରହ ବେଳେ ୩ଜଣ ସାମ୍ବାଦିକଙ୍କୁ ଏହି ମରଣାନ୍ତକ ଆକ୍ରମଣ ହୋଇଛି । ଯାଜପୁର ବିଞ୍ଝାରପୁର ବାଛାଳ ପଞ୍ଚାୟତର ୨ନଂ ବୁଥ୍ ନିକଟରେ ଦୁର୍ବୃର୍ତ୍ତମାନେ ସାମ୍ବାଦିକଙ୍କୁ ସଂଘବଦ୍ଧ ଆକ୍ରମଣ କରିଛନ୍ତି । ଦୁର୍ବୃର୍ତ୍ତଙ୍କ ଆକ୍ରମଣର ଶୀକାର ହୋଇଥିବା ବୈଦ୍ୟୁତିକ ଗଣମାଧମର ଏହି ୩ ଜଣ ସାମ୍ବାଦିକ ହେଲେ ଦେବାଶିଷ ସାହୁ, ଗୁନ୍‌ସନ୍ ଅଲ୍ଲୀ ନୱାଜ ଓ ବିଜୟ ସାହୁ । ଦୁର୍ବୃର୍ତ୍ତମାନେ ବୁଥ୍ ରିଗିଂ ଉଦ୍ୟମ ବେଳେ ଏହି ସାମ୍ବାଦିକମାନେ ଖବର ସଂଗ୍ରହ କରୁଥିଲେ । ଏହି ସମୟରେ ଦୁର୍ବୃର୍ତ୍ତମାନେ ସାମ୍ବାଦିକଙ୍କୁ ନିର୍ଦ୍ଧୁମ୍ ମାଡ ମାରିଥିବାର ଅଭିଯୋଗ ହୋଇଛି ।





## 'ତେଜସ୍ୱିନୀ'ସଭାନେତ୍ରୀ ଅଞ୍ଜନାଙ୍କ ମହାନତା

**ଜଗତସିଂହପୁର(ସଂପର୍କବାର୍ତ୍ତା):-** 'ତେଜସ୍ୱିନୀ' ମହିଳା ସୁରକ୍ଷା ସଂଗଠନର ସଭାନେତ୍ରୀ ଅଞ୍ଜନା ସାହୁଙ୍କ ମହାନତାକୁ ସମଗ୍ର ରାଜ୍ୟରେ ପ୍ରଶଂସନୀୟ ହୋଇଛି । ବୁଝିବାରୁ ଜଗତସିଂହପୁର ବ୍ଲକ୍ ପିତେଇପୁର ପଞ୍ଚାୟତର କୂଳସାହି ଗ୍ରାମର ଦୁଇ ପିଲାଙ୍କ ପୁରା ପରିବାର ନିଶ୍ଚିହ୍ନ ହୋଇଯାଇଛି । ପ୍ରଥମେ ମା' ବ୍ରେନ୍ ଷ୍ଟ୍ରୋକ୍‌ରେ ବାପା କରୋନାରେ ଓ ଦାଦା ଦୁର୍ଘଟଣାରେ ମୃତ୍ୟୁବରଣ କରିଛନ୍ତି । ଅସହାୟ ହୋଇ ଯେଉଁ ଦୁଇଟି ପିଲା ପିଇସା ପାଖରେ ଆଶ୍ରୟ ନେଇଛନ୍ତି ସେ ପିଇସା ଜଣେ ପାରାଲିସିସ୍ ରୋଗୀ । ସେମାନଙ୍କୁ ସଭାନେତ୍ରୀ ଶ୍ରୀମତୀ ସାହୁ ଦେଖାକରି ଯାହାକିଛି ସାହାଯ୍ୟ କରିଛନ୍ତି । ଜିଲ୍ଲାପାଳଙ୍କୁ କହି ଅନାଥ ଛୁଆଙ୍କୁ ଯେଉଁ ୪୦ ହଜାର ଟଙ୍କା



ମିଳେ ସେ ଦୁହେଁ ପାଇବା ପାଇଁ ଶ୍ରୀମତୀ ସାହୁ ଚେଷ୍ଟା ମଧ କରୁଛନ୍ତି । ସବୁଠାରୁ ଖୁସିର ଓ ବଡ କଥା ହେଉଛି ଦୁଇ ପିଲାଙ୍କ ମଧରୁ ଝିଅକୁ ଶ୍ରୀମତୀ ସାହୁ ପୋଷ୍ୟ ସନ୍ତାନ ଭାବେ ଗ୍ରହଣ କରିଛନ୍ତି ।

# ପୌର ନିର୍ବାଚନରେ ଖର୍ଚ୍ଚ...

**ଭୁବନେଶ୍ୱର(ପରମେଶ୍ୱର ଦାଶ):-** ରାଜ୍ୟ ନିର୍ବାଚନ କମିଶନ ଆସନ୍ତା ପୌର ନିର୍ବାଚନରେ ଅଂଶଗ୍ରହଣ କରିବାକୁ ଥିବା ବିଭିନ୍ନ ପଦବୀ ପାଇଁ ପ୍ରାର୍ଥୀମାନଙ୍କ ନିମନ୍ତେ ଗାଡିର ବ୍ୟବହାର ଓ ନିର୍ବାଚନୀ ଖର୍ଚ୍ଚ ନେଇ ନିର୍ଦ୍ଦେଶନାମା ଜାରି କରିଛନ୍ତି । ପ୍ରତ୍ୟେକ ୱାର୍ଡର କାଉନସିଲର/କର୍ପୋରେଟର ପଦବୀ ନିମନ୍ତେ ନିର୍ବାଚନ ଲଢୁଥିବା ପ୍ରାର୍ଥୀମାନେ ତିନିଚକିଆ ଓ ଚାରିଚକିଆ ଗାଡିକୁ ମିଶାଇ ସର୍ବାଧିକ ଦୁଇଟି ଗାଡି ବ୍ୟବହାର କରିପାରିବେ । ବିଜ୍ଞାପିତ ଅଞ୍ଚଳ ପରିଷଦ/ମୁନିସିପାଲିଟି ଅଞ୍ଚଳ ମଧରେ ଅଧକ୍ଷ ପଦ ଲାଗି ନିର୍ବାଚନ ଲଢୁଥିବା ପ୍ରାର୍ଥୀମାନେ ତିନିଚକିଆ ଓ ଚାରିଚକିଆ ଗାଡି ମିଶାଇ ସର୍ବାଧିକ ଚାରୋଟି ଗାଡି ବ୍ୟବହାର କରିପାରିବେ ବୋଲି ନିର୍ବାଚନ କମିଶନ ନିର୍ଦ୍ଦେଶନାମା ଜାରି ଜାରି କରିଛନ୍ତି । ପ୍ରାର୍ଥୀମାନେ କେଉଁ ପ୍ରକାରର ଗାଡି, ଗାଡିର ପଞ୍ଜିକରଣ ନମ୍ବର ଓ ଗାଡିର ମାଲିକ ସଂପର୍କରେ ନିର୍ବାଚନ କାର୍ଯ୍ୟରେ ବ୍ୟବହାର ପୂର୍ବରୁ ସଂପୃକ୍ତ ନିର୍ବାଚନ ଅଧିକାରୀଙ୍କୁ ଲିଖିତ ଆକାରରେ ଜଣାଇବେ । ପୌର ନିର୍ବାଚନରେ ପ୍ରାର୍ଥୀମାନେ ଓଡ଼ିଶା ମୁନିସିପାଲିଟି ଅଧିନିୟମ ୧୯୫୦ ଧାରା ୧୭(କ)ର ଉପଧାରା(i) ଅନୁସାରେ ୫୦ ହଜାର ଜନସଂଖ୍ୟାବିଶିଷ୍ଟ ବିଜ୍ଞାପିତ ଅଞ୍ଚଳ ପରିଷଦ/ମୁନିସିପାଲିଟି ଅଞ୍ଚଳ ପାଇଁ ନିର୍ବାଚନରେ ପ୍ରତିଦ୍ୱନ୍ଦିତା କରୁଥିବା କାଉନ୍‌ସିଲର/କର୍ପୋରେଟର ପ୍ରାର୍ଥୀମାନେ ସର୍ବାଧିକ ୫୦ ହଜାର ଟଙ୍କା ଓ ଅଧକ୍ଷ ପଦବୀ ନିମନ୍ତେ ପ୍ରତିଦ୍ୱନ୍ଦିତା କରୁଥିବା ପ୍ରାର୍ଥୀମାନେ ସର୍ବାଧିକ ୨ଲକ୍ଷ ଟଙ୍କା ଖର୍ଚ୍ଚ କରିପାରିବେ । ୫୦ ହଜାରରୁ ଏକ ଲକ୍ଷ ଜନସଂଖ୍ୟାବିଶିଷ୍ଟ ମୁନିସିପାଲିଟି ଅଞ୍ଚଳରେ କାଉନ୍‌ସିଲର/କର୍ପୋରେଟର ପଦବୀ ନିମନ୍ତେ ପ୍ରତିଦ୍ୱନ୍ଦିତା କରୁଥିବା ପ୍ରାର୍ଥୀମାନେ ସର୍ବାଧିକ ୭୫ ହଜାର ଟଙ୍କା ଓ ଅଧକ୍ଷ/ମେୟର ପଦବୀ ନିମନ୍ତେ ପ୍ରତିଦ୍ୱନ୍ଦିତା କରୁଥିବା ପ୍ରାର୍ଥୀମାନେ ସର୍ବାଧିକ ୩ଲକ୍ଷ ଟଙ୍କା ନିର୍ବାଚନରେ ଖର୍ଚ୍ଚ କରିପାରିବେ । ସେହିପରି ଏକ ଲକ୍ଷରୁ ଅଧିକ ଜନସଂଖ୍ୟା ଥିବା ମୁନିସିପାଲିଟି ଅଞ୍ଚଳରେ କାଉନ୍‌ସିଲର/କର୍ପୋରେଟର ପଦବୀ ନିମନ୍ତେ ପ୍ରାର୍ଥୀମାନେ ସର୍ବାଧିକ ୧ଲକ୍ଷ ଓ ଅଧକ୍ଷ/ମେୟର ପଦବୀ ନିମନ୍ତେ ପ୍ରତିଦ୍ୱନ୍ଦିତା କରୁଥିବା ପ୍ରାର୍ଥୀମାନେ ସର୍ବାଧିକ ୫ଲକ୍ଷ ଟଙ୍କା ନିର୍ବାଚନରେ ଖର୍ଚ୍ଚ କରିପାରିବେ । ସେହିପରି ମହାନଗର ନିଗମର କର୍ପୋରେଟର ପଦବୀ ନିମନ୍ତେ ପ୍ରାର୍ଥୀମାନେ ସର୍ବାଧିକ ୨ଲକ୍ଷ ଓ ମେୟର ପଦବୀ ନିମନ୍ତେ ପ୍ରତିଦ୍ୱନ୍ଦିତା କରୁଥିବା ପ୍ରାର୍ଥୀମାନେ ସର୍ବାଧିକ ୧୨ଲକ୍ଷ ଟଙ୍କା ନିର୍ବାଚନୀ ଖର୍ଚ୍ଚ କରିପାରିବେ ବୋଲି ନିର୍ବାଚନ କମିଶନ ନିର୍ଦ୍ଦେଶ ଦେଇଛନ୍ତି ।

**ଜଗତସିଂହପୁରରେ ଲଜ୍ଜା**

# ବୁଥ୍‌ରୁ ଫେରୁଥିବା ଯୁବତୀଙ୍କୁ ଦୁଷ୍କର୍ମ

**ଜଗତସିଂହପୁର(ରାମଚନ୍ଦ୍ର ମହାନ୍ତି, ରାଜ୍ୟ ପ୍ରତିନିଧି):-** ଆଜି (୨୦ ତାରିଖ) ଜଗତସିଂହପୁର ଜିଲ୍ଲାରେ ଘଟିଛି ଲଜ୍ଜାକର ଘଟଣା । ସୂଚନା ଅନୁସାରେ ତିର୍ତ୍ତୋଲ୍ ଥାନା ଅଞ୍ଚଳରେ ଜଣେ ଯୁବତୀ ଭୋଟ ଦେଇ ଘରକୁ ଫେରୁଥିବା ବେଳେ ତାଙ୍କ ସହିତ ପାଖ ଗାଁର କିଛି ଯୁବକ ଅସଦାଚରଣ କରିଥିଲେ ଓ ନିକଟ ବଣକୁ ଟେକିନେଇ ଦୁଷ୍କର୍ମ ଉଦ୍ୟମ କରିଥିଲେ । ଏହାପରେ କିଛି ଲୋକ ଆସିବାରୁ ଯୁବକମାନେ ସେଠାରୁ ପଳାଇଥିଲେ ଓ ପୁରା ଘଟଣା ସଂପର୍କରେ ଯୁବତୀଜଣକ ନିଜ ପରିବାର ଲୋକଙ୍କୁ ଜଣାଇବା ପରେ ତିର୍ତ୍ତୋଲ୍ ଥାନାରେ ଏ ନେଇ ଲିଖିତ ଅଭିଯୋଗ କରାଯାଇଛି ।




ଯୋଗାଯୋଗ ପ୍ରତିନିଧି- ରାଜ୍ୟ ପ୍ରତିନିଧି-୯୪୩୭୦୨୩୩୮୦(ରାମଚନ୍ଦ୍ର ମହାନ୍ତି), ଭୁବନେଶ୍ୱର-୯୫୮୩୭୮୩୩୫୧(ପରମେଶ୍ୱର ଦାଶ), କଟକ-୯୪୩୭୬୨୮୪୩୯(ତପନ ମହାନ୍ତି), ଜଗତସିଂହପୁର-୯୭୭୭୪୩୧୯୫୯(ଅକ୍ଷୟ କୁମାର ବେହେରା), ଜଗତସିଂହପୁର ବ୍ଲକ/ମ୍ୟୁନିସିପାଲିଟି-୯୩୩୭୦୯୨୮୧୭(ପବିତ୍ର କୁମାର ଦାଶ)



ବି.ଦ୍ର- ସମ୍ବାଦ ପରିବେଷଣ କରୁଥିବା ସାମ୍ବାଦିକ ପ୍ରକାଶିତ ସମ୍ବାଦ ପାଇଁ ଉତ୍ତରଦାୟୀ ରହିବେ । ପ୍ରକାଶକ ଓ ସମ୍ପାଦକ ନୁହଁନ୍ତି ।

All disputes relating to any news item published shall be subject to the Jurisdiction of Jagatsinghpur court/s.

ପ୍ରକାଶିତ ସମ୍ବାଦ ବାବଦରେ ଯେକୌଣସି ବିବାଦ ସମ୍ବନ୍ଧୀୟ ମାମଲା କେବଳ ଜଗତସିଂହପୁରସ୍ଥିତ ଅଦାଲତରେ କରାଯାଇ ପାରିବ ।



Printed , Published & owned by Rama Chandra Mohanty Printed at Mayur Offset Printers, Plot No. D-1/1, Sector-A, Zone-D, Mancheswar Industrial Estate, Bhubaneswar-751010, Dist-Khurda (Odisha) and Published at Panisalia, Jagatsinghpur, Odisha, City Office : AT- SANJUKTA BHAWAN, PLOT NO. 48/992 , MAHATAB ROAD, OLD TOWN, BHUBANESWAR-751002, ODISHA

ସଂପାଦକ : ରାମଚନ୍ଦ୍ର ମହାନ୍ତି

● Editor : Rama Chandra Mohanty Mob- 9437023380, 7978875473 Email : samparkabarta1@gmail.com

News Editor: Akshaya Kumar Behera